ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର, ଅକ୍ଟୋବର ୬/୨୦୨୦ (୧୨ପୃଷ୍ଠା) | Dhenkanal, Tuesday, October 6/2020 | ★★★★★
୧୬ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



## ସୁଇମିଂ ସୁଟ୍‌ରେ ଦିଶା

ଦିଶାଙ୍କ ଫଟୋ ପୁଣି ଥରେ ସୋସିଆଲ ମିଡିଆରେ ଧୁମ୍ ମଚାଇଛି। ସେ ହଳଦିଆ ରଙ୍ଗର ସୁଇମିଂ ସୁଟ୍ ପିନ୍ଧିବାର ନଜର ଆସିଛନ୍ତି।

୦୨

୧୦

## କ୍ୱାର୍ଟର ଫାଇନାଲରେ ସିତ୍‌ସିପାସ

ବୁଲଗେରିଆର ଗ୍ରିଗୋର ଡିମିଟ୍ରୋଭଙ୍କୁ ହରାଇ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ।



# ୩ ବୈଜ୍ଞାନିକଙ୍କୁ ମେଡିସିନରେ ନୋବେଲ



ହାର୍ଭେ ଜେମ୍ସ ଆଲଟର



ମାଇକେଲ୍ ହଫ୍‌ଟନ



ଚାର୍ଲ୍ସ ଏମ୍ ରାଇସ୍

**ଷ୍ଟକହୋମ୍,୫।୧୦**

- ନୀରବ ଘାତକ 'ହେପାଟାଇଟିସ୍ ସି' ଭୂତାଣୁକୁ ଆବିଷ୍କାର କରିଛନ୍ତି
- ବିଶ୍ୱରେ ଲକ୍ଷାଧିକ ଜୀବନ ବଞ୍ଚିଯିବ

ରହସ୍ୟଜନକ ତଥା ନୀରବ ଘାତକ 'ହେପାଟାଇଟିସ୍ ସି' ଭୂତାଣୁ ଆବିଷ୍କାର ପାଇଁ ୩ଜଣ ବୈଜ୍ଞାନିକ ପାଇଛନ୍ତି ଚଳିତବର୍ଷର ମେଡିସିନ୍(ଭେଷଜ)ରେ ନୋବେଲ ପୁରସ୍କାର। ନୋବେଲ କମିଟି ସେକ୍ରେଟାରୀ ଜେନେରାଲ ଥୋମାସ ପର୍ଲମାନ ସୋମବାର ସେମାନଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ଆମେରିକାର ହାର୍ଭେ ଜେମ୍ସ ଆଲଟର, ଚାର୍ଲ୍ସ ଏମ୍ ରାଇସ୍ ଏବଂ ବ୍ରିଟେନର ମାଇକେଲ୍ ହଫ୍‌ଟନ। ☞ପୃଷ୍ଠା–୪

# ଖଣି ଦୁର୍ନୀତି: ଘେରିଲେ ବିରୋଧୀ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

### ରାଜକୋଷ ହରାଇଛି ୧ ଲକ୍ଷ କୋଟି

- ଲିଜ୍ ମିଆଦ ବୃଦ୍ଧିକୁ ଭାଜପାର ବିରୋଧ
- ଖଣି ଚୋରି ରୋକିବାରେ ଭିଜିଲାନ୍ସ ବିଫଳ: କଂଗ୍ରେସ
- ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍ ଅନୁଯାୟୀ ଖଣି ନିଲାମ ହୋଇଛି: ବିଜେଡି



ଖଣି ଦୁର୍ନୀତି ପ୍ରସଙ୍ଗକୁ ନେଇ ବିରୋଧୀ ପୁଣି ସରକାରଙ୍କୁ ଘେରିଛନ୍ତି। ଖଣି ମାଫିଆ ଓ ଅଫିସର ଲକ୍ଷେ କୋଟି ଟଙ୍କା ଲୁଟି ନେଇଛନ୍ତି। ସରକାର ଜାଣିଶୁଣି କୋଟି କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି। କରୋନା ମହାମାରୀ ବେଳେ ରାଜ୍ୟର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏପରି ସ୍ଥଳେ ରାଜ୍ୟ ସରକାର ଖଣି ମାଫିଆମାନଙ୍କୁ ୧ ଲକ୍ଷ କୋଟି ଟଙ୍କା ଛାଡ଼ି ଦେଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ମଙ୍ଗଳବାର ଏହା ଉପରେ ମୁଲତବୀ ପ୍ରସ୍ତାବ ଆଣିବାକୁ କହିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଅହେତୁକ ☞ପୃଷ୍ଠା–୪

## ଏମ୍‌ଏସ୍‌ପି ଚାଷୀଙ୍କ ଆଇନଗତ ଅଧିକାର: ନରସିଂହ

### 'ଭୋକର ଭୂଗୋଳ'ରୁ 'ବିକାଶର ଭୂଖଣ୍ଡ': କୃଷିମନ୍ତ୍ରୀ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

କୃଷି ଆଇନକୁ ନେଇ ଭାଜପା ଓ ବିଜେଡିକୁ ସମାନଭାବେ ସମାଲୋଚନା କରିଛି କଂଗ୍ରେସ। ବିଧାନସଭାରେ କୃଷି ଆଇନକୁ ଦୃଢ଼ ବିରୋଧ କରି ଭାଜପା ଉପରେ ବର୍ଷିଛନ୍ତି କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର। କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କିତ ☞ପୃଷ୍ଠା–୪

# ୧୩ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

### ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ



ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଏବଂ ଏହାକୁ ଲାଗି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ ଜିଲା ଗଜପତି, ଗଞ୍ଜାମ, ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ, ସମ୍ବଲପୁର ଏବଂ ସୋନପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜକନିକାରେ ୧୫ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେବନା ୯, ଲମତାପୁଟ ୮, କୋଟ୍ରାଗୁଡା ୮, ରାୟଗଡା ୮, ମାଥିଲି ୮, କୋଟପାଡ ୭, ତିର୍ତ୍ତୋଲ ୭, ନିଆଳି ୭, ମୁନିଗୁଡା ୬, ଆଳିପିଙ୍ଗଳ ୬, ଲାଞ୍ଜିଗଡ ୬, ଛେଣ୍ଡିପଦା ୬, ବିଷମକଟକ ୬, ଧର୍ମଗଡ ୫, କଳାହାଣ୍ଡି ୫, ଯୁଯୁମୁରା ୫, କୁଜଙ୍ଗ ୫ ଏବଂ ମାହାଙ୍ଗାରେ ୫ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

ଏହାଛଡ଼ା ଆସନ୍ତା ୯ ତାରିଖରେ ଆଣ୍ଡାମାନ ଉପକୂଳ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୯ରୁ ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

# ଭାରତ ବଜାର ଛାଡ଼ିବ ଏୟାର ଏସିଆ




- କରୋନା ଯୋଗୁ କାରବାର କ୍ଷତି
- ସମ୍ପୂର୍ଣ୍ଣ ଅଂଶଧନ ଟାଟାକୁ ବିକିପାରେ
- ବିମାନ ଚଳାଚଳ ମନ୍ତ୍ରୀଙ୍କ ବୟାନ ପରେ ଚର୍ଚ୍ଚା ଜୋର୍‌ଦାର

**ନୂଆଦିଲ୍ଲୀ,୫।୧୦**

ସୁଲଭ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ ଭାରତ ଛାଡ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। କରୋନା ଯୋଗୁ ବିମାନ ଚଳାଚଳ କ୍ଷେତ୍ର ସଙ୍କଟରେ ଚାଲିଛି। ପୂର୍ବରୁ ମଧ୍ୟ ଏହି କମ୍ପାନୀ ଭାରତ ଛାଡିବା ନେଇ ଚିନ୍ତା କରୁଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ହେଲେ କେବେ ସୁଦ୍ଧା କମ୍ପାନୀ ଭାରତ ଛାଡିବ ସେ ନେଇ ସେ ସ୍ପଷ୍ଟ କରି ନ ଥିଲେ। କମ୍ପାନୀର ଏହି ଯୋଜନାକୁ ନେଇ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

### ଅଷ୍ଟ୍ରିଚ୍ ସରକାର

**ଆଜିର ମନ୍ତବ୍ୟ**

"କୃଷି ବିଲ୍‌କୁ ବିରୋଧ ଜାରି ରହିବ, ହେଲେ ମାଲବାହୀ ଟ୍ରେନ ଯିବା ଲାଗି ରେଳରୋକୋରେ କୃଷକମାନେ କୋହଳ ମନୋବୃତ୍ତି ରଖିବା ଜରୁରୀ।

- ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

# ଶିବାଶିଷ ରାଉତ ଓଡ଼ିଶା ଟପ୍ପର

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

### ଜେଇଇ ଆଡଭାନ୍ସଡ୍ ରେଜଲ୍ଟ

- ଆଇଆଇଟି ବମ୍ବେ ଜୋନ୍‌ର ଚିରାଗ ଫାଲୋର ସର୍ବଭାରତୀୟ ଟପ୍ପର
- ଛାତ୍ରୀଙ୍କ ମଧ୍ୟରେ କନିଷ୍କା ମିତ୍ତଲ ରଖିଛନ୍ତି ସର୍ବାଧିକ ନମ୍ବର



ଜେଇଇ ଆଡଭାନ୍ସଡ ୨୦୨୦ର ଫଳାଫଳ ସୋମବାର ଆଇଆଇଟି–ଦିଲ୍ଲୀ ପକ୍ଷରୁ ଘୋଷଣା କରାଯାଇଛି। ସାରା ଦେଶରେ ପ୍ରାୟ ୧.୫ ଲକ୍ଷ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବାବେଳେ ୪୩,୨୦୪ଜଣ ପାସ୍ କରିଛନ୍ତି। କମନ୍ ର‌୍ୟାଙ୍କ୍ ଲିଷ୍ଟ (ସିଆର୍‌ଏଲ୍)ରେ ଚିରାଗ ଫାଲୋର ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୯୬ ନମ୍ବର ମଧ୍ୟରୁ ୩୫୨ନମ୍ବର ରଖିଛନ୍ତି। ଚିରାଗ ଆଇଆଇଟି ବମ୍ବେ ଜୋନ୍‌ରୁ ଆସିଥିଲେ। ସେହିଭଳି ଆଇଆଇଟି ରୁର୍‌କି ଜୋନ୍‌ର କନିଷ୍କା ମିତ୍ତଲ ୧୭ ର‌୍ୟାଙ୍କ୍ ସହ ଛାତ୍ରୀଙ୍କ ମଧ୍ୟରେ ଶୀର୍ଷରେ ରହିଛନ୍ତି। ସେ ୩୯୬ ନମ୍ବର ମଧ୍ୟରୁ ୩୧୫ ନମ୍ବର ହାସଲ କରିଛନ୍ତି। ତେବେ ଭୁବନେଶ୍ୱରର ଶିବାଶିଷ ରାଉତ ଓଡ଼ିଶା ଟପ୍ପର ହୋଇଛନ୍ତି। ତେବେ ସେ ୨୮୭ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୭୩ତମ ର‌୍ୟାଙ୍କ୍‌ରେ ରହିଛନ୍ତି। ଫଳାଫଳ ଜାଣିବା ପରେ ଶିବାଶିଷ ଖୁସିବ୍ୟକ୍ତ କରି କହିଛନ୍ତି ଯେ, ଆଶାଠାରୁ ଭଲ ରେଜଲ୍ଟ ହୋଇଛି। ମୁଁ ପ୍ରତିଦିନ ୧୦ ରୁ ୧୧ ଘଣ୍ଟା ଅଧ୍ୟୟନ କରୁଥିଲି। ଶିକ୍ଷକଙ୍କ ମାର୍ଗଦର୍ଶନ ଓ ସମର୍ଥନ ମୋ ମନରେ ବିଶେଷ ସାହସ ଓ ଆଗ୍ରହ ସୃଷ୍ଟି କରିଥିଲା। ବର୍ତ୍ତମାନ କେବଳ ଦିଲ୍ଲୀ କିମ୍ବା ମୁମ୍ବାଇ ପରି ଭଲ ଆଇଆଇଟିରେ ପ୍ରବେଶ କରିବା ମୋର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲାର ରୌନକ ଡାଲମିଆ ସର୍ବଭାରତୀୟ ସ୍ତରରେ ୫୨ ର‌୍ୟାଙ୍କ୍ ହାସଲ କରିଥିଲେ ମଧ୍ୟ ସେ ଛତିଶଗଡ଼ ରାୟପୁରରେ ପରୀକ୍ଷା ଦେଇଥିଲେ। ☞ପୃଷ୍ଠା–୪

# ଦିନକରେ ୩ ସ୍ଥାନରୁ ୧୨.୮୮ ଲକ୍ଷ ଲୁଟ୍

**ଜଟଣୀ,(ଡି.ଏନ୍.ଏ.)/ବଲାଙ୍ଗୀର ଅଫିସ/ବାଲେଶ୍ୱର ଅଫିସ,୫।୧୦**

ବିଭିନ୍ନ ସ୍ଥାନରୁ ସୋମବାର ବନ୍ଧୁକ ଓ ଭୁଜାଲି ଦେଖାଇ ୧୨ଲକ୍ଷ ୮୮ହଜାର ଟଙ୍କା ଲୁଟ୍ ହୋଇଛି। ଖୋର୍ଦ୍ଧା ଜିଲା ଜଟଣୀ ମ୍ୟୁନିସିପାଲିଟି ଅଫିସ ରାସ୍ତାରୁ ୬ଲକ୍ଷ ୬୮ହଜାର ୨୭ଟଙ୍କା ଲୁଟ୍ ହୋଇଥିବା ବେଳେ ବଲାଙ୍ଗୀର ସହର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକ ସମ୍ମୁଖ ଷ୍ଟେଟ୍ ବ୍ୟାଙ୍କର ଏଗ୍ରିକଲଚରାଲ ଡେଭଲପମେଣ୍ଟ ବ୍ରାଞ୍ଚ(ଏଡିବି) ସମ୍ମୁଖରୁ ୫ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବାଲେଶ୍ୱର ଜିଲା ସଦର ଥାନା ଅଧୀନ ଗୁଜୁରିବଜାର ଛକ ନିକଟରୁ ୧ଲକ୍ଷ ୨୦ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ଜଟଣୀ ମ୍ୟୁନିସିପାଲିଟି ଅଫିସ ରାସ୍ତାରୁ ୩ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀଙ୍କଠାରୁ ୬ଲକ୍ଷ ୬୮ହଜାର ୨୭ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଟଣୀ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରାହ୍ନ ପ୍ରାୟ ୧ଟାରେ ସଂସ୍ଥା କର୍ମଚାରୀ ମନୋରଞ୍ଜନ ପଟ୍ଟନାୟକ ଟଙ୍କା ଆଦାୟ କରି ବାଇକ୍‌ରେ ଖୋର୍ଦ୍ଧା ଗୁରୁଜଙ୍ଗରେ ଥିବା ଅଫିସକୁ ଫେରୁଥିଲେ। ଦୁର୍ବୃତ୍ତମାନେ ବାଇକ୍‌ରେ ତାଙ୍କୁ ପିଛା କରି ମ୍ୟୁନିସିପାଲିଟି ରାସ୍ତାରେ ଅଟକାଇଥିଲେ। ହଠାତ୍ ଏକ ଲୁହାରଡ୍‌ରେ ମାଡ଼ ମାରି ବନ୍ଧୁକ ଦେଖାଇ ତାଙ୍କ ପାଖରେ ଥିବା ଟଙ୍କା ଓ ୧୬ ଚେକ୍ ନେଇ ଫେରାର ହୋଇଯାଇଥିଲେ।

ସେହିପରି ବଲାଙ୍ଗୀର ସହର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକ ସମ୍ମୁଖ ଷ୍ଟେଟ୍ ବ୍ୟାଙ୍କର ଏଗ୍ରିକଲଚରାଲ ଡେଭଲପମେଣ୍ଟ ବ୍ରାଞ୍ଚ(ଏଡିବି) ସମ୍ମୁଖରୁ ଦୁଇଜଣ ଲୁଟେରା ୫ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଟିକ୍ରାପଡା ଅଜନ୍ତା କ୍ଲକ୍ ଏଜେନ୍ସି ମାଲିକ ସଞ୍ଜୟ ଶତପଥୀ ନିଜ ଦୋକାନରୁ ୩ ଲକ୍ଷ ଟଙ୍କା ନେଇ ଏସ୍‌ବିଆଇ ଏଡିବି ବ୍ରାଞ୍ଚକୁ ଯାଇଥିଲେ। ସେଠାରୁ ସେ ଆଉ ୨ଲକ୍ଷ ଟଙ୍କା ଉଠାଇଥିଲେ। ସମୁଦାୟ ୫ଲକ୍ଷ ଟଙ୍କା ନେଇ ସେ ବ୍ୟାଙ୍କରୁ ବାହାରୁ ଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଜଣ ଲୁଟେରା ହଠାତ୍ ଆସି ତାଙ୍କଠାରୁ ୫ଲକ୍ଷ ଟଙ୍କା ଥିବା ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସଞ୍ଜୟ ଟାଉନ୍ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇ ନ ଥିଲା। ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନା ପୋଲିସ ଏକ ମାମଲା (ନଂ.୪୧୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

ଅନ୍ୟ ଏକ ଲୁଟ୍ ବାଲେଶ୍ୱର ସଦର ଥାନା ଅଧୀନ ଗୁଜୁରିବଜାର ଛକ ନିକଟରେ ହୋଇଛି। ୩ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତପନ ଦାସ ନାମକ ଜଣେ ଯୁବକଙ୍କୁ ☞ପୃଷ୍ଠା–୪

**ଲୋନ୍ ଶୁଝିବା ପାଇଁ ୟୁ ଟ୍ୟୁବ୍ ଭିଡିଓ ଦେଖି ବ୍ୟାଙ୍କ ଚୋରି**




# ଋଣ ଶୁଝିବାକୁ ବ୍ୟାଙ୍କ ଲୁଟ୍

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

### ରାଜଧାନୀରେ ଦୁଇ ବ୍ୟାଙ୍କ୍ ଲୁଟ୍‌ର ପର୍ଦ୍ଦାଫାଶ: ଲୁଟେରା ସଜାଇଥିଲା ଲକ୍‌ଡାଉନ୍

- ୨ ଘଟଣାରେ ସମ୍ପୃକ୍ତ ଯୁବ ବ୍ୟବସାୟୀ ଗିରଫ
- ଗୋଟିଏ ବନ୍ଧୁକ, ଗୋଟିଏ ଏୟାର ଗନ୍, ୯ ଗୁଳି, ୧୦ଲକ୍ଷ ଟଙ୍କା ଜବତ

ରାଜଧାନୀ ଉପକଣ୍ଠ ନନ୍ଦନବିହାର ଓ ବରିମୁଣ୍ଡା ବ୍ୟାଙ୍କ୍ ଲୁଟ୍ ଘଟଣା ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଏହି ଦୁଇ ଘଟଣାରେ ଜଣେ ହିଁ ସମ୍ପୃକ୍ତ ଥିବା ଜଣାପଡିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଟାଙ୍ଗୀବନ୍ତ ଗାଁର ଶିକ୍ଷିତ ବ୍ୟବସାୟୀ ସୌମ୍ୟରଞ୍ଜନ ଜେନା(୨୫)। ତାଙ୍କ ନିକଟରୁ ପୋଲିସ ଗୋଟିଏ ଅସଲି ବନ୍ଧୁକ, ୯ଟି ଗୁଳି, ଗୋଟିଏ ଏୟାର ଗନ୍,୧୦ ଲକ୍ଷ ଟଙ୍କା, ଲୁଟ୍ ସମୟରେ ବ୍ୟବହାର କରିଥିବା ସ୍କୁଟି, ଜୋତା, ଗ୍ଲୋଭ୍‌ସ, ହେଲ୍‌ମେଟ୍ ଓ ବ୍ଲାକ୍ ଶାର୍ଟକୁ ଜବତ କରିଛି। ପଚରାଉଚରା ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲକ୍‌ଡାଉନ ପାଇଁ ବ୍ୟବସାୟରେ କ୍ଷତି ଓ ଋଣ ବୋଝ ସୌମ୍ୟଙ୍କୁ ଲୁଟେରା ସଜାଇ ଦେଇଛି। ଅଭିଯୁକ୍ତ ଜଣକ ବ୍ୟାଙ୍କ ଋଣ ଶୁଝିବା ପାଇଁ ଏପରି ଲୁଟ୍ କରିଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅଭିଯୁକ୍ତ ସୌମ୍ୟ ଧରାପଡ଼ିବା ପରେ ପୋଲିସ ତାଙ୍କୁ ଲୁଟ୍ କରିଥିବା ଦୁଇଟି ବ୍ୟାଙ୍କ୍‌କୁ ନେଇ କ୍ରାଇମ୍ ସିନ୍ ରି–କ୍ରିଏଶନ୍ କରିଥିଲା। ସେଠାରେ ସେ କିଭଳି ଲୁଟ କରିଥିଲେ ତାହା ରଲାଇଭ୍ ଦୃଶ୍ୟ ପୋଲିସକୁ ଦେଖାଇଥିଲେ। ତେବେ ତାଙ୍କୁ ପଚରାଉଚରାବେଳେ ପୋଲିସ ତାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ସୌମ୍ୟ ଯୁକ୍ତ ୨ବାଣିଜ୍ୟ ପାସ୍ କରିବା ପରେ ବ୍ୟବସାୟ କରିବାକୁ ସ୍ଥିର କରିଥିଲେ। କିନ୍ତୁ ତାଙ୍କର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଇନ୍‌ଫୋସିଟି ଥାନା ନନ୍ଦନବିହାରସ୍ଥିତ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କ୍ ଓ ବରିମୁଣ୍ଡ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ୧୯ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଲକ୍‌ଡାଉନ୍ ପୂର୍ବରୁ ସେ ଟାଙ୍ଗୀବନ୍ତ ଗାଁରେ ଜେନା ନିଉ ଷ୍ଟାଇଲ୍ ନାମକ ଏକ ପୋଷାକ ଓ ଜୋତା ଦୋକାନ ଖୋଲିଥିଲେ। ଆରମ୍ଭରୁ ମାସକୁ ୯ରୁ ୧୦ ଲକ୍ଷର ବ୍ୟବସାୟ ହେଉଥିଲା। କିନ୍ତୁ ଲକ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ରହିବାରୁ ତାଙ୍କ ଉପରେ ଋଣ ବୋଝ ମାଡ଼ି ପଡିଥିଲା। ତାହାକୁ ଶୁଝିବା ପାଇଁ ଦୀର୍ଘଦିନ ଧରି ମାନସିକ ଚିନ୍ତାରେ ରହିବା ପରେ ଶେଷରେ ଲୁଟ୍ କରିବାକୁ ବାଛି ନେଇଥିଲେ। କୌଣସି ଲୁଟେରା ଗ୍ୟାଙ୍ଗ୍ କିମ୍ବା ଅପରାଧୀଙ୍କ ସହ ହାତ ନ ମିଳାଇ ୟୁଟ୍ୟୁବ୍ ଭିଡିଓରୁ ଲୁଟ୍ କରିବାର କଳା ☞ପୃଷ୍ଠା–୪

# 'ସ୍ମାର୍ଟ'ର ପରୀକ୍ଷଣ ସଫଳ

**ବାଲେଶ୍ୱର ଅଫିସ, ୫।୧୦**



ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ ଅଧୀନ ଅବଦୁଲ କଲାମ ଦ୍ୱୀପର ୪ନଂ. ଲଞ୍ଚପ୍ୟାଡ୍‌ରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ସୁପରସୋନିକ୍ କ୍ଷେପଣାସ୍ତ୍ର ସହିତ ବୁଡ଼ା ଜାହାଜକୁ ଧ୍ୱଂସ କରିବାର କ୍ଷମତା ରଖିଥିବା ସୁପରସୋନିକ ମିଶାଇଲ ଆସିଷ୍ଟେଡ୍ ରିଲିଜ୍ ଅଫ୍ ଟର୍ପେଡ଼ୋ (ସ୍ମାର୍ଟ)ର ସଫଳ ପରୀକ୍ଷଣ କରାଯାଇଛି। ପ୍ରଥମେ ଧାର୍ଯ୍ୟ ଟ୍ରାଜେଟୋରୀରେ ଏହି ସୁପରସୋନିକ୍ ମିଶାଇଲ ଉତ୍‌କ୍ଷେପଣ କରାଯାଇଥିଲା। ମିଶାଇଲ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ସେଥିରୁ ସ୍ମାର୍ଟ ଟର୍ପେଡ଼ୋ ବାହାରି ଟାର୍ଗେଟ୍‌କୁ ଧ୍ୱଂସ କରିବାରେ ସକ୍ଷମ ହୋଇଥିବା ଡିଆର୍‌ଡିଓ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

୨୦୧୬ରୁ ବିକାଶ କରାଯାଉଥିବା ଏହି ଟର୍ପେଡ଼ୋ ପୂର୍ବରୁ ଘଣ୍ଟା ପ୍ରତି ୬୧କି.ମି. ଗତିରେ ଯାଇ ଟାର୍ଗେଟ୍‌ରେ ପହଞ୍ଚିପାରୁଥିଲା। ☞ପୃଷ୍ଠା–୪

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2020-21

IMBA

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into IMBA 5 years programme for the session 2020-21. The Application Form is available in Institute's website www.iedodisha.nic.in. Interested candidates can also collect the Application Form personally from IED Odisha on payment of ₹ 500/- (₹ 200/- for SC/ST/PH Candidates) cash or DD in favour of IED ODISHA IMBA, payable at Bhubaneswar.

| | |
|---|---|
| Last date for submission of IMBA Application form with all relevant documents and fees: | 09.10.2020 |
| Commencement of Admission into IMBA 1st Semester and 7th Semester at IED Odisha | 12.10.2020 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939

**ନଭେମ୍ବର ୭ରେ ମଣିପୁର ଉପନିର୍ବାଚନ**

ମଣିପୁରର ୩ ଆସନରେ ହେବାକୁ ଥିବା ବିଧାନସଭା ଉପନିର୍ବାଚନ ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୋମବାର ତାରିଖ ଘୋଷଣା କରାଯାଇଛି। ନଭେମ୍ବର ୭ରେ ଭୋଟଗ୍ରହଣ କରାଯିବା ସହ ୧୦ରେ ଫଳାଫଳ ଘୋଷଣା କରାଯିବ ବୋଲି ଆୟୋଗ ପକ୍ଷରୁ ଘୋଷଣା କରାଯାଇଛି। ୱାଙ୍ଗୋଇ, ସାଇଟୁ ଓ ସିଙ୍ଗହାଟ ବିଧାନସଭା ଆସନ ଲାଗି ଏହି ଉପନିର୍ବାଚନ କରାଯିବ। ନିର୍ବାଚନ ଆୟୋଗଙ୍କ ଘୋଷଣା ପରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି।

## ଶିବକୁମାରଙ୍କ ଘରେ ସିବିଆଇ ଚଢ଼ାଉ

ବେଙ୍ଗାଲୁରୁ, ୫।୧୦: କର୍ଣ୍ଣାଟକ କଂଗ୍ରେସ କମିଟି ଅଧ୍ୟକ୍ଷ ଡି.କେ. ଶିବକୁମାରଙ୍କ ଘରେ ସିବିଆଇ ଚଢ଼ାଉ କରିଛି। ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବାରୁ ଏହି ଚଢ଼ାଉ କରାଯାଇଥିବା କୁହାଯାଉଛି।



ବେଙ୍ଗାଲୁରୁର କନକପୁରା ବିଧାନସଭା କ୍ଷେତ୍ରର ସଦାଶିବ ନଗରସ୍ଥିତ ହୋଡ୍ଡୁହାଲି ଗାଁରେ ଶିବକୁମାରଙ୍କ ବାସଭବନରେ ସୋମବାର ସକାଳ ୬ଟାରେ ଚଢ଼ାଉ କରାଯାଇଥିଲା। ଆୟ ତୁଳନାରେ ଅଧିକ ସମ୍ପତ୍ତି ନେଇ ଗତ ୨ ବର୍ଷ ଧରି ଇଡି ଏବଂ ଆୟକର ବିଭାଗ ପକ୍ଷରୁ ଶିବକୁମାରଙ୍କ ସମ୍ପତ୍ତି କାଗଜପତ୍ର ଯାଞ୍ଚ କରାଯାଉଥିଲା। ତେବେ ସମ୍ପତ୍ତି ପରିମାଣ ସମ୍ପର୍କରେ ଠିକ୍ ତଥ୍ୟ ହାସଲ ଲାଗି ଚଢ଼ାଉ କରାଯାଇଥିବା ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଶିବକୁମାରଙ୍କ ଭାଇ ଡି.କେ. ସୁରେଶ ଏବଂ ନିକଟତମ ସହଯୋଗୀ ଇକବାଲ୍ ହୁସେନ୍‌ଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି। ମୋଟ ୧୫ଟି ସ୍ଥାନରେ ଏକା ସମୟରେ ଚଢ଼ାଉ କରାଯାଇଥିବା ସିବିଆଇ ପକ୍ଷରୁ କୁହାଯାଇଛି। ଏହି ସମୟରେ ୫୦ ଲକ୍ଷ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି।

## ଅଭିନେତା ବିଶାଲ ଆନନ୍ଦଙ୍କ ପରଲୋକ



ନୂଆଦିଲ୍ଲୀ,୫।୧୦: ଭେଟେରାନ ଅଭିନେତା ବିଶାଲ ଆନନ୍ଦଙ୍କ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ପ୍ରକୃତ ନାମ ହେଉଛି ଭୀଷ୍ମମ୍ କୋହଲି। ୧୯୭୬ରେ ତାଙ୍କ ଅଭିନୀତ ଫିଲ୍ମ 'ଚଲ୍‌ତେ ଚଲ୍‌ତେ' ଓ 'ଟ୍ୟାକ୍ସି ଡ୍ରାଇଭର' ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ସେ ୧୧ ହିନ୍ଦୀ ଫିଲ୍ମରେ ଅଭିନୟର ଯାଦୁ ଛାଡ଼ିଯାଇଛନ୍ତି। ଅଭିନେତା ସହ ସେ ଜଣେ ଫିଲ୍ମ ନିର୍ମାତା ମଧ୍ୟ ଥିଲେ। ଅନେକ ଫିଲ୍ମରେ ସେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଅଭିନେତା ପୂରବ କୋହଲି ହେଉଛନ୍ତି ବିଶାଲଙ୍କ ପୁତୁରା।

# ଚାଇନାକୁ ବାୟୁସେନା ମୁଖ୍ୟଙ୍କ ତାଚ୍ଛଲ୍ୟ

ନୂଆଦିଲ୍ଲୀ,୫।୧୦

ଭାରତ-ଚାଇନା ସୀମା ବିବାଦ ଜାରି ରହିଥିବାବେଳେ ୧୨ରେ ପୁଣି ଦ୍ୱିପାକ୍ଷିକ ଆଲୋଚନା କରାଯିବ। ଏଲ୍ଏସି ନିକଟରେ ଦୁଇଦେଶର ସେନା ଏବେ ସତର୍କ ରହିଛନ୍ତି। ଏତିକିବେଳେ ଭାରତର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ଚାଇନାକୁ ତାଚ୍ଛଲ୍ୟ କରି କହିଛନ୍ତି। ଆକାଶ ମାର୍ଗରୁ ଆକ୍ରମଣର ସାମ୍ନାକରିବା ଲାଗି ଭାରତ ଭଳି ଚାଇନାର କ୍ଷମତା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବାୟୁସେନା ଦିବସ (ଅକ୍ଟୋବର ୮) ପୂର୍ବରୁ ଏକ ଖବରଦାତା ସମ୍ମିଳନୀକୁ ସୋମବାର ଉଦ୍‌ବୋଧନ

**'ଭାରତ ଭଳି ଆକାଶ ମାର୍ଗରୁ ଆକ୍ରମଣର ସାମ୍ନାକରିବା କ୍ଷମତା ଚାଇନାର ନାହିଁ'**



ରାକେଶ କୁମାର ସିଂ ଭଦୌରିଆ

ଦେଇ ସେ ଭାରତୀୟ ବାୟୁସେନା ପୂର୍ଣ୍ଣ ପ୍ରସ୍ତୁତ ଓ ଯେକୌଣସି ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଭଳି ସ୍ଥିତିରେ ଥିବା କହିଛନ୍ତି। ଏହା ସତ୍ତ୍ୱେ କାହାରିକୁ ହାଲ୍‌କା ଭାବେ ଗ୍ରହଣ କରାଯିବା ଅନୁଚିତ ବୋଲି ସେ ପ୍ରକାଶ କରିଛନ୍ତି। ପଶ୍ଚିମ ସୀମା ଓ ଦକ୍ଷିଣ ସୀମାରେ ସମ୍ମୁଖ ଯୁଦ୍ଧ ଲାଗି ଭାରତ ପ୍ରସ୍ତୁତ ରହିଥିବା ସେ କହିଛନ୍ତି। ସୀମାନ୍ତରେ ସତର୍କତା ଅବଲମ୍ବନ ସହ ସେନା ପ୍ରସ୍ତୁତ ଅଛି ରାଫାଲ ଜେଟ୍ ସାମିଲ ପରେ ଆମ ଶକ୍ତି ବୃଦ୍ଧିପାଇଛି। ଲଦାଖ ସୀମାରେ ଗତ ୫ ମାସ ହେବ ସ୍ଥିତି ଜଟିଳ ରହିଛି। ବିବାଦୀୟ ପୂର୍ବ ଲଦାଖ ଅଞ୍ଚଳରେ ଶୀତଦିନ ଲାଗି ଚାଇନା ସେନା ପକ୍ଷରୁ ଖୋଲାଖୋଲି ସହ ରହିବା ଲାଗି ବ୍ୟବସ୍ଥା କରାଯାଉଛି। ପିଏଲ୍ଏ ସୀମାରୁ ହଟିବା ପରିବର୍ତ୍ତେ ସାମ୍ରାଜ୍ୟବାଦୀ ଚିନ୍ତାଧାରା ଆପଣାଉଛନ୍ତି। ସେପଟେ ଆଲୋଚନାରୁ କୌଣସି ସୁଫଳ ମିଳୁନି। ପରିସ୍ଥିତିକୁ ଦେଖି ଭାରତୀୟ ବାୟୁସେନା ପକ୍ଷରୁ ସୁଖୋଇ-୩୦ ଏମ୍‌କେଆଇ, ଜାଗୁଆର, ମିରେଜ୍ ୨୦୦ ହେଲିକପ୍ଟରକୁ ପ୍ରମୁଖ ସ୍ଥାନରେ ମୁତୟନ କରାଯାଇଛି। ଭାରତୀୟ ସୀମାଞ୍ଚଳରେ ରାତିରେ ପାଟ୍ରୋଲିଂ ଜାରି ରହିଛି। ଆମେ ଆପୋସ ବୁଝାମଣା ଓ ସୀମାରେ ଶାନ୍ତି ଚାହୁଁ, ଏଥିରେ ବ୍ୟତିକ୍ରମ ଘଟିଲେ କିମ୍ବା ଚାଇନା କିଛି ଭୁଲ୍ ପଦକ୍ଷେପ ନେଲେ ଆମେ ଏହାର ଉଚିତ ଜବାବ ଦେବାକୁ ପ୍ରସ୍ତୁତ ଅଛୁ ବୋଲି ଭଦୌରିଆ ପ୍ରକାଶ କରିଛନ୍ତି।





ହାଥ୍‌ରାସ ଟ୍ରାଜେଡିକୁ ନେଇ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଏସ୍‌ପି ଓ ଏଆଇଏସ୍‌ଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ଜେଡିୟୁ, ଆର୍‌ଜେଡି ପ୍ରାର୍ଥୀ ତାଲିକା ଘୋଷିତ

**ବିହାର ଭୋଟ**

ପାଟନା,୫।୧୦

ବିହାର ବିଧାନସଭା ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଭୋଟ ଲାଗି ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଥିବାବେଳେ ସୋମବାର ଜେଡିୟୁ ଓ ଆର୍‌ଜେଡି ପକ୍ଷରୁ ପ୍ରାର୍ଥୀତାଲିକା ଘୋଷଣା କରାଯାଇଛି। ଆର୍‌ଜେଡି ପକ୍ଷରୁ ୧୫ ଜଣଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଦଳର ବରିଷ୍ଠ ନେତା ଶିବାନନ୍ଦ ତିୱାରୀଙ୍କ ପୁଅ ରାହୁଲ ତିୱାରୀ, ଜଗଦାନନ୍ଦ ସିଂଙ୍କ ପୁଅ ସୁଧାକର ସିଂଙ୍କୁ ସାମିଲ କରାଯାଇଛି। ଏ ଦୁହେଁ ଯଥାକ୍ରମେ ଶାହପୁର ଓ ରାମ୍‌ଗଡ଼ରୁ ପ୍ରାର୍ଥୀ ହୋଇଛନ୍ତି। ସାବିତ୍ରୀ ଦେବୀଙ୍କୁ ଚକାଇ, ସୁଦୟ ଯାଦବଙ୍କୁ ଜାହାନାବାଦ, ରାମବିଷ୍ଣୁ ସିଂଙ୍କୁ ଜଗଦୀଶପୁର, ବିଜୟ ସମ୍ରାଟଙ୍କୁ ଶେଖ୍‌ପୁରା, ବିଜୟ ପ୍ରକାଶଙ୍କୁ ଜାମୁଇରୁ ପ୍ରାର୍ଥୀ କରାଯାଇଛି।

ସେହିଭଳି ଜେଡିୟୁ ପକ୍ଷରୁ ୨୫ ଜଣିଆ ନାମତାଲିକା ସୋମବାର ଘୋଷଣା କରାଯାଇଛି। ଏଥିରେ କୌଶଲ କୁମାରଙ୍କୁ ନୱାଡା, ଜୟକୁମାର ସିଂଙ୍କୁ ଦିନାରା, ରାଜୀବଲୋଚନଙ୍କୁ ମୋକାମା, ଦାମୋଦର ରାଓ୍ୱତଙ୍କୁ ଝାଝାରୁ ପ୍ରାର୍ଥୀ କରାଯାଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ୨୮ରେ ହେବାକୁ ଥିବାବେଳେ ଟିକେଟ ଲବି ଜୋର୍ ଧରିବାରେ ଲାଗିଛି।

## ଅଟଳ ଟନେଲକୁ ଧ୍ୱଂସ କରିଦେବ ଚାଇନା

**ଭାରତକୁ ଗ୍ଲୋବାଲ ଟାଇମ୍ସର ଧମକ**

ନୂଆଦିଲ୍ଲୀ, ୫।୧୦

ଭାରତ ସହିତ ଯୁଦ୍ଧ ହେଲେ ଅଟଳ ଟନେଲ୍‌କୁ ଚାଇନା ଧ୍ୱଂସ କରିଦେବ। ଏଭଳି ଖବର ଚାଇନାର ସରକାରୀ ଖବରକାଗଜ ଗ୍ଲୋବାଲ ଟାଇମ୍ସରେ ପ୍ରକାଶ ପାଇଛି। ଅଟଳ ଟନେଲ ଯୋଗୁ ଭାରତୀୟ ସେନାଙ୍କୁ କୌଣସି ସହାୟତା ମିଳିପାରିବ ନାହିଁ। ଯୁଦ୍ଧ ସ୍ଥିତି ଉପୁଜିଲେ ଚାଇନା ପ୍ରଥମେ ଏହି ଟନେଲକୁ ହିଁ ନଷ୍ଟ କରିଦେବ। ଏଥିପାଇଁ ଭାରତ ସଞ୍ଜମ ଆଚରଣ ପ୍ରଦର୍ଶନ କରିବା ଆବଶ୍ୟକ। ଚାଇନା ସହିତ ଲଢ଼େଇ ହେଲେ ସେନାଙ୍କ କ୍ଷମତା ବଢ଼ାଇବା ଲାଗି ଭାରତ ପାଖରେ କୌଣସି ରାସ୍ତା ରହିବ ନାହିଁ ବୋଲି ଏହି ଖବରକାଗଜ ଧମକ ଦେଇଛି। ଏବେ ଗ୍ଲୋବାଲ ଟାଇମ୍ସର ଏଭଳି ଧମକ ନେଇ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ରଶିଦ ମାସୁଦଙ୍କ ଦେହାନ୍ତ

ନୂଆଦିଲ୍ଲୀ,୫।୧୦: ପୂର୍ବତନ କେନ୍ଦ୍ରମନ୍ତ୍ରୀ କାଜି ରଶିଦ ମାସୁଦଙ୍କ ଉତ୍ତରାଖଣ୍ଡର ରୁର୍କିସ୍ଥିତ ଏକ ଘରୋଇ ହସ୍ପିଟାଲରେ ସୋମବାର ସକାଳେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ଏ ସମ୍ପର୍କରେ ତାଙ୍କ ପୁତୁରା ତଥା କଂଗ୍ରେସ ନେତା ଇମ୍ରାନ ମାସୁଦ ସୂଚନା ଦେଇଛନ୍ତି।



ଶାହାରନ୍‌ପୁର ଜିଲାର ଗାଙ୍ଗୋରେ ଥିବା ନିଜ ବାସଭବନଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଅଗଷ୍ଟ ୨୭ରେ ରଶିଦ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ। ପରେ ତାଙ୍କ ତବିୟତ ଦରଜ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୯୪୭ରେ ଜନ୍ମିତ ରଶିଦ ଉତ୍ତରପ୍ରଦେଶ ରାଜନୀତିରେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ପ୍ରମୁଖ ଦାୟିତ୍ୱରେ ରହିଥିଲେ। ୯ ଥର ଏମ୍‌ପି ହେବା ସହ ଭି.ପି. ସିଂ ସରକାରରେ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୭ରେ ନ୍ୟାଶନାଲ ପ୍ରୋଗ୍ରେସିଭ୍ ଆଲିଆନ୍ସ (ଏନ୍‌ପିଏ)ରୁ ସେ ଉପରାଷ୍ଟ୍ରପତି ପଦ ଲାଗି ପ୍ରାର୍ଥୀ ମଧ୍ୟ ହୋଇଥିଲେ।

## ବିଶ୍ୱର ୧୦% ଲୋକ ହୋଇପାରନ୍ତି ସଂକ୍ରମିତ

**ଡବ୍ଲ୍ୟୁଏଚ୍‌ଓର ଚେତାବନୀ**

ଜେନିଭା,୫।୧୦

ମହାମାରୀ କରୋନା ବୋଲ ମାନୁନି। ସଂକ୍ରମିତଙ୍କ ସଂଖ୍ୟା ବଢ଼ାଇବା ସହ ନିରୀହ ଲୋକଙ୍କ ଜୀବନ ନେଉଛି। ବିଶ୍ୱର ପ୍ରାୟ ୧୦% ଲୋକ ଏହା ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଇମର୍ଜେନ୍ସି ମୁଖ୍ୟ ଡାକ୍ତର ମିଚେଲ ଜୋଶେଫ ର୍‍ୟାନ୍ ପ୍ରକାଶ କରିଛନ୍ତି। ଆଗକୁ ଅଧିକ ଭୟଙ୍କର ପରିସ୍ଥିତି ଆସୁଛି ବୋଲି ସେ ଚେତାଇ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ୩୪ ଜଣିଆ କାର୍ଯ୍ୟନିର୍ବାହୀ ବୋର୍ଡର ସ୍ୱତନ୍ତ୍ର ଅଧିବେଶନରେ ସେ କହିଛନ୍ତି, ସହର, ଗ୍ରାମ ଓ ଗୋଷ୍ଠୀ ସବୁଠାରେ ସଂକ୍ରମିତଙ୍କ ସଂଖ୍ୟାରେ ଫରକ





ମିଚେଲ ଜୋଶେଫ ର୍‍ୟାନ୍

ଦେଖାଯାଉଛି। ସଂକ୍ରମିତଙ୍କ ସଂଖ୍ୟା ଲୁଚାଯାଉଛି। ଏହାର ଅର୍ଥ ଏବେ ବିଶ୍ୱର ଅଧିକାଂଶ ଲୋକ ବିପଜ୍ଜନକ ସ୍ଥିତିରେ ରହିଛନ୍ତି। ବିଭିନ୍ନ ସ୍ତରରେ ସଂକ୍ରମଣକୁ ରୋକିବା ସହ ମୃତ୍ୟୁହାର କମାଇବା ଲାଗି ପ୍ରୟାସ କରାଯାଉଛି। ସ୍ୱାସ୍ଥ୍ୟକର୍ମୀମାନେ ଅହରହ ସେବା ଯୋଗାଇ ଆସୁଛନ୍ତି। ସତର୍କ ରହିବା ଲାଗି ସେ ପରାମର୍ଶ ଦେଇଛନ୍ତି।

ଦକ୍ଷିଣ ପୂର୍ବ ଏସିଆରେ ସଂକ୍ରମଣ ମାମଲା ବୃଦ୍ଧି ପାଇଚାଲିଛି। ୟୁରୋପ ଓ ଆମେରିକାରେ ମୃତ୍ୟୁସଂଖ୍ୟା ଅଧିକ ରହିଛି ବୋଲି ର୍‍ୟାନ୍ ମତ ଦେଇଛନ୍ତି। ଏବେ ବିଶ୍ୱର ୨୧୪ ଦେଶରେ ୩ କୋଟି ୫୪ ଲକ୍ଷ ଲୋକ ସଂକ୍ରମିତ ହୋଇଥିବାବେଳେ ୧୦.୪୩ ଲକ୍ଷ ଲୋକଙ୍କ ଜୀବନ ନେଲାଣି କରୋନା। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଅଧିକ ସତର୍କତା ଅବଲମ୍ବନ କରାଯିବା ଉଚିତ ବୋଲି ସେ କହିଛନ୍ତି।

## ହାଥ୍‌ରସରେ ଏଏପି ନେତାଙ୍କୁ କାଳିମାଡ଼

ଲକ୍ଷ୍ନୌ,୫।୧୦

ଉତ୍ତରପ୍ରଦେଶର ହାଥ୍‌ରସ ମହିଳା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ବିଭିନ୍ନ ଦଳର ନେତାମାନେ ପୀଡ଼ିତା ପରିବାରକୁ ଭେଟିଥିବାବେଳେ ସୋମବାର ସେଠାକୁ ଯାଇଥିବା ଆମ୍ ଆଦ୍‌ମୀ ପାର୍ଟି(ଏଏପି) ନେତା ସଞ୍ଜୟ ସିଂଙ୍କୁ କାଳି ମାଡ଼ କରାଯାଇଛି। ପୀଡ଼ିତା ପରିବାରକୁ ଭେଟି ସେ ମିଡିଆକୁ ବିବୃତି ଦେଉଥିବାବେଳେ ଏଭଳି ଅଘଟଣ ଘଟିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଦୀପକ ଶର୍ମାଙ୍କୁ ଅଟକ ରଖି ପଚରାଉଚରା କରୁଛି। କାଳିମାଡ଼ ଘଟଣାକୁ ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ନିନ୍ଦାକରିବା ସହ ରାଜ୍ୟ



ସଞ୍ଜୟ ସିଂ

ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରକାଶଥାଉ କି, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ପରେ ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ସେଠାକୁ ଯାଇଥିଲେ।

**ଫୁର୍‌ସତ୍**

# ଚକୋଲେଟ୍‌ରେ ତିଆରି ୫ଫୁଟର ଟେଲିସ୍କୋପ୍

**ନୂଆଦିଲ୍ଲୀ:** ଚକୋଲେଟ୍‌ରେ ତିଆରି ହୋଇଛି ଟେଲିସ୍କୋପ୍। କଥାଟା ହୁଏତ ଶୁଣିବା ପାଇଁ ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ଏଭଳି ଏକ ଚକୋଲେଟ୍ କଳା ତିଆରି କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ସେଫ ଆମାଉରୀ ଗୁଇଚନ୍। ୫ ଫୁଟର ଏକ ଚକୋଲେଟ୍ ଟେଲିସ୍କୋପ୍ ତିଆରି କରି ସେ ଏବେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଚକୋଲେଟ୍ ଖାଇବାକୁ ପ୍ରାୟ ସମସ୍ତଙ୍କୁ ଭଲ ଲାଗିଥାଏ। ସେଥିପାଇଁ ତ ବିଭିନ୍ନ ସମୟରେ ଲୋକେ ପରସ୍ପରକୁ ଉପହାରରେ ଚକୋଲେଟ୍ ଦେଇଥାନ୍ତି। ହେଲେ ଚକୋଲେଟ୍‌କୁ ନେଇ ଏବେ ଏକ ନୂଆ ରୂପ ଦେଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସେଫ ଆମାଉରୀ ଗୁଇଚନ୍। ଚକୋଲେଟରେ ସେ ତିଆରି କରିଛନ୍ତି ଏକ ଟେଲିସ୍କୋପ୍। ଚକୋଲେଟ୍ ଟେଲିସ୍କୋପ୍ ତିଆରି କରିଥିବା ନେଇ ନିଜେ ଗୁଇଚନ୍ ତାଙ୍କ ସୋସିଆଲ ଆକାଉଣ୍ଟରେ ଏକ ଭିଡିଓ



ପୋଷ୍ଟ କରି ଜଣାଇଛନ୍ତି। ଭିଡିଓରେ ଗୁଇଚନ୍ ଚକୋଲେଟ୍‌ରେ କିଭଳି ଟେଲିସ୍କୋପ୍ ତିଆରି କରୁଛନ୍ତି ତା'ର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଦେଖାଇଛନ୍ତି। ଟେଲିସ୍କୋପର ବିଭିନ୍ନ ଭାଗରେ ସେ ଭିନ୍ନ ଭିନ୍ନ ପ୍ରକାରର ଚକୋଲେଟ୍ ବ୍ୟବହାର କରିଛନ୍ତି ଏବଂ ବେଶ୍ ସୁନ୍ଦରଭାବେ ସବୁ ଅଂଶ ତିଆରି କରିଛନ୍ତି। ଭିଡିଓର କ୍ୟାପସନରେ ସେ ଲେଖିଛନ୍ତି କି ଏହି ଚକୋଲେଟ୍ ଟେଲିସ୍କୋପଟି ତାଙ୍କର ସବୁଠୁ ସୁନ୍ଦର ଟେକ୍ନିକାଲ୍ କ୍ରିଏସନ୍। ସୋସିଆଲ ମିଡିଆରେ ଗୁଇଚନଙ୍କ ଏହି ଭିଡିଓକୁ ଏବେ ନେଟିଜେନ୍‌ମାନେ ଢେର୍ ପ୍ରଶଂସା କରିଛନ୍ତି। ବିଶେଷକରି ଟେଲିସ୍କୋପରେ ପ୍ରତିଟି ଛୋଟ ଛୋଟ ଜିନିଷ ତିଆରି ହୋଇଥିବା ବେଶ୍ ଆକର୍ଷଣୀୟ ବୋଲି ଅଧିକାଂଶ ମତ ଦେଇଛନ୍ତି। ଏବେ ସୁଦ୍ଧା ଏହି ଭିଡିଓକୁ ୧୦.୮ ମିଲିଅନରୁ ଅଧିକ ଲୋକ ଦେଖି ସାରିଲେଣି ଏବଂ ହଜାର ହଜାର କମେଣ୍ଟ ମଧ୍ୟ ମିଳିପାରିଛି।

## ସିଂହୀକୁ ପୋଷ୍ୟ କଲେ ଅକ୍ଷିତା



**ହାଇଦ୍ରାବାଦ:** ଜୀବଜନ୍ତୁଙ୍କ ପାଇଁ କିଛି ଲୋକଙ୍କ ମନରେ ଏଭଳି କ୍ରୂରତା ଭରି ରହିଥାଏ ଯେ ସେମାନଙ୍କ ଆଚରଣ ଦେଖି ସାରା ଦେଶ ସ୍ତବ୍ଧ ହୋଇଯାଏ। କିନ୍ତୁ ଆଉ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଜୀବଜନ୍ତୁଙ୍କୁ ବି ନିଜ ପରିବାର ସଦସ୍ୟଙ୍କ ଭଳି ଭଲ ପାଆନ୍ତି। ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ହାଇଦ୍ରାବାଦର ଛାତ୍ରୀ ଅକ୍ଷିତା ରାଓ ଗାମ୍‌ଜି।

ମଣିଷ ଭଳି ଜୀବଜନ୍ତୁଙ୍କର ବି ବଞ୍ଚିବା ପାଇଁ ସ୍ୱତନ୍ତ୍ର ଅଧିକାର ଅଛି। ତେଣୁ ସେମାନଙ୍କୁ ମଧ୍ୟ ତାଙ୍କ ବାସସ୍ଥାନରେ ବଞ୍ଚିବା ପାଇଁ ସୁଯୋଗ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଭଳି ଏକ ମହତ୍ ବିଚାରଧାରାକୁ ସମ୍ମାନ କରୁଥିବା ଅକ୍ଷିତା ଏବେ ଏକ ସିଂହୀକୁ ପୋଷ୍ୟଭାବେ ଗ୍ରହଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ହାଇଦ୍ରାବାଦରେ ଥିବା ନେହେରୁ ଜିଓଲୋଜିକାଲ୍ ପାର୍କରେ ଏକ ସିଂହୀକୁ ସେ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ସେ ସିଂହୀର ପାଳନପୋଷଣ ନିମନ୍ତେ ୧ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଅକ୍ଷିତା ଏବେ ହାଇଦ୍ରାବାଦରେ ଯୁକ୍ତ ଦୁଇରେ ପାଠ ପଢୁଛନ୍ତି। କିନ୍ତୁ ଜୀବଜନ୍ତୁଙ୍କ ପ୍ରତି ତାଙ୍କର ସ୍ୱତନ୍ତ୍ର ଭାବନା ରହିଛି। ସେଥିପାଇଁ ସେ ପାର୍କରେ ଥିବା ଏକ ସିଂହୀକୁ ପୋଷ୍ୟଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଅକ୍ଷିତା ଘରଲୋକଙ୍କ ସହ ପାର୍କକୁ ଯାଇ ସିଂହୀକୁ ପୋଷ୍ୟଭାବେ ଗ୍ରହଣ କରିଥିଲେ। ଏଭଳି ଘଟଣା ପରେ ପାର୍କର ଅଧିକାରୀମାନେ ଅକ୍ଷିତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କର ଏଭଳି ପଦକ୍ଷେପ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ପାର୍କର ଅଧିକାରୀମାନେ କହିଛନ୍ତି।

## ବିବାହ ନିମନ୍ତେ ଅଜବ ସର୍ତ୍ତ

**ନୂଆଦିଲ୍ଲୀ:** ବର୍ତ୍ତମାନ ଯୁଗରେ ସୋସିଆଲ ମିଡିଆରେ ସମସ୍ତେ ଆକ୍ଟିଭ ଆଉ ଅପଡେଟ୍ ବି ରହୁଛନ୍ତି। କିନ୍ତୁ ଏଭଳି ଏକ ସମୟରେ ଯଦି ଜଣେ ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିବା କନ୍ୟା ପ୍ରାର୍ଥୀଟିଏ ଚାହୁଁଥିବ, ତା'ହେଲେ ତ ବିବାହ କରିବା ହୁଏତ ଅସମ୍ଭବ ହୋଇଯିବ। କିନ୍ତୁ ଏଭଳି ଏକ ସର୍ତ୍ତ ରଖି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି।

ପଶ୍ଚିମବଙ୍ଗର କମରପୁକୁର ଅଞ୍ଚଳର ଜଣେ ବ୍ୟକ୍ତି ବିବାହ କରିବାକୁ କନ୍ୟା ପ୍ରାର୍ଥୀଟିଏ ଚାହୁଁଥିବା ଏକ ମାଟ୍ରିମୋନିଆଲ୍ ସାଇଟ୍‌ରେ ଦର୍ଶାଇଛନ୍ତି। ତାଙ୍କ ଦୃଷ୍ଟିରେ କନ୍ୟା ପ୍ରାର୍ଥୀ ଜଣକ ସୁନ୍ଦରୀ ହୋଇଥିବେ ଆଉ ସୋସିଆଲ ମିଡିଆ ପ୍ରତି ତାଙ୍କର ଆଡିକ୍ସନ୍ ନ ଥିବ। ଏଭଳି କନ୍ୟା ପ୍ରାର୍ଥୀ ମିଳିଲେ ସେ ବିନା ଯୌତୁକରେ ବିବାହ କରିବେ ବୋଲି ଦର୍ଶାଇଛନ୍ତି। ବ୍ୟକ୍ତିଜଣଙ୍କର ଏଭଳି ଏକ ବିଜ୍ଞାପନକୁ ଖବରକାଗଜରୁ ସଂଗ୍ରହ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ଟୁଇଟର ବ୍ୟବହାରକାରୀ ଆଇଏଏସ୍ ଅଫିସର ନିତିନ୍ ସଙ୍ଗୱାନ୍। ବିବାହ ନିମନ୍ତେ ଏଭଳି ଏକ ବିଜ୍ଞାପନକୁ ନେଇ ଏବେ ସୋସିଆଲ୍ ମିଡିଆରେ କିନ୍ତୁ ଢେର୍ ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆରେ ସେହି ବ୍ୟକ୍ତିଙ୍କର ଏଭଳି ଏକ ବିଜ୍ଞାପନକୁ କିଛି ଲୋକ ଅବଶ୍ୟ ସମ୍ମାନ ଜଣାଇଛନ୍ତି, କିନ୍ତୁ ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିବା କନ୍ୟା ମିଳିବା ସମ୍ଭବ ନୁହେଁ ବୋଲି ଜଣାଇଛନ୍ତି। ଆଉ ଅନେକ ଏହା ଅତ୍ୟନ୍ତ କଷ୍ଟକର ବୋଲି କହିଛନ୍ତି। ତେବେ ଅଧିକାଂଶ ମହିଳା ଏଭଳି





ବ୍ୟକ୍ତିଙ୍କ ସର୍ତ୍ତକୁ ଅଜବ କହିବା ସହିତ ବ୍ୟକ୍ତିଜଣକ ଆଦୌ ବିବାହ କରିପାରିବେ ନାହିଁ ବୋଲି ମତ ଦେଇଛନ୍ତି। ତେବେ ବିଜ୍ଞାପନ ଦେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ କନ୍ୟା ପ୍ରାର୍ଥୀ ମିଳିବ କି ନାହିଁ ତାହା ଏକ ଅସମାହିତ ପ୍ରଶ୍ନ ହୋଇପାରେ, ହେଲେ ସୋସିଆଲ ମିଡିଆରେ ଏହି ଖବରକୁ ନେଇ ମିଳିଥିବା ପ୍ରତିକ୍ରିୟା ବେଶ୍ ମଜାଦାୟକ।

## 'ଜୀବନକୁ ଉପଭୋଗ କରିବା ଦରକାର'





ଦିଶା ପଟାନୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ତାଙ୍କର ଫ୍ୟାନ୍ ଫଲୋଇଙ୍ଗ କଥା ନ କହିବା ଭଲ। ସେ ସୋସିଆଲ ମିଡିଆରେ ତାଙ୍କର ଫଟୋ ଏବଂ ଭିଡିଓ ଶେୟାର କରିଥାନ୍ତି। ଦିଶା ନିଜର ଫିଲ୍ମ ଏବଂ ଲାଇଫ୍ ଷ୍ଟାଇଲକୁ ନିଜ ଫ୍ୟାନ୍‌ମାନଙ୍କ ସହ ଶେୟାର କରିବାକୁ ଖୁବ୍ ଭଲ ପାଆନ୍ତି। ସେ ତାଙ୍କ ଫ୍ୟାନ୍‌ମାନଙ୍କ ସହ ଲାଇଭ୍ ଚାଟ୍ ମଧ୍ୟ କରିଥାନ୍ତି। ଦିଶା କହିଛନ୍ତି ଯେ, ଜୀବନକୁ ଉପଭୋଗ କରିବା ଦରକାର। ମୁଁ ମୋ ଲାଇଫ୍‌କୁ ସେଥିପାଇଁ ବିନ୍ଦାସ୍ ଏଞ୍ଜୟ କରେ। ତେବେ କହିବାର ତାତ୍ପର୍ଯ୍ୟ ଏହିକି ଯେ, କିଛି ସମୟ ପୂର୍ବରୁ ଦିଶା ତାଙ୍କର ଏକ ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଯେଉଁଥିରେ ସେ ହଳଦିଆ ରଙ୍ଗର ସୁଇମିଂ ସୁଟ୍ ପିନ୍ଧିଥିବା ନଜର୍ ଆସିଛନ୍ତି। ସେ ଏହି ଫଟୋ ଶେୟାର କରିବାର ଘଣ୍ଟାଏ ମଧ୍ୟରେ ୭ଲକ୍ଷରୁ ଅଧିକ ଲାଇକ୍ କରାଯାଇଥିବାବେଳେ ୫ହଜାରରୁ ଅଧିକ କମେଣ୍ଟ ଆସିଛି। ଦିଶା ଏହାକୁ ଶେୟାର କରି ମଜାଳିଆ ଢଙ୍ଗରେ କ୍ୟାପ୍‌ସନ୍ ଲେଖିଛନ୍ତି। ଇଏ ହେଉଛି 'ଜିରାଫ୍‌ର ଇମୋଜୀ'। ଏହାପରେ ସେ ନିଜର ଅପ୍‌କମିଂ 'ରାଧେ' ଫିଲ୍ମ ବିଷୟରେ ଫ୍ୟାନ୍‌ମାନଙ୍କ ସହ କିଛି ମେମୋରୀ ବିଷୟରେ କଥା ହୋଇଛନ୍ତି। ଏହି ଫିଲ୍ମର କିଛି ଶୁଟିଂ ଭିଡିଓ ମଧ୍ୟ ସେ ତାଙ୍କ ଇନ୍‌ଷ୍ଟା ଷ୍ଟୋରୀରେ ଦେଇଛନ୍ତି। ତେବେ କହି ରଖୁଛୁ ଯେ, ନିକଟରେ ଦିଶାଙ୍କର ଇନ୍‌ଷ୍ଟାଗ୍ରାମରେ ଫଲୋୟର୍ସଙ୍କ ସଂଖ୍ୟା ୪କୋଟିରେ ପହଞ୍ଚିଛି। ସେ ଏଥିପାଇଁ ତାଙ୍କ ଫ୍ୟାନ୍‌ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।


MUTUAL FUNDS
Sahi Hai
CRICKETERS HO YA FANS,
HAR EK KE LIYE MUTUAL FUNDS SAHI HAI.
• Retirement planning ke liye Sahi Hai
• Long-term aur short-term ke liye Sahi Hai
• Direct Plan ke zariye invest karna Sahi Hai
• SIP se investment ki shuruvat karna Sahi Hai
• Investment karne se pehle risk ko samajhna Sahi Hai
To know how Mutual Funds are right for you:
• Visit mutualfundssahihai.com
• Visit your nearest Mutual Fund office or contact a Mutual Fund distributor or an investment advisor today
Follow Mutual Funds Sahi Hai on:
Scan for more information
Mutual Fund investments are subject to market risks. Read all scheme related documents carefully.

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ଖଣି ଦୁର୍ନୀତି: ଘେରିଲେ...

ଅନୁକମ୍ପା ଯୋଗୁ ଗତ ୫ ବର୍ଷରେ ରାଜ୍ୟ ରାଜକୋଷ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରାଇଛି। ଯେଉଁ ସରକାରୀ ଅଧିକାରୀଙ୍କ ଷଡ଼ଯନ୍ତ୍ର ପାଇଁ ଏହି ଅର୍ଥ ଯାଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ୧୦ଟି ଚିଠି ଲେଖି ଅବଗତ କରିଛି। ମାତ୍ର କୌଣସି ଉତ୍ତର ମିଳିନି। ଯେତେ ତଥ୍ୟ, ପ୍ରମାଣ ଦେଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ଚିଠିର ପ୍ରାପ୍ତି ସ୍ୱୀକୃତି ମଧ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଖଣି ଓ ଖଣିଜ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ସଂଶୋଧନ ଆଇନ- ୨୦୧୫ ଅନୁଯାୟୀ ରାଜ୍ୟ ସରକାର ଖଣିଗୁଡ଼ିକୁ ଉଚ୍ଚ ପ୍ରିମିୟମ୍‌ରେ ନିଲାମ କରିଥିଲେ ବହୁ ରାଜସ୍ୱ ମିଳିଥାନ୍ତା। ଆଗାମୀ ବଜେଟରେ ବଳକା ୨ଲକ୍ଷ କୋଟି ଟଙ୍କା ରହିଥାନ୍ତା। ମାତ୍ର ରାଜ୍ୟ ସରକାର ଖଣି ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ଖଣି ନିଲାମ କରିବା ପରିବର୍ତ୍ତେ ଲିଜ୍ ଅବଧିକୁ ଆହୁରି ୫ବର୍ଷ ବୃଦ୍ଧି କରିଦେଲେ। ୨୦୧୫ରୁ ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖଣି ମିଆଦକୁ ସମ୍ପ୍ରସାରଣ କଲେ। ବର୍ଷେ ଅବଧି ବୃଦ୍ଧି କରି ନିଲାମ କରିପାରିଥାନ୍ତେ। ମାତ୍ର ସେଭଳି କଲେ ନାହିଁ। ରାଜ୍ୟ ପାଇଁ ଏହା ଏକ ଆତ୍ମଘାତୀ ନିଷ୍ପତ୍ତି। ଖଣି ମାଫିଆ ଓ ବେପାରୀଙ୍କ ସ୍ୱାର୍ଥ ନିମନ୍ତେ କିଛି ମୁଷ୍ଟିମେୟ ଅଧିକାରୀ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ଫଳରେ ଏତେ ପରିମାଣର ଅର୍ଥ ରାଜ୍ୟ ରାଜକୋଷକୁ ଆସିପାରିଲା ନାହିଁ। ସିରାଜଉଦ୍ଦିନ୍, ରୁଙ୍ଗଟା ମାଇନ୍ସ ଏବଂ ଆର୍ଯ୍ୟନ ମାଇନିଂ ଆଣ୍ଡ୍ ଟ୍ରେଡିଂ କୋ(ଏଏମ୍‌ଟିସି) ଭଳି ଖଣି କମ୍ପାନୀ ନାମରେ ଭିଜିଲାନ୍ସ ମାମଲା ଥିବା ସତ୍ତ୍ୱେ ମଧ ସେମାନଙ୍କୁ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସୁଯୋଗ ଦିଆଗଲା। ନିୟମ ଅନୁଯାୟୀ ଏମାନେ ଖଣି ଲିଜ୍ ନେବା ପାଇଁ ଅଯୋଗ୍ୟ ହୋଇଥିଲେ ମଧ ସେମାନଙ୍କୁ ଲିଜ୍ ଦିଆଯାଇଛି। ଲିଜ୍ ରଦ୍ଦ କରିବାକୁ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ସେମାନଙ୍କ ଲିଜ୍ ଅବଧିକୁ କ'ଣ ପାଇଁ ବଢ଼ାଯାଇଛି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଥିଲେ। ଏ ବିଷୟରେ ବିଶଦ ଭାବରେ ଗୃହରେ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଥିଲେ। କେବଳ ଭାଜପା ନୁହେଁ, କଂଗ୍ରେସ ମଧ ଖଣି ଦୁର୍ନୀତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲା। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ସେ କହିଥିଲେ ଯେ, ଖଣି ଚୋରି ରୋକିବାରେ ଭିଜିଲାନ୍ସ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଖଣି ଚୋରି ଯୋଗୁ ରାଜ୍ୟ ସରକାର ଗତ ୩ ବର୍ଷରେ କେବଳ ୯ଟି ଖଣିରୁ ୩୬୦୦ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଏଭଳି ବହୁତ ଖଣି କମ୍ପାନୀ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି। ଏତେବଡ଼ ଦୁର୍ନୀତି ରାଜ୍ୟ ସରକାରଙ୍କ ବିନା ଅଜାଣତରେ କେବେ ହୋଇପାରିବ ନାହିଁ ବୋଲି ନରସିଂହ କହିଥିଲେ। ସେଣ୍ଟ୍ରାଲ ଏମ୍‌ପାୱାର କମିଟି(ସିଇସି)ର ତଦାରଖରେ ରାଜ୍ୟରେ ଖଣି ନିଲାମ ହେଉଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିବା ବେଳେ ସୁପ୍ରିମକୋର୍ଟ ସିଇସି ରିପୋର୍ଟକୁ ଖାରଜ କରିଥିବା ସେ କହିଥିଲେ। ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ବିଜେଡି ସଦସ୍ୟ ପ୍ରତାପ ଦେବ କହିଥିଲେ, ଖଣି ନିଲାମ ପ୍ରକ୍ରିୟା କେନ୍ଦ୍ରର ଆଇନ ଓ ସୁପ୍ରିମକୋର୍ଟଙ୍କ ଗାଇଡ଼ଲାଇନ ଅନୁଯାୟୀ ହେଉଛି। ଏଥିରେ ରାଜ୍ୟ ସରକାରଙ୍କର କିଛି ଲୁଚାଇବାର ନାହିଁ। ଖୋଦ୍ କେନ୍ଦ୍ର ସରକାର ଓଡ଼ିଶାକୁ ଏଥିପାଇଁ ପ୍ରଶଂସା କରୁଛନ୍ତି। ଘଟଣାର ରାଜନୀତିକରଣ କରି ଶସ୍ତା ମାଇଲେଜ୍ ନେବାର ପ୍ରୟାସ କରା ନ ଯାଉ। ୨୦୧୫ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୀୟୂଷ ଗୋଏଲ କହିଥିଲେ, ନୂଆ ଆଇନ ବଳରେ ଖଣି ନିଲାମ ହେଲେ ରାଜ୍ୟ ଲକ୍ଷାଧିକ ଟଙ୍କା ପାଇବ। ୫ ବର୍ଷରେ ରାଜ୍ୟ କେତେ ଟଙ୍କା ପାଇଛି ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ।

## ୩ ବୈଜ୍ଞାନିକଙ୍କୁ ମେଡିସିନରେ...

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ, ରକ୍ତ ଜରିଆରେ ସୃଷ୍ଟି ହେଉଥିବା ହେପାଟାଇଟିସ୍ ବିରୋଧ ଲଢ଼େଇରେ ଏହି ୩ ବୈଜ୍ଞାନିକ ନିର୍ଣ୍ଣାୟକ ଅବଦାନ ରଖିଛନ୍ତି। ଏହି ରୋଗ ହେଉଛି ବିଶ୍ୱର ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା, ଯାହା ସିରୋସିସ ଏବଂ ଯକୃତ(ଲିଭର) କର୍କଟ ସୃଷ୍ଟି କରିଥାଏ। ଏହି ୩ ବୈଜ୍ଞାନିକ ହିତକାରୀ ଆବିଷ୍କାର କରିଥିବା କାରଣରୁ ହେପାଟାଇଟିସ୍ ସି ଚିହ୍ନଟ ହୋଇଛି। ଏହା ହେପାଟାଇଟିସ୍ ରୋଗର ତୃତୀୟ ରୂପ। ପୂର୍ବ ଅପେକ୍ଷା ଅର୍ଥାତ୍ ହେପାଟାଇଟିସ୍ ଏ ଓ ବି ଠାରୁ ଅଧିକ ବିପଜ୍ଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ, ହେପାଟାଇଟିସ୍ ସି ହେଉଛି ଦୁନିଆର ତୃତୀୟ ଘାତକ ରୋଗ, ଯେଉଁଥିପାଇଁ ପ୍ରତିବର୍ଷ ୭ କୋଟି ଲୋକ ସଂକ୍ରମିତ ହେଉଥିବାବେଳେ ପ୍ରାୟ ୪ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ଏ କ୍ଷେତ୍ରରେ ଏକ ନମ୍ବରରେ ରହିଛି ଏଚ୍‌ଆଇଭି ଏବଂ ଦ୍ୱିତୀୟ ହେଉଛି ଯକ୍ଷ୍ମା। ତେଣୁ ହେପାଟାଇଟିସ୍ ସି ଭୂତାଣୁ ଆବିଷ୍କାରକୁ ବହୁ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ କେବଳ ହେପାଟାଇଟିସ୍ ଏ ଏବଂ ବି ଚିହ୍ନଟ ହୋଇଥିଲା। ହେଲେ ରକ୍ତ ଦ୍ୱାରା ହେପାଟାଇଟିସ୍ ରୋଗ ସବୁବେଳେ ସ୍ପଷ୍ଟ ହେଉ ନ ଥିଲା। ହେପାଟାଇଟିସ୍ ସି ଭୂତାଣୁ ଆବିଷ୍କାର ହେବା ପରେ ଦୀର୍ଘସ୍ଥାୟୀ ହେପାଟାଇଟିସ୍ ରୋଗର କାରଣ ଜଣାପଡିଛି। ଏହାଦ୍ୱାରା ରକ୍ତ ପରୀକ୍ଷା ଏବଂ ନୂତନ ଔଷଧ ସୃଷ୍ଟି ହୋଇପାରିବ। ସେମାନଙ୍କର ଆବିଷ୍କାର ଯୋଗୁ ବିଶ୍ୱରେ ଲକ୍ଷାଧିକ ଲୋକଙ୍କ ଜୀବନ ବଞ୍ଚିଯିବ। କମିଟି ପକ୍ଷରୁ କୁହାଯାଇଛି ଯେ, ଇତିହାସରେ ପ୍ରଥମ ଥର ପାଇଁ ଏହି ରୋଗ ଭଲ ହୋଇପାରିବ ଏବଂ ବିଶ୍ୱରୁ ହେପାଟାଇଟିସ୍ ସି ଭୂତାଣୁ ବିଲୋପ ହେବା ଆଶା ବଢ଼ିଛି।

୮୫ ବର୍ଷୀୟ ବୈଜ୍ଞାନିକ ଆଲଟର ରକ୍ତଦାନ କରିଥିବା ରୋଗୀମାନଙ୍କଠାରେ ହେପାଟାଇଟିସ ରୋଗର ଅଧ୍ୟୟନ କରିଥିଲେ। ସେମାନଙ୍କର ରୋଗ ହେପାଟାଇଟିସ୍ ଏ କିମ୍ବା ବି ନୁହେଁ ବୋଲି ସେ ସ୍ଥିର କରିଥିଲେ। ଆଲଟରଙ୍କ ଏହି କାର୍ଯ୍ୟକୁ ଆଗକୁ ବଢ଼ାଇ ୭୦ବର୍ଷୀୟ ବୈଜ୍ଞାନିକ ହଫଟନ ନୂତନ ଭୂତାଣୁର ଜେନେଟିକ୍ କ୍ରମକୁ ଅଲଗା କରିଥିଲେ। ପରବର୍ତ୍ତୀ ସମୟରେ ୬୮ବର୍ଷୀୟ ବୈଜ୍ଞାନିକ ରାଇସ୍ ଜେନେଟିକ୍ ଇଞ୍ଜିନିୟରିଂ ବ୍ୟବହାର କରି ଦ୍ୱନ୍ଦ୍ୱ ଦୂର କରିଥିଲେ। ସେ ଜଣାଇଥିଲେ ଯେ, ଏହା ଏକ ନୂତନ ଷ୍ଟ୍ରେନ୍ 'ହେପାଟାଇଟିସ ସି', ଯାହା ରୋଗୀଙ୍କୁ ଅସୁସ୍ଥ କରୁଥିଲା। ଏହି ଆବିଷ୍କାର ପାଇଁ ସେମାନଙ୍କୁ ମିଳିତ ଭାବେ ମିଳିଛି ପୁରସ୍କାର ବାବଦରେ ୧୦ ନିୟୁତ ସ୍ୱିଡେନ କ୍ରୋନର(୧,୧୧୮,୦୦୦ ଡଲାରରୁ ଅଧିକ)। ସାଧାରଣତଃ ଷ୍ଟକହୋମ୍‌ରେ ଡିସେମ୍ବର ୧୦ରେ ଏହି ପୁରସ୍କାର ଦିଆଯିବାକୁ ଥିବାବେଳେ କରୋନା ମହାମାରୀ ଯୋଗୁ ଉକ୍ତ ଆନୁଷ୍ଠାନିକ ସମାରୋହକୁ ବାତିଲ କରିଦିଆଯାଇଛି। ଏହା ପରବର୍ତ୍ତେ ବିଜେତାମାନେ ନିଜ ଦେଶରେ ରହି ଭର୍ଚୁଆଲ ସମାରୋହରେ ପୁରସ୍କାର ଗ୍ରହଣ କରିଛନ୍ତି। କରୋନା ଭାଇରସ୍ ଜନିତ ସ୍ୱାସ୍ଥ୍ୟ ସଙ୍କଟକୁ ସାରା ବିଶ୍ୱ ସମ୍ପ୍ରତି ସାମ୍ନା କରୁଥିବାବେଳେ ଚଳିତବର୍ଷ ମେଡିସିନ୍‌ରେ ନୋବେଲ ପୁରସ୍କାର ବିଶେଷ ମହତ୍ତ୍ୱ ବହନ କରୁଛି, ଯାହା ସମାଜ ତଥା ଅର୍ଥନୀତି ପାଇଁ ଡାକ୍ତରୀ ଅନୁସନ୍ଧାନର ଗୁରୁତ୍ୱକୁ ଦର୍ଶାଇଛି। ସୂଚନାଥାଉ କି, ସ୍ୱିଡେନର ବୈଜ୍ଞାନିକ ଆଲଫ୍ରେଡ୍ ବନାର୍ଡ ନୋବେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି। ଆଲଫ୍ରେଡ ତାଙ୍କ ସମ୍ପତ୍ତିର ଏକ ବଡ଼ ଅଂଶ ଏଥିପାଇଁ ଉତ୍ସର୍ଗ କରିଛନ୍ତି। ଏହାଦ୍ୱାରା ମାନବଜାତିର ସ୍ୱାର୍ଥରେ କାମ କରୁଥିବା ଲୋକଙ୍କୁ ସମ୍ମାନିତ କରିବା ପାଇଁ ଏହି ଟଙ୍କା ପ୍ରଦାନ କରାଯାଇପାରିବ।

## ଋଣ ଶୁଝିବାକୁ...

ଶିଖି ୱାନ୍ ମ୍ୟାନ୍ ଲୁଟେରା ପାଲଟିଯାଇଥିଲେ। ପାଖରେ ଅର୍ଥ ନ ଥିବାରୁ ଚୋରା ବନ୍ଧୁକ କିଣିପାରି ନ ଥିଲେ। ତେଣୁ ସେ ଏକ ଦୋକାନରୁ ଏୟାରଗନ (ଖେଳଣା ବନ୍ଧୁକ) କିଣି ବ୍ୟାଙ୍କରୁ ଲୁଟ୍ ପାଇଁ ଯୋଜନା କରିଥିଲେ। ଋଣ ଆଣିଥିବା ଦୁଇଟି ବ୍ୟାଙ୍କରେ ପୂର୍ବରୁ କାରବାର ଥିବାରୁ କର୍ମଚାରୀଙ୍କ ଉପସ୍ଥିତି ଓ ଭୌଗୋଳିକ ସ୍ଥିତି ବିଷୟରେ ଭଲଭାବେ ଅବଗତ ଥିବାରୁ ତେଣୁ ଲୁଟ୍ ପାଇଁ ପୂରା ପ୍ରସ୍ତୁତ ହୋଇଥିଲେ। ଏଥିପାଇଁ ଏକ ନମ୍ବର ବିହୀନ ସ୍କୁଟି ଯୋଗାଡ଼ କରିଥିଲେ। ପ୍ରଥମେ ସେ ସେପ୍ଟେମ୍ବର ୭ରେ ନନ୍ଦନବିହାରସ୍ଥିତ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କରୁ ଲୁଟ୍ ପାଇଁ ଉକ୍ତ ସ୍କୁଟିରେ ସେଠାରେ ପହଞ୍ଚିଥିଲେ। ସୁଯୋଗ ଦେଖି ଅପରାହ୍ନ ୩ଟା ୩୦ରେ ହେଲମେଟ ପିନ୍ଧି ଓ କାନ୍ଧରେ ବ୍ୟାଗ୍ ପକାଇ ବ୍ୟାଙ୍କ୍ ଭିତରକୁ ପଶି ଖେଳଣା ବନ୍ଧୁକ ଦେଖାଇ ୨ଲକ୍ଷ ୮୦ ହଜର ଟଙ୍କା ଲୁଟିନେଇଥିଲେ। ଏଥିରେ ସଫଳ ହେବା ପରେ ସୌମ୍ୟ ଦ୍ୱିତୀୟ ଲୁଟ୍ ବରିମୁଣ୍ଡ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ କରିବାକୁ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରିଥିଲେ। ଏଥିଲାଗି ସେ ଲୁଟ୍ ଟଙ୍କାରୁ ୭୧ ହଜାରରେ ଏକ ଅସଲି ବନ୍ଧୁକ କିଣିଥିଲେ। ଏହାପରେ ପୂର୍ବଭଳି କଳା ଶାର୍ଟ, ଗ୍ଲୋବ୍‌ସ୍ ଓ ହେଲମେଟ୍ ପିନ୍ଧିବା ସହ ଗୋଟିଏ ହାତରେ ଅସଲି ଓ ଅନ୍ୟ ହାତରେ ନକଲି ବନ୍ଧୁକ ଦେଖାଇ ୧୦ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଏଥିରୁ ସେ ୬ଲକ୍ଷ ଟଙ୍କାର ଋଣ ଶୁଝିଥିଲେ।

ତେବେ ଏହି ଘଟଣା ପରେ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଥିଲା। ହେଲେ ସୌମ୍ୟ ଜଣେ ପେଷାଦାର ଲୁଟେରା ହୋଇ ନ ଥିବାରୁ ତାଙ୍କ ନାମରେ କୌଣସି ଥାନାରେ ମାମଲା ନ ଥିବାରୁ ପୋଲିସ ତାଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଥିଲା। ତେବେ ପୋଲିସ ଉଭୟ ବ୍ୟାଙ୍କର ସିସିଟିଭି ଫୁଟେଜକୁ ଯାଞ୍ଚ କରିବାବେଳେ ଦୁଇ ଘଟଣାରେ ଜଣେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଏହାପରେ ପୋଲିସ ଉଭୟ ବ୍ୟାଙ୍କରୁ ଲୋନ୍ ନେଇଥିବା ଗ୍ରାହକଙ୍କ ତାଲିକା ଯାଞ୍ଚ କରିବାରୁ ସୌମ୍ୟ ଲକ୍‌ଡାଉନ୍ ପୂର୍ବରୁ ଲୋନ୍ ନେଇ ଲୁଟ୍ ପରେ ଶୁଝିଥିବା ଜଣାପଡିଥିଲା। ପୋଲିସ ସୌମ୍ୟଙ୍କ ଗାଁକୁ ଯାଇ ପୋଲିସ ତାଙ୍କର ଆର୍ଥିକ ସ୍ଥିତିକୁ ପରଖିବା ପରେ ସନ୍ଦେହ ବଢ଼ିଥିଲା। ପୋଲିସ ସେଠାରେ ଉକ୍ତ ସ୍କୁଟିକୁ ଦେଖିବା ପରେ ସେ ହିଁ ଦୁଇ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଥିଲା। ତାଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସୌମ୍ୟ ସବୁ ସତ କଥା କହିଥିଲେ। ତେବେ ତାଙ୍କ ପରିବାର ଲୋକେ ତଦନ୍ତରେ ସହଯୋଗ କରିଥିବା ସିପି କହିଛନ୍ତି। ସୌମ୍ୟ ଜଣେ ଭଲ ପିଲା ବୋଲି ଗାଁ ଲୋକେ ଜାଣିଥିଲେ। ଏବେ ବ୍ୟାଙ୍କ୍ ଲୁଟ୍‌ରେ ସମ୍ପୃକ୍ତ ଥିବା ଶୁଣିବା ପରେ ଚକିତ ହୋଇଯାଇଛନ୍ତି।

## ଦିନକରେ ୩ ସ୍ଥାନରୁ...

ଭୁଜାଲିରେ ଆକ୍ରମଣ କରି ୧ଲକ୍ଷ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି। ତପନଙ୍କ କହିବାନୁଯାୟୀ, ସେ ବାଲେଶ୍ୱରସ୍ଥିତ ଏକ ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିଲେ। ଗୁଜୁରିବଜାର ଛକ ନିକଟରେ ୩ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଜଣେ ଖଣ୍ଡା ଦେଖାଇବା ବେଳେ ଅନ୍ୟ ଜଣେ ଭୁଜାଲିରେ ଆକ୍ରମଣ କରି ସେ ଧରିଥିବା ଟଙ୍କା ବ୍ୟାଗ୍‌କୁ ଛଡ଼ାଇ ନେଇ ପଳାଇ ଯାଇଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପୋଲିସକୁ ଖବର ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## 'ସ୍ମାର୍ଟ'ର ପରୀକ୍ଷଣ...

ଏବେ ଏହାକୁ ଏକ ସୁପରସୋନିକ୍ ଗତି ଥିବା ମିଶାଇଲ ଭିତରେ ସଂଯୋଗ କରାଯାଇ ଉତ୍‌କ୍ଷେପଣ କରାଯାଇଥିଲା। ଫଳରେ ସୁପରସୋନିକ୍ ଗତିରେ ଯାଇ ମିଶାଇଲ ସମୁଦ୍ର ଭିତରକୁ ଖସିବା ପରେ ସେଥିରୁ ସ୍ମାର୍ଟ ଟର୍ପେଡ଼ୋ ବାହାରି ସମୁଦ୍ର ଭିତରେ ଥିବା ବୁଡ଼ାଜାହାଜକୁ ଧ୍ୱଂସ କରିବାରେ ସକ୍ଷମ ହୋଇପାରିଛି। ପରୀକ୍ଷା କରାଯାଇଥିବା ଏହି ଟେକ୍ନୋଲୋଜି ମାଧ୍ୟମରେ ସ୍ମାର୍ଟ ଟର୍ପେଡ଼ୋକୁ ୬୫୦ କିଲୋମିଟର ଦୂର ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲା। ଏଥିରେ ସୁପରସୋନିକ୍ ଓ ଟର୍ପେଡ଼ୋ ଭଳି ଦୁଇଟି ମିସାଇଲ ଟେକ୍ନୋଲୋଜି ବ୍ୟବହାର କରାଯାଇଥିବାରୁ ଏହାକୁ ସୁପରସୋନିକ୍ ମିସାଇଲ ଆସିଷ୍ଟେଡ଼ ରିଲିଜ୍ ଅଫ୍ ଟର୍ପେଡ଼ୋ (ସ୍ମାର୍ଟ) ବୋଲି କୁହାଯାଇଛି।

## ଶିବାଶିଷ ରାଉତ...

ଚଳିତବର୍ଷ କୌଣସି ଛାତ୍ରୀ ଜେଇଇ ଆଡଭାନ୍ସଡ୍ ୨୦୨୦ର ଟପ୍ ୧୦ରେ ସ୍ଥାନ ପାଇବାରେ ସଫଳ ହୋଇ ନ ଥିବା ଜଣାପଡ଼ିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରୀକ୍ଷାର୍ଥୀମାନେ ଅଫିସିଆଲ ୱେବସାଇଟ୍ jeeadv.ac.inରେ ସେମାନଙ୍କର ଫଳାଫଳ ଯାଞ୍ଚ କରିପାରିବେ। ରୋଲ୍ ନମ୍ବର ଓ ପାସ୍‌ୱାର୍ଡ ବ୍ୟବହାର କରି ସେମାନେ ଉକ୍ତ ୱେବ୍‌ସାଇଟ୍‌ରୁ ନିଜର ସ୍କୋରକାର୍ଡ ଓ ରାଙ୍କ୍‌କାର୍ଡ ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।

## ଭାରତ ବଜାର...

ପୁଣି ଥରେ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ମୁତାବକ କମ୍ପାନୀ ଭାରତ ବଜାରରେ ରହିଥିବା ଏହାର ସମ୍ପୂର୍ଣ୍ଣ କାରବାରର ଅଂଶଧନକୁ ଟାଟା ଗ୍ରୁପ୍‌କୁ ବିକ୍ରି କରିପାରେ। ଏୟାର ଏସିଆଇ ଇଣ୍ଡିଆ ମାଲେସିଆ ଭିତ୍ତିକ ଏୟାର ଏସିଆ ବରହାଦର ଏକ ଅଂଶ। କମ୍ପାନୀର ଏହି ଯୋଜନା ସମ୍ପର୍କରେ ଚର୍ଚ୍ଚା ହେଉଥିବା ବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ସୋମବାର ଏ ନେଇ ଦେଇଥିବା ମତ ପରେ ଚର୍ଚ୍ଚା ଜୋର ଧରିଛି। ଚଣ୍ଡୀଗଡ଼ଠାରୁ କମ୍ପାନୀ କାହିଁକି ଏହାର ବିମାନ ସେବା ବନ୍ଦ କରିବ ବୋଲି ଏକ ପ୍ରଶ୍ନରେ ପୁରୀ କହିଛନ୍ତି ଯେ, ଏୟାର ଏସିଆ ଭାରତ ବଜାରରେ ଏହାର କାରବାର ବନ୍ଦ କରିବା ସ୍ଥିତିରେ ରହିଛି। ଏୟାର ଏସିଆ ଇଣ୍ଡିଆର ମୂଳ କମ୍ପାନୀରେ ସମସ୍ୟା କାରଣରୁ କମ୍ପାନୀ ଏଭଳି ନିଷ୍ପତ୍ତି ନେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପରେ ମନ୍ତ୍ରଣାଳୟ ପକ୍ଷରୁ ଏହାର ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି। ପୁରୀଙ୍କ କଥାକୁ ଭୁଲ୍ ଭାବେ ଦର୍ଶାଯାଇଥିବା ଏଥିରେ କୁହାଯାଇଛି। ଏୟାର ଏସିଆ ଇଣ୍ଡିଆ ଟାଟା ଗ୍ରୁପ୍ ସହ ମିଶି ଭାରତରେ ସେବା ଯୋଗାଉଛି। ଟାଟା ଗ୍ରୁପ୍ ଏହି କମ୍ପାନୀରେ ପ୍ରମୁଖ ଅଂଶୀଦାର। ଏହି ଘଟଣା ସମ୍ପର୍କରେ କମ୍ପାନୀର ଉତ୍ତର ଲୋଡାଯାଇଥିବା ବେଳେ ମୁଖପାତ୍ର କିଛି କହିବାକୁ ମନା କରିଦେଇଛନ୍ତି। କ୍ଷତିରେ ଚାଲୁଥିବା ଏହି ଯୌଥ ଉଦ୍ୟୋଗରେ ମାଲେସିଆ ଭିତ୍ତିକ କମ୍ପାନୀ ପୁଞ୍ଜି ଲଗାଇବା ସପକ୍ଷରେ ନାହିଁ। ଅପରପକ୍ଷରେ କମ୍ପାନୀର ବଳକା ୪୯% ଅଂଶଧନ କିଣିନେବା ଲାଗି ଟାଟା ଆଲୋଚନାରେ ସାମିଲ ହୋଇଥିବା ଶୁଣିବାକୁ ମିଳିଛି।

## ଏମ୍‌ଏସ୍‌ପି ଚାଷୀଙ୍କ ଆଇନଗତ...

ମୁଲତବୀ ପ୍ରସ୍ତାବ ଆଣି ମିଶ୍ର କହିଛନ୍ତି, କେନ୍ଦ୍ର ସରକାର ଚାଷୀ ବିରୋଧୀ ଆଇନ ଆଣିଛନ୍ତି। ଏଭଳି ଆଇନ ପାସ୍ କରିବାର ଅଧିକାର ପାର୍ଲାମେଣ୍ଟର ନ ଥିଲେ ବି ଯବରଦସ୍ତ ପାସ୍ କରାଯାଇଛି। ଏହି ଆଇନକୁ ପାସ୍ କରିବାର ଅଧିକାର କେବଳ ରାଜ୍ୟ ସରକାରଙ୍କର ରହିଥିବା ସେ କହିଥିଲେ।

ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କୃଷି ମନ୍ତ୍ରୀ ଭୁଲ୍ ଓ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ମୋଦି ୨୦୧୪ରେ ସ୍ୱାମୀନାଥନ୍ କମିଟି ରିପୋର୍ଟ କାର୍ଯ୍ୟକାରୀ କରିବେ ବୋଲି କହିଥିଲେ। ଚାଷୀ ଯେତେ ଖର୍ଚ୍ଚ କରୁଛି ତା'ର ଦେଢ଼ଗୁଣା ଏମ୍‌ଏସ୍‌ପି ପାଇବ ବୋଲି କହିଥିଲେ। ଏବେ ସୁପ୍ରିମକୋର୍ଟରେ ମାମଲା ହେବାପରେ କେନ୍ଦ୍ର ସରକାର ସ୍ୱାମୀନାଥନ୍ କମିଟି ରିପୋର୍ଟକୁ ମାନିବେ ନାହିଁ ବୋଲି ସିଧା ସିଧା କହିଲେ। ଦେଶବାସୀଙ୍କୁ ଧୋକା ଦେଇ କେଉଁ ମୁହଁରେ ଚାଷୀଙ୍କ ବନ୍ଧୁ ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି ବୋଲି ମିଶ୍ର କହିଛନ୍ତି। ନୂଆ ଆଇନ୍ କରି ଚାଷୀମାନଙ୍କୁ ମୁକ୍ତି ଦେଇଦେଲୁ ବୋଲି କେନ୍ଦ୍ର ସରକାର କହୁଛନ୍ତି। ମାତ୍ର ଏମ୍‌ଏସ୍‌ପି ଚାଷୀମାନଙ୍କର ଆଇନଗତ ଅଧିକାର। ଚାଷୀମାନେ ଯେକୌଣସି ସ୍ଥାନରେ ଧାନ ବିକ୍ରି କରିପାରିବେ ବୋଲି ଆଇନ କହୁଛି। କେନ୍ଦ୍ର କ'ଣ ସେମାନଙ୍କୁ ମୁକ୍ତି ଦେଲା ବୋଲି ସେ ପ୍ରଶ୍ନ କରିଥିଲେ। ନୂଆ ଆଇନ କରି କେନ୍ଦ୍ର ସରକାର ଚାଷୀମାନଙ୍କୁ ବାଘ ମୁହଁକୁ ଠେଲିଦେଇଛନ୍ତି। ଅମ୍ବାନୀ, ଆଦାନୀଙ୍କ ଭଳି ପୁଞ୍ଜିପତି, କର୍ପୋରେଟ୍ ସଂସ୍ଥାକୁ ଚାଷୀଙ୍କୁ ଖାଇଦେବାକୁ ଛାଡ଼ିଦେଇଛନ୍ତି। ଚାଷୀଙ୍କୁ ସର୍ବନିମ୍ନ ମୂଲ୍ୟ ନ ଦେଇ ସରକାର କଣ୍ଟ୍ରାକ୍ଟ ଫାର୍ମିଂ କଥା କହୁଛନ୍ତି। ଯଦି କଣ୍ଟ୍ରାକ୍ଟ ଫାର୍ମିଂରେ ବିଚ୍ୟୁତି ହୁଏ, ତାହେଲେ କେଉଁ ଗରିବ ଚାଷୀ ମାମଲା ଲଢ଼ିବାକୁ ସୁପ୍ରିମକୋର୍ଟ ଯିବ। ଦିଲ୍ଲୀ ଯିବାପାଇଁ ଚାଷୀକୁ ତା'ର ଦୁଇ ଏକର ଜମି ବିକ୍ରି କରିବାକୁ ପଡ଼ିବ। ମୋଦି ଥିବା ପର୍ଯ୍ୟନ୍ତ ଏମ୍‌ଏସ୍‌ପି କାର୍ଯ୍ୟକାରୀ ହେବ ବୋଲି ପ୍ରେସ୍ ମିଟ୍ କରି କେନ୍ଦ୍ରମନ୍ତ୍ରୀ କହୁଛନ୍ତି। କିନ୍ତୁ ଏମ୍‌ଏସ୍‌ପିରେ ଧାନ କିଣିବାକୁ ସମସ୍ତେ ବାଧ ବୋଲି ଆଇନ୍ କରିବାକୁ ଡରୁଛନ୍ତି। ସ୍ୱାମୀନାଥନ କମିଟି ରିପୋର୍ଟ ମାନିବୁ କହି ଯେମିତି ଠକିଥିଲେ ଆଜି ସେମିତି ଚାଷୀ ଆନ୍ଦୋଳନକୁ ବନ୍ଦ କରିବାକୁ ମିଛ ପ୍ରତିଶ୍ରୁତି ଦେଇ କେନ୍ଦ୍ରମନ୍ତ୍ରୀ ଠକୁଛନ୍ତି ବୋଲି ମିଶ୍ର କହିଥିଲେ। ସେହିଭଳି ବିଜେଡି ଲୋକସଭା ଓ ରାଜ୍ୟସଭାରେ ଉଭୟ ବିଲ୍‌କୁ କ୍ଷୀଣ ସ୍ୱରରେ ବିରୋଧ କରିଥିବା କହିଥିଲେ। ତେବେ ଓଡ଼ିଶାରେ କଣ୍ଟ୍ରାକ୍ଟ ଫାର୍ମିଂ ଭିତରକୁ ନ ପଶିବାକୁ ନରସିଂହ ରାଜ୍ୟ ସରକାରଙ୍କୁ ସତର୍କ କରିଥିଲେ।

ଅନ୍ୟପକ୍ଷରେ କୃଷିମନ୍ତ୍ରୀ ଅରୁଣ ସାହୁ ରାଜ୍ୟର କୃଷି ଓ କୃଷକ ସମସ୍ୟା ପ୍ରତି ରାଜ୍ୟ ସରକାର ସର୍ବଦା ସଚେତନ ଓ ପ୍ରତିଶ୍ରୁତିବଦ୍ଧ ବୋଲି ମତ ରଖିଥିଲେ। କୃଷି କ୍ଷେତ୍ରରେ ସାମଗ୍ରୀକ ଉନ୍ନତି ନିମନ୍ତେ ରାଜ୍ୟ ସରକାର ନୂତନ କୃଷି ନୀତି ୨୦୨୦ ପ୍ରଣୟନ କରିଛନ୍ତି। କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ଫଳରେ ଜାତୀୟସ୍ତରରେ 'ଭୋକର ଭୁଗୋଳ'ଭାବେ ପରିଚିତ ଓଡ଼ିଶା ଆଜି 'ବିକାଶର ଭୂଖଣ୍ଡ'ରେ ପରିଣତ ହୋଇଥିବା ସେ କହିଥିଲେ। ବିଜେଡ଼ି ବିଧାୟକ ପ୍ରତାପ ଦେବ, ପ୍ରଶାନ୍ତ ମୁଦୁଲି, ଧ୍ରୁବଚରଣ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ସମର୍ଥନ କରି ଦୃଷ୍ଟି ଆକର୍ଷଣ ନୋଟିସ୍ ଆଣିଥିଲେ।

## ମୁଲତବୀ ପ୍ରସ୍ତାବକୁ ନେଇ ହୋହଲ୍ଲା

ମୁଲତବୀ ପ୍ରସ୍ତାବ ଆଲୋଚନାକୁ ନେଇ ବିଧାନସଭାରେ ସୋମବାର ଅଚଳାବସ୍ଥା ଦେଖା ଦେଇଥିଲା। ମୁଲତବୀ ନୋଟିସକୁ ନେଇ ଭାଗ ନ ଛିଣ୍ଡିବାରୁ କଂଗ୍ରେସ ଓ ଭାଜପା ଗୃହ ମଧଭାଗକୁ ଆସି ହୋହଲ୍ଲା କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ 'କୃଷି ଓ କୃଷକଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ବ୍ୟାପକ ଚାଷୀ ଅସନ୍ତୋଷ' ପ୍ରସଙ୍ଗକୁ ନେଇ ଆଲୋଚନା ଆରମ୍ଭ ହେବାରୁ ଏହାକୁ ବିରୋଧ କରିଥିଲା ଭାଜପା। ଭାଜପାର ମୁଲତବୀ ପ୍ରସ୍ତାବକୁ କ'ଣ ପାଇଁ ଗ୍ରହଣ କରାଗଲା ନାହିଁ ଏବଂ କଂଗ୍ରେସ ଯଦି ମୁଲତବୀ ପ୍ରସ୍ତାବ ଦେଲା କାହିଁକି ଆମ ସହ ଆଲୋଚନା କରାଗଲା ନାହିଁ ବୋଲି ଭାଜପା ସଦସ୍ୟମାନେ ପ୍ରଶ୍ନ କରି ହୋହଲ୍ଲା କରିଥିଲେ। ୪-୨ ଅନୁପାତରେ ମୁଲତବୀ ପ୍ରସ୍ତାବ ଦେବା ଲାଗି ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଥିବାରୁ ଭାଜପାର ୨ଟି ମୁଲତବୀ ପ୍ରସ୍ତାବ ପରେ କଂଗ୍ରେସର ଗୋଟିଏ ପ୍ରସ୍ତାବକୁ ଗ୍ରହଣ କରାଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ଦେଇଥିଲେ। ଏହାପରେ ମୁଲତବୀ ନୋଟିସ ଉପରେ ଆଲୋଚନା ଆରମ୍ଭ ହୋଇଥିଲେ ମଧ କିଛି ସମୟ ପର୍ଯ୍ୟନ୍ତ ହୋହଲ୍ଲା ପରେ ଏଥିରେ ଅସନ୍ତୋଷ ପ୍ରକାଶ କରି ଭାଜପା କକ୍ଷତ୍ୟାଗ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଧନ ସ୍ଥାନରେ ରାହୁ ସହ ଚନ୍ଦ୍ର ଯୋଗୁ ଧନହାନି କିମ୍ବା ଅର୍ଥସମ୍ପର୍କୀୟ ବିବାଦ ଲାଗିପାରେ। କୌଣସି ଭିତିରିଆ ଉଦ୍ଦେଶ୍ୟ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ସାହାଯ୍ୟର ହାତ ବଢାଇବେ। କର୍ମକ୍ଷେତ୍ରରେ ବହୁ ଲୋକଙ୍କ ମେଳରେ ଅଧିକାଂଶ ସମୟ କଟିବ। ଦୀର୍ଘ ସମୟ କାର୍ଯ୍ୟବ୍ୟସ୍ତ ରହି ଏକ ପ୍ରକାର କ୍ଲାନ୍ତି ଅନୁଭବ କରିପାରନ୍ତି।

**ବୃଷ** ଶନି ଓ ଶୁକ୍ରଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ଫୁଲାଫାଙ୍କିଆ ମିଜାଜରେ ସମୟର ଅପଚୟ କରିପାରନ୍ତି। ବାଣିଜ୍ୟ କ୍ଷେତ୍ରରେ, ପ୍ରତିଦ୍ୱନ୍ଦ୍ୱିତା କାରଣରୁ କିମ୍ବା ଜମିଜମା ସମ୍ବନ୍ଧୀୟ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ଶୁକ୍ରଙ୍କ ପ୍ରଭାବରୁ ଭାବଗତ ସମ୍ପର୍କକୁ ଦୃଢୀଭୂତ କରିବେ।

**ମିଥୁନ** ଆଜି ଆପଣ ହସଖୁସୀର ପରିବେଶ ଭିତରେ ନିଜକୁ ହଜାଇ ଦେବେ। ମାତ୍ର କେତେକ କ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ଆତ୍ମବଡିମା ପ୍ରକାଶ କରି ଉପହସିତ ହେବାକୁ ପଡିପାରେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଓ ଧୀରେ ସୁସ୍ଥେ କାମ କରିପାରନ୍ତି। ଆକସ୍ମିକଭାବରେ ଅର୍ଥ ସଙ୍କଟର ଆଶଙ୍କା ଦେଖାଦେଇପାରେ।

**କର୍କଟ** ରବି ଏବଂ ବୁଧ ତଥା ଶୁକ୍ର କ୍ଷେତ୍ର ପରିବର୍ତ୍ତନ କରିଥିବାରୁ ପାରିବାରିକ ଜୀବନରେ ସୁଖଦ ଅନୁଭୂତିର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନ, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଭିରୁଚି ବଳିବ ଓ ପ୍ରଶଂସିତ ମଧ ହେବେ। ପ୍ରିୟବ୍ୟକ୍ତିଟି ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି।

**ସିଂହ** ଆଜି ସାମୟିକ ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରି ମନ ଚିନ୍ତା ସାଗରରେ ଭାସି ବୁଲିବ। ଏଣେ ପିଲାଙ୍କ ଜଞ୍ଜାଳ, ତେଣେ ନିଜର ସଉକି, ପରସ୍ପର ବିପରୀତ ପରିସ୍ଥିତିରେ ମନ ଦୋଳାୟମାନ ହୋଇପାରେ। ଅଫିସରେ କୌଣସି ଫାଇଲ କାମ ସମ୍ପର୍କରେ ଉପରିସ୍ଥଙ୍କୁ କୈଫିୟତ୍ ଦେବାକୁ ପଡିବ।

**କନ୍ୟା** ରବି ରାଶିରେ ଥିବାରୁ ପରିଣାମ କଅଣ ହେବ ସେଥି ପାଇଁ ଚିନ୍ତା କରନ୍ତୁ ନାହିଁ। ସାମାନ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଭିତରେ କାମ ହସଲ କରିହେବ। ପ୍ରଶାସନ କିମ୍ବା ରାଜନୀତିରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**ତୁଳା** ସାମାଜିକ ସ୍ତରରେ ନିଜକୁ ଆଗରେ ରଖିପାରିବେ ନାହିଁ, ଫଳରେ ପଶ୍ଚାତ୍ତାପ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଘର ସାଜସଜ୍ଜା, ଗାଡି ମୋଟରାଦି ଯାନ୍ତ୍ରିକ ଜିନିଷର ମରାମତିରେ ଅଧିକ ସମୟ ନେଇପାରନ୍ତି। ବନ୍ଧୁଗହଣରେ ନୂତନ ଭାବେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** କେତୁ ଓ ଶନିଙ୍କ ସ୍ଥିତିଜନିତ ନିଜ ବାସସ୍ଥାନ ନିକଟରେ ରହୁଥିବା ଲୋକଟିଏ ଆପଣଙ୍କୁ ମିଛ କଥା କହିପାରେ। ପାରିବାରିକ ସ୍ଥିତି କେତେକାଂଶରେ ଭଲ ଦିଗକୁ ଗତି କରିବ। ଅଫିସ କାମରେ ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** ଆପଣଙ୍କ ବ୍ୟକ୍ତି କୈନ୍ଦ୍ରିକ ଚିନ୍ତାଧାରା ସାମାଜିକ ଜୀବନରେ ଅଶାନ୍ତିର କାରଣ ବନିପାରେ। ସନ୍ତାନ, ଶିକ୍ଷା ଓ ମାଲି ମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ। ଅଫିସ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଆଜିର ଦୈନିକଚର୍ଯ୍ୟା ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର** ଆଜି କୌଣସି କାମ ଅଟକିବ ନାହିଁ କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ସହ ଟେନ୍ସନ ଲାଗି ରହିବ। ସାମାଜିକ ସ୍ତରରେ ଉଚ୍ଚ ବର୍ଗର ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**କୁମ୍ଭ** ଅନ୍ୟମାନଙ୍କ ପ୍ରରୋଚନାରେ ନିଜର ଆତ୍ମୀୟା ଜଣେ କିଛି ସମସ୍ୟା ସୃଷ୍ଟିରେ ସାହାଯ୍ୟ କାରିପାରନ୍ତି। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ କିମ୍ବା ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ଅନଟନ ଦୂରେଇବା ସକାଶେ ଧାର କରଜ କରିବାକୁ ବାଧ ହେବାକୁ ପଡିବ।

**ମୀନ** ନୂତନ ଗାଡି, ମୋଟର, ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ କରି ପ୍ରଶଂସିତ ହୋଇପାରନ୍ତି।

ଆଜି ଆଶ୍ୱିନ ମଳକୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ମଙ୍ଗଳବାର, ଅକ୍ଟୋବର ୬ ତାରିଖ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ୫ମୀର ପାର୍ବଣ ଶ୍ରାଦ୍ଧ, ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦିବା ଘ. ୦୫.୪୨ମି. ଗତେ ଘ.୦୬.୨୯ମି. ମଧ୍ୟେ, ଘ.୦୭.୧୬ମି. ଗତେ ଘ.୧୧.୧୧ମି. ମଧ୍ୟେ, ରାତ୍ରି ଘ.୦୭.୫୩ମି. ଗତେ ଘ.୦୮.୪୩ମି. ମଧ୍ୟେ, ଘ.୦୯.୩୨ମି. ଗତେ ଘ.୧୧.୫୯ମି. ମଧ୍ୟେ, ଘ.୦୪.୦୪ମି. ଗତେ ଘ.୦୫.୪୨ମି. ମଧ୍ୟେ,ଅମୃତବେଳା। ସନ୍ଧ୍ୟା ଘ.୦୫.୨୬ମି. ଗତେ ଘ.୦୭.୫୩ ମି. ମଧ୍ୟେ, ଘ.୦୧.୩୭ମି. ଗତେ ଘ.୦୩.୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୩୦ମି. ଗତେ ଘ.୦୩.୫୮ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302




SALE

Ready to move 2BHK flat @22.99 lakhs** near Mount Litera Zee School, Kateni is for sale. 9937162220. D-18497

Plot sale near AIIMS Hospital, Bhubaneswar with 30' road, 9439206202. D-69174

ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313. D-69176

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

BDA yellowzone commercial/residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477. D-69167

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321. D-69166

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Full ayurvedic body massage with refreshment expert therapist call: 7436826500. D-69774

Newly open SPA centre smart therapist full body massage: 8114970372. D-59964

Get good massage for your health the best therapy SPA Station. 7655024727, 8118079281. D-69555

Herbal full body massage by smart / expert therapist. Contact: 8338067247. D-69765

Newly open full body massage SPA in Bhubaneswar. Contact: 7205058838. D-69770

Get refreshment body massage by expert therapist contact for. 9556978408. D-69766

Rejuvenate and Ayurvedic full body massage by smart therapist. 9348123330. D-69771

Swarna SPA newly open positively health benefits with expert therapist. 7873794731. D-69767

Newly open SPA centre smart therapist full body massage: 7205187702. D-59963

Newly open SPA centre smart therapist full body massage: 7846814019. D-59962

AFFIDAVIT

By virtue of this affidavit bearing No. 12/20 on dated 04.03.20, sworn before Executive Magistrate, Puri. I have changed my name Sudarasan Mallik to Sudarsan Mallick and my Father's name Bhudhinath Mallik to Budhinath Mallick. So I am known as Sudarsan Mallick, S/o- Budhinath Mallick, At/Po- Dahan, P.S.- Satyabadi, Dist- Puri for all purpose. D-18495

CHANGE OF NAME: I, Ashirvad Patnaik, S/o of Sri Rabi Narayan Patnaik resident of Duplex-3, Golakpuri, Kalarahanga, Bhubaneswar-751024 have changed my name to Aashirvad Patnaik VIDE AFFIDAVIT - F.C.No.- 34/15/9/2020. D-18498

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୫୫,୨୩,୭୪୯ | ୧୦,୪୩,୪୪୭ | ୨,୬୭,୨୧,୦୯୦ |
| ଭାରତ | ୬୬,୫୦,୪୫୬ | ୧,୦୩,୦୦୫ | ୫୬,୨୧,୧୯୩ |
| ଓଡ଼ିଶା | ୨,୩୫,୩୩୦ | ୯୨୪(+୫୩) | ୨,୦୬,୪୦୦ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କରୋନାରେ ସିଏମ୍‌ସି ନୋଡ଼ାଲ ଅଧିକାରୀଙ୍କ ମୃତ୍ୟୁ

**କଟକ ଅଫିସ, ୫।୧୦:** କଟକ ମହାନଗର ନିଗମ (ସିଏମ୍‌ସି) ପରିସଂଖ୍ୟାନ ଅଧିକାରୀ ବିଶ୍ୱନାଥ ଲେଙ୍କାଙ୍କ ଜୀବନ ନେଇଛି କରୋନା। ସୋମବାର ବିଳମ୍ବିତ ରାତିରେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ୪୯ ବର୍ଷୀୟ ବିଶ୍ୱନାଥ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ରହିଥିଲେ। ତେବେ ତାଙ୍କର ଶ୍ୱାସରୋଗ ଥିବାରୁ ପରେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଆଇସିୟୁରେ ରଖାଯିବା ସହ ପ୍ଲାଜମା ଥେରାପି କରାଯାଇଥିଲା। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ସେ ୨୦୧୮ ଅଗଷ୍ଟରେ ସିଏମ୍‌ସିରେ ପରିସଂଖ୍ୟାନ ଅଧିକାରୀ ଭାବେ ଯୋଗଦେଇଥିଲେ। ପରେ କରୋନା କଣ୍ଟ୍ରୋଲ ରୁମ୍ ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଏବଂ ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ବିଜେଡିରେ ଯୋଗଦେଲେ ପୂର୍ବତନ ପିସିସି ସମ୍ପାଦକ

**ଭୁବନେଶ୍ୱର,୫।୧୦(ବ୍ୟୁରୋ):** ତିର୍ତ୍ତୋଲ ଉପନିର୍ବାଚନ ପୂର୍ବରୁ କଂଗ୍ରେସର ୧୦ରୁ ଊର୍ଦ୍ଧ୍ୱ ନେତା ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ପୂର୍ବତନ ପିସିସି ସମ୍ପାଦକ ତଥା କୁଜଙ୍ଗ ଗ୍ରାମ ପଞ୍ଚାୟତ ଜିଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ମଲ୍ଲିକ, ତିର୍ତ୍ତୋଲ ବ୍ଲକ ପୂର୍ବତନ ଚେୟାରମ୍ୟାନ ଏସ.କେ. ଅବଦୁଲ ଫଏଜ, ଜଗତ୍‌ସିଂହପୁର ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଚେୟାରମ୍ୟାନ ସୁଜାତା ମହାନ୍ତି, କନକପୁର ସରପଞ୍ଚ ନିମିତା ରାଉଳ, ତୁଲଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ଦାଶ, ପିସିସି କନଭେନର ଦେବେନ୍ଦ୍ର କୁମାର ମଲ୍ଲିକ, କଂଗ୍ରେସ ନେତ୍ରୀ ନିବେଦିତା ମହାନ୍ତି, ତୁଲଙ୍ଗ ଜେନା, ସଭାପତି ଧୀରେନ୍ଦ୍ର ପାତ୍ର, ଇଚ୍ଛାପୁର ପଞ୍ଚାୟତ ସଭାପତି ସନ୍ତୋଷ ଦାସ, ତିର୍ତ୍ତୋଲ ବ୍ଲକ ସଭାପତି ଗଙ୍ଗାଧର ବିଶ୍ୱାଳ ଓ କଂଗ୍ରେସ ନେତା ଶେଖ ମହତାବ ଅଲ୍ଲିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ସୋମବାର ବିଜେଡିରେ ଯୋଗଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ଦେବାଶିଷ ସାମନ୍ତରାୟ, ପ୍ରଶାନ୍ତ ମୁଦୁଲି, ଜନ୍ମେଜୟ ଲେଙ୍କା ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

### ପାଟ୍ରୋଲିଂ ଜାହାଜରେ ଯବାନଙ୍କ ଆତ୍ମହତ୍ୟା

ପାରାଦୀପ, ୫।୧୦(ସ୍ୱ.ପ୍ର.): ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ)ର ରେଜିୟା ସୁଲତାନା ପାଟ୍ରୋଲିଂ ଜାହାଜରେ ସୋମବାର ଜଣେ ଯବାନ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ କେରଳର ଏ.କେ ଗୌତମନ୍(୨୩)। ଉକ୍ତ ଜାହାଜରେ ସେ ଜଣେ ନାବିକ ଥିଲେ। ଜାହାଜର ଏକ ପ୍ରକୋଷ୍ଠରେ ଗୌତମନ୍ ଦଉଡ଼ି ଦେଇଥିବା ନେଇ କୋଷ୍ଟଗାର୍ଡ ପକ୍ଷରୁ ମେରାଇନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୬/୨୦)ରୁଜୁ କରାଯାଇଛି।

### ଭାଜପାରେ ଯୋଗଦେଲେ ବହୁ ବିଜେଡି, କଂଗ୍ରେସ କର୍ମୀ

**ଭୁବନେଶ୍ୱର,୫।୧୦(ବ୍ୟୁରୋ):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ବିଜେଡି ଏବଂ କଂଗ୍ରେସ ଦଳର ବହୁ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଥିବା ରାଜ୍ୟ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ହାଜିପୁର ଜିଲା ପରିଷଦ ପ୍ରାର୍ଥୀ ରଞ୍ଜନ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ, ପୂର୍ବତନ ଗୋବିନ୍ଦପୁର ସରପଞ୍ଚ ଶାରଦା ପ୍ରସାଦ କାଣ୍ଡି, କନକପୁରର ସୁନୀଲ ମହାରଣା, ତେନ୍ତୁଳିପଦାର ପୂର୍ବତନ ସରପଞ୍ଚ, ପୂର୍ବତନ ସରପଞ୍ଚ ଅକ୍ଷୟ ମହାନ୍ତି, ବସନ୍ଦରା ପୂର୍ବତନ ସରପଞ୍ଚ ନିଶିକାନ୍ତ ମଲ୍ଲିକ, ଶିବପୁରର ଅଲୋକ କୁମାର ଭୋଇ, ଅଢଙ୍ଗା ଗ୍ରାମର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଶିବପୁରର ପୂର୍ବତନ ସମିତି ସଭ୍ୟ ସତ୍ୟରଞ୍ଜନ ସେଠୀ, ବିରିଡିର ଅଲେଖ ମାଝି, ଦୀପ୍ତିରଞ୍ଜନ ଭୋଇ, ଅଖତର ରଜାକ୍, ଖଗେଶ୍ୱର ଭୋଇ, ସୁଶାନ୍ତ ରାଉତ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ରଘୁନାଥପୁର ବ୍ଲକ ତରିକୁନ୍ଦ ଗ୍ରାମପଞ୍ଚାୟତର ବୈରାଗୀ ଚନ୍ଦ୍ର ବେହେରା, ତରିକୁନ୍ଦର ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସାହାଣୀ, ମହେଶ୍ୱର ସ୍ୱାଇଁ, ସୁବୋଧ କୁମାର ବାରିକ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସମସ୍ତ ସଦସ୍ୟଙ୍କୁ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଜଗତସିଂହପୁର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲା ପ୍ରଭାରୀ ଶାରଦା ପ୍ରଧାନ ପ୍ରମୁଖ ନୂଆ ସଦସ୍ୟଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।

# ଘରେ ଥିବା କୋଭିଡ୍ ରୋଗୀଙ୍କୁ ଫାଭିପିରାଭିର

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ମହାମାରୀ ସଂକ୍ରାମକ ରୂପ ଧାରଣ କରିଛି। ୮୦ ପ୍ରତିଶତ ଆଂଶିକ ଲକ୍ଷଣ ଥିବା କୋଭିଡ୍ ସଂକ୍ରମିତ ନିଜ ଘରେ ସଙ୍ଗରୋଧରେ ରହିବାକୁ ପସନ୍ଦ କରୁଛନ୍ତି। ଏପରି ସ୍ଥଳେ ସେହି ରୋଗୀମାନଙ୍କୁ ରୋଗ ପ୍ରତିରୋଧ ପାଇଁ ଫାଭିପିରାଭିର ଟାବ୍‌ଲେଟ ଖାଇବାକୁ ଅନୁମତି ଦିଆଯାଇଛି। ଏ ନେଇ ସୋମବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ପରେ ଫାଭିପିରାଭିରକୁ ଘରେ ସଙ୍ଗରୋଧରେ ରହିଥିବା ରୋଗୀମାନେ ଖାଇବାକୁ ଅନୁମତି ଦିଆଯାଇଛି। ଏହି ଟାବ୍‌ଲେଟ କରୋନାକୁ ରୋକିବାରେ ଫଳପ୍ରଦ ହେଉଥିବା ଜଣାପଡ଼ିଛି। ତେବେ ମନଇଚ୍ଛା ଏହାକୁ ନ ଖାଇବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଅଭିଜ୍ଞସମ୍ପନ୍ନ ଡାକ୍ତର ଗଣମାଧ୍ୟମ କିମ୍ବା ଅଡିଓ ଭିଜୁଆଲ ଜରିଆରେ ଏହି ଔଷଧ ଖାଇବା ପାଇଁ ପରାମର୍ଶ ଦେବେ। ରୋଗୀମାନେ ଡାକ୍ତରମାନଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବାକୁ କୁହାଯାଇଛି। ଫାଭିପିରାଭିର ସେବନ ନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସଓପି)କୁ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପରାମର୍ଶ ଦେଇଛନ୍ତି। ରୋଗୀଙ୍କ ଘରେ ଔଷଧ ଯୋଗାଇବାକୁ ରାପିଡ ରେସପନ୍ସ ଟିମ୍(ଆର୍‌ଆର୍‌ଟି)ଙ୍କୁ ତୁରନ୍ତ ନିୟୋଜିତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ, ରୋଗୀ କିପରି ଔଷଧ ଖାଇବେ ସେ ନେଇ ଆର୍‌ଆର୍‌ଟି ଟିମ୍ ପରାମର୍ଶ ଦେବେ। ପାର୍ଶ୍ୱ ପ୍ରତିକ୍ରିୟା, ସାବଧାନତା ଏବଂ କାର୍ଯ୍ୟ ସମ୍ପର୍କରେ ରୋଗୀଙ୍କ ପରିବାର ସଦସ୍ୟଙ୍କୁ ବୁଝାଇବେ। ଯଦି ବିପରୀତ ପ୍ରତିକ୍ରିୟା ହେଲା ତେବେ କାହାକୁ ଜଣାଇବେ ସେ ନେଇ ଟିମ୍ ସଦସ୍ୟମାନେ ଜଣାଇବେ। ଯଦି ଔଷଧ ଖାଇବା ପରେ ରୋଗୀ ଗୁରୁତର ହୋଇଯାଆନ୍ତି ତା'ହେଲେ ଆର୍‌ଆର୍‌ଟି ଟିମ୍ ତାଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ସହଯୋଗ କରିବେ। ରୋଗୀମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ , ସୂଚନା ପ୍ରଯୁକ୍ତି ବିଦ୍ୟା ସଚିବ ମନୋଜ କୁମାର ମିଶ୍ର, ଡାକ୍ତର ସମ୍ପଦ ଦାସ, ଡାକ୍ତର ଜୟନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

**ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ନ ଖାଇବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ**




## ଔଷଧ ସେବନ ନେଇ ପରାମର୍ଶ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

- ପ୍ରାଥମିକ ଅବସ୍ଥାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟାଏ
- ଲକ୍ଷଣହୀନ, ଗର୍ଭବତୀ, ଶିଶୁଙ୍କ ପାଇଁ ବାରଣ
- ଫାଭିପିରାଭିର ସେବନବେଳେ ମଦ୍ୟପାନ ନିରାପଦ ନୁହେଁ

ହୋମ୍ ଆଇସୋଲେଶନରେ ରହୁଥିବା କରୋନା ଆକ୍ରାନ୍ତ କିପରି ଫାଭିପିରାଭିର ଔଷଧ ଖାଇବେ, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଏସ୍‌ସିବିର ମେଡିସିନ ବିଭାଗ ମୁଖ୍ୟ ଡା. ଜୟନ୍ତ ପଣ୍ଡା କହିଛନ୍ତି ଯେ, ଫାଭିପିରାଭିର କୋଭିଡ୍-୧୯ ଭୂତାଣୁର ସଂଖ୍ୟା ଓ ପ୍ରଭାବ କମାଇ ଥାଏ। ରୋଗୀଙ୍କୁ ପ୍ରାଥମିକ ଅବସ୍ଥାରେ ଏହି ଔଷଧ ଦେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାର ସମ୍ଭାବନା ରହିଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଠିକ୍ ଭାବେ ସେବନ କଲେ ଜ୍ୱର, କାଶର ପ୍ରାଦୁର୍ଭାବ କମିଯାଇପାରିବ। ବର୍ତ୍ତମାନ କରୋନା ରୋଗୀଙ୍କୁ ୫ଦିନ ପାଇଁ ଫାଭିପିରାଭିର ଦେବା ବ୍ୟବସ୍ଥା କରାଯାଇଛି। ଲକ୍ଷଣ ନ ଥିବା ରୋଗୀଙ୍କୁ ଏହା ଦିଆଯାଏ ନାହିଁ। କେବଳ ଲକ୍ଷଣଯୁକ୍ତ ରୋଗୀଙ୍କୁ ଦିଆଯାଇପାରିବ। ସେହିପରି ଗର୍ଭବତୀ, ଛୋଟ ପିଲା ଫାଭିପିରାଭିର ଖାଇପାରିବେ ନାହିଁ। ରୋଗ ଚିହ୍ନଟ ହେବାମାତ୍ରେ ପ୍ରଥମ ଦିନରୁ ଆକ୍ରାନ୍ତଙ୍କୁ ଫାଭିପିରାଭିର ଦିଆଯାଇପାରିବ। ଏହାକୁ ଖାଇଲା ପରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିଲେ ଡାକ୍ତରଙ୍କୁ ଜଣାନ୍ତୁ। ପତଳା ଝାଡ଼ା ହେଲେ, ପେଟ କାଟିଲେ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ବୋଲି ଡା. ପଣ୍ଡା କହିଛନ୍ତି।

ଅଶ୍ୱିନୀ ହସ୍ପିଟାଲର ଡା. ସମ୍ପଦ ଦାସ କହିଲେ, ରୋଗୀଙ୍କ ଲିଖିତ ସମ୍ମତି ପରେ ହିଁ ଏହି ଔଷଧ ଦିଆଯିବ। ୫ଦିନ ମଧ୍ୟରୁ ପ୍ରଥମ ଦିନ ୯ଟି ବଟିକା ସକାଳେ ଓ ୯ଟି ବଟିକା ସନ୍ଧ୍ୟାବେଳେ ଖାଇବାକୁ ହେବ। ସେହିପରି ୨ୟ ଦିନରୁ ୫ମ ଦିନ ପର୍ଯ୍ୟନ୍ତ ୪ଟି ବଟିକା ସକାଳେ ଓ ୪ଟି ବଟିକା ସନ୍ଧ୍ୟାବେଳେ ଖାଇବାକୁ ହେବ। ଫାଭିପିରାଭିର ବା କୌଣସି ଔଷଧ ଖାଇଲେ ମଦ୍ୟପାନ ନ କରିବା ଉଚିତ। ଆଲ୍‌କହଲ ସହିତ ବିଭିନ୍ନ ଔଷଧର ରାସାୟନିକ ପ୍ରତିକ୍ରିୟା ହେଉଥିବାରୁ ମଦ୍ୟପାନ ନିରାପଦ ନୁହେଁ। ତେବେ ଫାଭିପିରାଭିର ଖାଇବାବେଳେ କେଉଁ କେଉଁ ଔଷଧ ଖାଇହେବ ସେ ସମ୍ପର୍କରେ ଡା. ଦାସ ସୂଚନା ଦେଇଛନ୍ତି। ଏହି ଔଷଧ ଖାଉଥିବା ରୋଗୀମାନେ ଅନ୍ୟାନ୍ୟ ଔଷଧ ଯଥା କରୋନା ସମୟରେ ସେବନ କରାଯାଉଥିବା ଆଣ୍ଟିବାୟୋଟିକ, ଭିଟାମିନ ଇତ୍ୟାଦି ଖାଇପାରିବେ। ସେହିପରି ଲୋକମାନେ ପୂର୍ବରୁ ନିୟମିତ ଖାଉଥିବା ଔଷଧ ଯେପରିକି ଗ୍ୟାଷ୍ଟ୍ରିକ ଔଷଧ, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଔଷଧ ଆଦି ଖାଇପାରିବେ ବୋଲି ଡା. ଦାସ ସୂଚନା ଦେଇଛନ୍ତି।

## ୩ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ, ୧୭ ମୃତ

**ଭୁବନେଶ୍ୱ, ୫।୧୦(ବ୍ୟୁରୋ)**

ରାଜ୍ୟରେ ଦୈନିକ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ବହୁଦିନ ପରେ ଏହା ୩ହଜାର ତଳକୁ ଖସିଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୨,୬୧୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୫୦୬ଜଣ ଥିବାବେଳେ ବରଗଡ଼ରୁ ୧୪୮, କଟକ ୧୩୬, କେନ୍ଦ୍ରାପଡ଼ା ୧୩୨, ଅନୁଗୋଳ ୧୧୫, ଯାଜପୁର ୧୧୨, ବଲାଙ୍ଗୀର ୧୦୯, କେନ୍ଦୁଝରରେ ୧୦୭, ସମ୍ବଲପୁର ୧୦୬, ମୟୂରଭଞ୍ଜ ୧୦୧ଜଣ ରହିଛନ୍ତି। ଅନ୍ୟ ଜିଲାଗୁଡ଼ିକରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଅଙ୍କରେ ଅର୍ଥାତ୍ ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୩୫,୩୩୦କୁ ବୃଦ୍ଧି ପାଇଛି। ଅନ୍ୟପଟେ ଆଉ ୧୭ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୯୨୪ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୪,୦୯୮ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି। ବର୍ତ୍ତମାନ ଆରୋଗ୍ୟ ସଂଖ୍ୟା ୨,୦୬,୪୦୦ ଛୁଇଁଛି।

## ପିପିଇ ଘୋଡ଼ାଇ ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ, ୨ ଗିରଫ




ଜବତ ଗଞ୍ଜେଇ ସହ ଗିରଫ ଦୁଇ ଅଭିଯୁକ୍ତ।

**କବିସୂର୍ଯ୍ୟନଗର,୫।୧୦**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସରକାରୀ ଡାକ୍ତରଖାନାରେ ଭଡ଼ା ସୂତ୍ରରେ ଲାଗିଥିବା ଏକ ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ କରୁଥିବା ୨ଜଣଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋରାପୁଟ ଜିଲା ପଟାଙ୍ଗୀ ଅଞ୍ଚଳର ସୁନୀଲ ମିଶ୍ର ଓ କବିସୂର୍ଯ୍ୟନଗର ଥାନା ବଡ଼ଆଗୁଳ ଗ୍ରାମର ଗୋପାଳ କରଣ। ଆମ୍ବୁଲାନ୍ସ (ନଂ.ଓଆର୦୨ବିପି୫୩୦୦) ସହ ପିପିଇ କିଟ୍ ଘୋଡ଼ାଇ ଚାଲାଣ ହେଉଥିବା ୨୫୬ କି.ଗ୍ରା. ଗଞ୍ଜେଇ ପୋଲିସ ଜବତ କରିଛି।

କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ ସାହୁଙ୍କ ନିର୍ଦ୍ଦେଶ ପ୍ରକାରେ ରବିବାର ଅପରାହ୍ନରେ ବୁଢ଼ାମ୍ବ ଛକରେ ସ୍ଥାନୀୟ ଫାଣ୍ଡି ପୋଲିସ ଉକ୍ତ ଆମ୍ବୁଲାନ୍ସକୁ ଅଟକାଇଥିଲା। ପରେ ଆମ୍ବୁଲାନ୍ସ ସହ ୨ଜଣଙ୍କୁ ଥାନାକୁ ପଠାଯାଇଥିଲା। ଯାଞ୍ଚ ପରେ ସେଥିରୁ ଗଞ୍ଜେଇ ମିଳିଥିଲା। ଏହା ଦିଗପହଣ୍ଡିରୁ ପୁରୀକୁ ଚାଲାଣ ହେଉଥିଲା ବୋଲି ଅବକାରୀ ବିଭାଗ ତଦନ୍ତରୁ ଜଣାପଡ଼ିଛି। ଗଞ୍ଜେଇ ନେଉଥିବା ବ୍ୟକ୍ତି ଆମ୍ବୁଲାନ୍ସ ଆଗେ ଆଗେ ଅନ୍ୟ ଏକ କାରରେ ଯାଉଥିବା ବେଳେ ସେ ଫେରାର ହୋଇଯାଇଛନ୍ତି। ମାମଲା ନଂ.୨୬୭/୨୦, ଓଡ଼ିଶା ଅବକାରୀ ଧାରା ୫୨ପ୍ରକାରେ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଅଟକ ଥିବା ସୁନୀଲ ଓ ଗୋପାଳଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସାହୁ କହିଛନ୍ତି।

## ଓଜେଇଇ ପାଇଁ ଏସ୍‌ଓପି ଜାରି

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ୩ଟି ସିଫ୍ଟରେ ହେବ। ତେବେ କରୋନା ମହାମାରୀ ସମୟରେ ପରୀକ୍ଷାର ସୁପରିଚାଳନା ପାଇଁ ଏସ୍‌ଓପି ଜାରି ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ନିର୍ଦ୍ଦେଶାବଳୀ ଅନୁଯାୟୀ, ପରୀକ୍ଷାର୍ଥୀଙ୍କର ସ୍ୱାସ୍ଥ୍ୟ ସୁବିଧା ସୁନିଶ୍ଚିତ କରିବା ସହ ସାମାଜିକ ଦୂରତା ସମ୍ବନ୍ଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ମୋଟ ସିଟ୍‌ର ମାତ୍ର ୫୦% ବ୍ୟବହାର କରାଯିବ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନ ବଜାୟ ରହିବ। ଯଦି କୌଣସି ପରୀକ୍ଷାର୍ଥୀଙ୍କ ଶରୀରର ତାପମାତ୍ରା ଅଧିକ କିମ୍ବା ଅନ୍ୟ କୌଣସି କରୋନା ଲକ୍ଷଣ ଥିବା ପରି ଦେଖାଯାଏ, ତାଙ୍କୁ ଏକ ସ୍ୱତନ୍ତ୍ର ଭାବେ ନିର୍ମିତ ହଲ୍‌ରେ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ। ପ୍ରତି ସିଫ୍ଟ ଆରମ୍ଭ ପୂର୍ବରୁ ପରୀକ୍ଷା ହଲ୍, କବାଟ ହ୍ୟାଣ୍ଡଲ୍, ଲିଫ୍ଟ ସୁଇଚ୍, ରେଲିଂ, ପରୀକ୍ଷାର୍ଥୀଙ୍କ ବସିବା ସ୍ଥାନ, ଚେୟାର, ଡେସ୍କ, କମ୍ପ୍ୟୁଟର ମନିଟର, କିବୋର୍ଡ, ମାଉସ୍ ଆଦି ଭଲ ଭାବେ ବିଶୋଧନ କରାଯିବ। ସମସ୍ତ ପରୀକ୍ଷାର୍ଥୀ ୩ ପ୍ଲାଏ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ସମସ୍ତ ଇନଭିଜିଲେଟର୍ ଓ କର୍ମଚାରୀଙ୍କୁ ମାସ୍କ, ଗ୍ଲୋଭସ୍ ଆଦି ସୁରକ୍ଷା ଉପକରଣ ଯୋଗାଇ ଦିଆଯିବ। ପରୀକ୍ଷାର୍ଥୀମାନେ କେନ୍ଦ୍ରରେ ପ୍ରବେଶ କରିବା ପୂର୍ବରୁ ସାବୁନ ଓ ସାନିଟାଇଜର୍ ଦ୍ୱାରା ହାତ ସଫା କରିବେ। ପରୀକ୍ଷାର୍ଥୀ ଓ କର୍ମଚାରୀଙ୍କ ବ୍ୟବହାର ପାଇଁ ପ୍ରବେଶ ସ୍ଥାନ ସମେତ ବିଭିନ୍ନ ସ୍ଥାନରେ ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧ ହେବ। ଦାୟିତ୍ୱରେ ରହୁଥିବା କର୍ମଚାରୀମାନେ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡକୁ ସ୍ପର୍ଶ ନ କରି ବାରକୋଡ୍ ରିଡର୍ ବ୍ୟବହାର କରି ଯାଞ୍ଚ କରିବେ। ଭିଡ଼ ନ କରିବା ପାଇଁ ସିଟ୍ ଆବଣ୍ଟନ ସଂକ୍ରାନ୍ତରେ କୌଣସି ଡିସ୍‌ପ୍ଲେ ବୋର୍ଡ ବ୍ୟବହାର କରାଯିବ ନାହିଁ। ପ୍ରବେଶ ସମୟରେ ଲାବ୍ ନମ୍ବର ସଂକ୍ରାନ୍ତରେ ପରୀକ୍ଷାର୍ଥୀଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ଦିଆଯିବ। ପରୀକ୍ଷା ଆରମ୍ଭ ପୂର୍ବରୁ ୫ଟି ଖାଲି ସିଟ୍‌ର କାଗଜ ପ୍ରତି ପରୀକ୍ଷାର୍ଥୀଙ୍କ ଡେସ୍କରେ ରଖାଯିବ। ପରୀକ୍ଷା କେନ୍ଦ୍ର ଓ ବାହାରକୁ ଯାଉଥିବା ପରୀକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ କର୍ମଚାରୀମାନେ ଉପଯୁକ୍ତ ସ୍ଥାନରେ ନିୟୋଜିତ ହେବେ ବୋଲି ଉକ୍ତ ଏସ୍‌ଓପିରେ କୁହାଯାଇଛି।




ପବ୍ଲିକ ସେକ୍ଟର ବ୍ୟାଙ୍କ୍ ଓ ଅନ୍ୟାନ୍ୟ ସରକାରୀ ଆର୍ଥିକ ସଂସ୍ଥାର ଘରୋଇକରଣକୁ ବିରୋଧ କରି ସର୍ବଭାରତୀୟ ଆନ୍ଦୋଳନ ସ୍ୱରୂପ ଏଆଇୟୁଟିୟୁସି ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ୟୁକୋ ବ୍ୟାଙ୍କ୍ ସମ୍ମୁଖରେ ବିକ୍ଷୋଭ।

## ଯୁକ୍ତ୨ ଦ୍ୱିତୀୟ କଟ୍ ଅଫ୍ ମାର୍କ ପ୍ରକାଶ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ଯୁକ୍ତ୨ ନାମଲେଖା ପାଇଁ ଦ୍ୱିତୀୟ କଟ୍ ଅଫ୍ ମାର୍କ ତାଲିକା ସୋମବାର ପ୍ରକାଶ ପାଇଛି। କଳାରେ ବିଜେବି, ବିଜ୍ଞାନରେ ରେଭେନ୍‌ଶା, ବାଣିଜ୍ୟରେ ବ୍ୟାସନଗର ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ରହିଛନ୍ତି। କଳାରେ ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ୭୦% କଟ୍‌ଅଫ୍ ମାର୍କ ସହ ଶୀର୍ଷରେ ରହିଛି। ଦ୍ୱିତୀୟରେ ଥିବା ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲର କଟ୍‌ଅଫ୍ ମାର୍କ ୬୮.୪% ଥିବାବେଳେ ୬୭.୧୭% ସହ ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିପରି ବିଜ୍ଞାନରେ ୮୬.୩୩ % କଟ୍‌ଅଫ୍ ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ଶୀର୍ଷରେ ରହିଥିବାବେଳେ ୮୬% ମାର୍କ ସହ ଦ୍ୱିତୀୟରେ ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ଓ ୮୪.୮୩% ମାର୍କ ସହ ତୃତୀୟରେ ବ୍ରହ୍ମପୁରର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ସେପଟେ ବାଣିଜ୍ୟରେ ୭୯.୬୭% କଟ୍‌ଅଫ୍ ମାର୍କ ସହ ଯାଜପୁରର ବ୍ୟାସନଗର ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟରେ ଥିବା ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର କଟ୍‌ଅଫ୍ ମାର୍କ ୭୩.୩୩% ଓ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ୭୨.୩୩% ସହ ତୃତୀୟ ସ୍ଥାନରେ ରହିଛି।

**ଆଜିଠୁ ନାମଲେଖା**



ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ ପରେ ଯୁକ୍ତ ୨ କଲେଜରେ ଖାଲି ଥିବା ସିଟ୍‌ଗୁଡ଼ିକରେ ନାମ ଲେଖା ପାଇଁ ଦ୍ୱିତୀୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ମୋଟ ୩୫,୫୯୧ ଛାତ୍ରୀଛାତ୍ର ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଳାରେ ସର୍ବାଧିକ ୨୮,୧୮୧ଜଣ ଥିବାବେଳେ ବାଣିଜ୍ୟରେ ୨,୦୬୪, ବିଜ୍ଞାନରେ ୪,୬୦୬, ସଂସ୍କୃତରେ ୩୬୯ ଓ ଧନ୍ଦାମୂଳକ ପାଇଁ ୩୭୧ଜଣ ଛାତ୍ରୀଛାତ୍ର ରହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କ ନାମଲେଖା ୬ରୁ ୮ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ୮ତାରିଖ ସନ୍ଧ୍ୟା ୬ଟାରେ ସାମ୍ସ ଇ-ସ୍ପେସରେ ଉପଲବ୍ଧ ହେବ। ୧୩ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ୱଟ୍ ସିଲେକ୍ସନ୍ ମେରିଟ୍ ଲିଷ୍ଟ ପ୍ରକାଶ କରାଯିବ। ୧୩ରୁ ୧୫ ତାରିଖ ଅପରାହ୍ନ ୨ଟା ଭିତରେ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିପାରିବେ। ୧୫ ତାରିଖ ସନ୍ଧ୍ୟାରେ ସ୍ୱଟ୍ ନାମଲେଖା ଲାଗି ଚୂଡ଼ାନ୍ତ ଛାତ୍ରୀଛାତ୍ରଙ୍କ ତାଲିକା ବାହାରିବ।


**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Regd. Office: Unit-VIII, Gopabandhu Nagar, Bhubaneswar-751012 (Odisha)
E-mail: theoccltd@odishaconstruction.com, Website: www.odishaconstruction.com

**ADVERTISEMENT**

Odisha Construction Corporation Limited, a state PSU invites applications from eligible candidates for appointment of **9 Nos. of Clerk (Contract)** on contract basis with a consolidated monthly remuneration of **Rs.9,000/- (Rupees Nine thousand) only**. The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (Six) years. After satisfactory completion of 6(Six) years of contractual service, they may be inducted into regular cadre with the scale of pay in Level 5 at Cell - 1 of the Pay Matrix under ORSP Rules 2017. The selected candidates shall be posted to any unit of the Corporation located in the state of Odisha.

**Vacancy Position:**

| Category | Nos. of Post | Nos. of Post reserved for women |
|---|---|---|
| Unreserved | 5 | 2 |
| SEBC | 1 | - |
| Schedule Tribe | 2 | 1 |
| Schedule Caste | 1 | - |
| **Total** | **9** | **3** |

Details of advertisement and prescribed application format are available in the OCCLwebsite : **www.odishaconstruction.com.**

Sd/-
Managing Director
OCCL, Bhubaneswar



**STATE POLLUTION CONTROL BOARD, ODISHA**
(DEPARTMENT OF FOREST & ENVIRONMENT, GOVERNMENT OF ODISAH)
Paribesh Bhawan, A/118, Nilakantha Nagar,
Unit - VIII, Bhubaneswar - 751 012, INDIA
EPABX: 2561909/2562847, Tel.: 2562822/2560955
E-mail: paribesh1@ospcbaord.org, Website: www.ospcboard.org
No. 9526/I-ESTT (MISC) 110/12 Dt.: 01.10.2020

**TENDER CALL NOTICE FOR TECHNICAL AND FINANCIAL BIDS FOR SELECTING AGENCIES FOR CONDUCTING EXAMINATION AND PREPARATION OF MERIT LISTS FOR RECRUITMENTS OF DIFFERENT VACANT POSTS OF SPC BOARD**

In pursuance to Tender Call Notice (TCN) No. 8425, Dtd.09.09.2020 for selecting agencies published in daily Newspapers the New Indian Express, the Times of India, The Samaj & The Dharitri on **10.09.2020**, for receipt of tender document in sealed cover by the intending bidders, scheduled on **05.10.2020 upto 4.00 P.M.** is hereby extended to **05.11.2020 upto 4.00 P.M.** due to unavoidable circumstances. The terms & conditions of the tender document can be accessed from SPC Board website **www.ospcboard.org**. The undersigned reserves the right to accept/reject any offer without assigning any reason thereof.

**Sd./- Member Secretary**

ଯାହାସବୁ ତୁମକୁ ଭଗବାନଙ୍କ ଆଡ଼କୁ ଯିବାକୁ ସାହାଯ୍ୟ କରେ– ସେଗୁଡ଼ିକୁ ଗ୍ରହଣ କର ଏବଂ ଯାହା କିଛି ତୁମକୁ ଭଗବାନଙ୍କଠାରୁ ଦୂରେଇ ନିଏ– ସେଗୁଡ଼ିକୁ ତୁରନ୍ତ ବର୍ଜନ କର। –ଶ୍ରୀମା



# ଅଷ୍ଟ୍ରିଚ୍ ସରକାର

କୌଣସି ଦେଶର ନାଗରିକଙ୍କ ମାନବ ଅଧିକାର କ୍ଷୁଣ୍ଣ ହେଲେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ମାନବ ଅଧିକାର ସଙ୍ଗଠନଗୁଡ଼ିକ ଆଗେଇ ଆସିଥାଆନ୍ତି। ସରକାର କିମ୍ବା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ଅତ୍ୟାଚାରିତ ହେଉଥିବା ବର୍ଗକୁ ସିଭିଲ ସୋସାଇଟି ଅର୍ଗାନାଇଜେଶନ ବା ଭଦ୍ର ସମାଜ ସଙ୍ଗଠନ ରକ୍ଷା କରିବାର ଅନେକ ଦୃଷ୍ଟାନ୍ତ ବିଶ୍ୱବ୍ୟାପୀ ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ ସ୍ତରରେ ବିଶେଷକରି ଗଣତାନ୍ତ୍ରିକ ସରକାରଗୁଡ଼ିକ ସକାରାତ୍ମକ ସମାଲୋଚନାକୁ ଗ୍ରହଣ କରି ଭୁଲ ସୁଧାରିବାକୁ ଚେଷ୍ଟା କରିଥାଆନ୍ତି। କିନ୍ତୁ ଭାରତରେ ଏବେ ତାହାର ଓଲଟା ପ୍ରତିଫଳନ ହେଉଛି। ୨୯ ସେପ୍ଟେମ୍ବରରେ ମାନବ ଅଧିକାର ସଙ୍ଗଠନ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ଭାରତରେ ଥିବା ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଥିବାରୁ ତା'ର କାର୍ଯ୍ୟ ବସ୍ତୁତଃ ଠପ୍ ହୋଇଯାଇଛି। ଏହି ବିଶ୍ୱସ୍ତରୀୟ ସଙ୍ଗଠନ କେନ୍ଦ୍ର ସରକାରଙ୍କ ଦୋଷତ୍ରୁଟି ଦର୍ଶାଇବାକୁ ଯାଇ ପ୍ରଶ୍ନ କରିବା ଯୋଗୁ ତାହାର କାର୍ଯ୍ୟଧାରା ଉପରେ ସରକାରୀ ଅଙ୍କୁଶ ଲଗାଇଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୭ରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲକୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା। ସଂଖ୍ୟାଲଘୁଙ୍କ ଅଧିକାର, ନାଗରିକଙ୍କ ଉପରେ ନିର୍ଯାତନା ବନ୍ଦ, ମୃତ୍ୟୁଦଣ୍ଡ ବିଲୋପ ଏବଂ ଶରଣାର୍ଥୀ ଅଧିକାର ଦିଗରେ ଏହା ପୃଥିବୀସାରା କାର୍ଯ୍ୟ କରୁଛି।

ନିକଟରେ ଶେଷ ହୋଇଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ (ଏଫସିଆର୍‌ଏ) ଆଇନ ଅଣାଯାଇଥିଲା। ଫଳରେ ଭାରତରେ ଥିବା ବେସରକାରୀ ସଙ୍ଗଠନ (ଏନ୍‌ଜିଓ)ଗୁଡ଼ିକୁ ଦେଶ ବାହାରୁ ଆସୁଥିବା ଅନୁଦାନ ଉପରେ ଅନେକ କଟକଣା ଲଗାଯାଇଛି। ଆଇନ ଆଣିବା ପୂର୍ବରୁ ସରକାର କୌଣସି ସଙ୍ଗଠନ ସହ ଆଲୋଚନା କରିନାହାନ୍ତି କିମ୍ବା ସଂସଦରେ ନାମକୁମାତ୍ର ଆଲୋଚନା କରାଯାଇ ଯେଭଳି ତରବରିଆ ଭାବେ ଏହାକୁ ଗୃହୀତ କରାଇ ନିଆଗଲା ତାହା ଉପରେ ସିଭିଲ ସୋସାଇଟି ସଙ୍ଗଠନଗୁଡ଼ିକ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ଉକ୍ତ ଆଇନ ଅଣାଯିବା ପଛରେ ରହିଥିବା ମନ୍ଦ ଉଦ୍ଦେଶ୍ୟ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଭଳି ସଙ୍ଗଠନଗୁଡ଼ିକୁ ଭାରତରେ କାର୍ଯ୍ୟ କରି ନ ଦେବା କଥାରୁ ବୁଝି ହେଉଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ରେ ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର ଅଧିକାରକୁ ୨୦୧୯ରେ ଉଚ୍ଛେଦ କରାଯାଇଥିଲା। ଫଳରେ ସେହି ରାଜ୍ୟରେ ଘଟୁଥିବା ମାନବ ଅଧିକାର ଉଲ୍ଲଂଘନ କାର୍ଯ୍ୟଗୁଡ଼ିକୁ ରିପୋର୍ଟ ମାଧ୍ୟମରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପୃଥିବୀବ୍ୟାପୀ ପ୍ରକାଶ କରିଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ନରେନ୍ଦ୍ର ମୋଦି ସରକାରଙ୍କ ଭାବମୂର୍ତ୍ତି ଉପରେ ଆଞ୍ଚ ଆସିଥିଲା। ପ୍ରତିଶୋଧପରାୟଣ ହୋଇ କେନ୍ଦ୍ର ସରକାର ସମ୍ଭବତଃ ଉକ୍ତ ସଙ୍ଗଠନର କାର୍ଯ୍ୟ ଭାରତରେ ବନ୍ଦ କରିଦେବା ପାଇଁ ଉଚିତ ମଣିଛନ୍ତି। ଏହାଦ୍ୱାରା ବିଦେଶରୁ ଅନୁଦାନ ପାଉଥିବା ସଙ୍ଗଠନଗୁଡ଼ିକୁ ଚେତାବନୀ ଦିଆଯାଇଛି ଯେ, ସରକାର ବିରୋଧରେ ଗଲେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଦଶା ଭୋଗିବାକୁ ପଡ଼ିବ। ଏଥିସହିତ ବିଦେଶରୁ ନ୍ୟାୟସଙ୍ଗତ ଉପାୟରେ ଏନ୍‌ଜିଓଗୁଡ଼ିକ ଅନୁଦାନ ପାଉଥିଲେ ମଧ୍ୟ ସେମାନଙ୍କ ଗତିବିଧି ଓ ଆର୍ଥିକ କାରବାର ଉପରେ ନଜର ରଖିବା ପାଇଁ ଦିଲ୍ଲୀର କୌଣସି ଏସ୍‌ବିଆଇରେ ସମ୍ପୃକ୍ତ ସଂସ୍ଥାର ଏକ ବ୍ୟାଙ୍କ ଆକାଉଣ୍ଟ ରହିବା ଆଇନରେ ବାଧ୍ୟତାମୂଳକ କରାଯାଇଛି। ଧରାଯାଉ ଏକ ସଂସ୍ଥା ଓଡ଼ିଶାର ଅନୁନ୍ନତ ଅଞ୍ଚଳରେ କାର୍ଯ୍ୟ କରୁଛି। ସେହି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟ ଦିଲ୍ଲୀରେ ରହିବା ବାଧ୍ୟତାମୂଳକ ପଛରେ ଉଦ୍ଦେଶ୍ୟ ରହିଥାଇପାରେ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ତାହାକୁ ଯାଞ୍ଚ କରିପାରିବେ। ସେହିପରି ବିଦେଶରୁ ଆସୁଥିବା ସମୁଦାୟ ଅର୍ଥର ମାତ୍ର ୨୦ ପ୍ରତିଶତ ସମ୍ପୃକ୍ତ ବେସରକାରୀ ସଙ୍ଗଠନ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟୟ କରିପାରିବେ ବୋଲି ଆଇନରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଏହି ସୀମା ୫୦ ପ୍ରତିଶତ ଥିଲା। ସାମାଜିକ ଚିନ୍ତକଙ୍କ ମତରେ ଏଭଳି ବୁଦ୍ଧି ସରକାରଙ୍କ ମୁଣ୍ଡରେ ପଶିବାର ଅର୍ଥ ହେଉଛି ବିଦେଶୀ ଅନୁଦାନ ପାଉଥିବା ସଙ୍ଗଠନଗୁଡ଼ିକର ଭାରତ ସରକାରଙ୍କ ପ୍ରତି ଆନୁଗତ୍ୟ ରହୁ ନାହିଁ। ବଡ଼ ଏନ୍‌ଜିଓଗୁଡ଼ିକ ଅଧିକ ଦରମା ଦେଇ ଉଚ୍ଚଶିକ୍ଷିତ ତଥା ଅଭିଜ୍ଞତାସମ୍ପନ୍ନ ଗବେଷକ ଓ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେଉଥିବାରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ସରକାରଙ୍କ ତ୍ରୁଟିକୁ ଦର୍ଶାଇବାରେ ସଫଳ ହେଉଛି। ପ୍ରଶାସନିକ ଖର୍ଚ୍ଚକୁ ୨୦ ପ୍ରତିଶତରେ ରଖିଦିଆଗଲେ ଏନ୍‌ଜିଓଗୁଡ଼ିକ ସାଧାରଣ ପଢୁଆ ପିଲାଙ୍କୁ ନିଯୁକ୍ତି ଦେଇ କାମ ଚଳାଇବାକୁ ବାଧ୍ୟ ହେବେ। ଫଳରେ ସେହିମାନଙ୍କୁ ଟଙ୍କା ଯାଚି ରିପୋର୍ଟ ବଦଳାଯାଇପାରେ ବା ନିମ୍ନ ସ୍ତରର ସମୀକ୍ଷା ରିପୋର୍ଟ ପ୍ରକାଶ ପାଇଲେ ସରକାରଙ୍କ ଭୁଲକାର୍ଯ୍ୟ ଲୁଚିଯିବାର ସମ୍ଭାବନା ରହିଛି।

ମରୁଭୂମିରେ ଅଷ୍ଟ୍ରିଚ୍ ନାମକ ଏକ ପକ୍ଷୀ ଦେଖାଯାଏ। ଏହି ପକ୍ଷୀ ଉଡ଼ିପାରେ ନାହିଁ। ତାକୁ ଯେତେବେଳେ କୌଣସି ବିପଦ ଦିଶେ ସେତେବେଳେ ଏହି ପକ୍ଷୀ ଏକ ଗାତ ଖୋଳି ନିଜର ମୁଣ୍ଡ ତା'ଭିତରେ ପୂରାଇଦିଏ। ଯେହେତୁ ସେ ବିପଦକୁ ଦେଖିପାରେ ନାହିଁ, ସେହେତୁ ସେ ଭାବେ ଆସୁଥିବା ବିପଦ ମଧ୍ୟ ତାକୁ ଦେଖିପାରିବ ନାହିଁ। ଆଜି ଆମ୍‌ନେଷ୍ଟି ସମ୍ପର୍କରେ ନେଇଥିବା ନିଷ୍ପତ୍ତି ଦ୍ୱାରା ଭାରତ ସରକାର ଏହିଭଳି ଅଷ୍ଟ୍ରିଚ୍ ମାନସିକତା ପ୍ରଦର୍ଶନ କରିଛନ୍ତି। ବିଶ୍ୱର କେତେକ ଏକଛତ୍ରବାଦୀ ଦେଶକୁ ବାଦ୍ ପକାଇଲେ ସବୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗତ ୭୦ ବର୍ଷ ଧରି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ୍ କାର୍ଯ୍ୟ କରିଆସୁଛି। କୌଣସି ଗଣତାନ୍ତ୍ରିକ ଦେଶର ସରକାର ଏହି ସଂସ୍ଥାକୁ ପସନ୍ଦ କରନ୍ତି ନାହିଁ ଏବଂ ବିଶ୍ୱବ୍ୟାପୀ ଏହାଦ୍ୱାରା ଅସନ୍ତୁଷ୍ଟ ଥିବା ସତ୍ତ୍ୱେ ତାହାର କାର୍ଯ୍ୟରେ ବାଧା ଦିଅନ୍ତି ନାହିଁ। ଏହାଫଳରେ ସବୁ ଗଣତାନ୍ତ୍ରିକ ଦେଶ ଭୁଲତ୍ରୁଟି ଦର୍ଶାଉଥିବା ଏହିଭଳି ସଙ୍ଗଠନ ଦ୍ୱାରା ପ୍ରସ୍ତୁତ ରିପୋର୍ଟକୁ ସମ୍ମାନ ଦେଇ ନିଜର ଦୋଷ ସୁଧାରି ଥାଆନ୍ତି। ତତ୍‌ସହିତ ସେହି ରିପୋର୍ଟକୁ ଖଣ୍ଡନ କରି ସମ୍ପୃକ୍ତ ସରକାର ନିଜର ସଫେଇ ଦେଇଥାନ୍ତି। ତାହା ଅନ୍ତର୍ଜାତୀୟ ସ୍ତରରେ ସମ୍ପୂର୍ଣ୍ଣ ଭାବେ ଗ୍ରହଣୀୟ ହୋଇଥାଏ। କିନ୍ତୁ ଭାରତ ସରକାର ଯେଉଁଭଳି ଭାବେ ଆମ୍‌ନେଷ୍ଟିକୁ ବିଦା କରିଦେଇଛନ୍ତି, ସେଥିରୁ ତାଙ୍କର ଅଷ୍ଟ୍ରିଚ୍ ମନୋଭାବ ଜଣାପଡୁଛି। ଭାରତ ସରକାର ସମାଲୋଚନା ପ୍ରତି ଅସହିଷ୍ଣୁ ହେଉଛି ବୋଲି ଏବେ ବିଶ୍ୱବ୍ୟାପୀ ପ୍ରମାଣ ମିଳିଲା। ଏହାଦ୍ୱାରା ଭାରତର ଭାବମୂର୍ତ୍ତି ଅନ୍ତର୍ଜାତୀୟ ସ୍ତରରେ ଯେଉଁଭଳି ଭାବେ କ୍ଷୁଣ୍ଣ ହେଲା ତାହାର କୁଫଳ ଆମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅକ୍ଟୋବର ୧୯୯୫

- ଜାଫ୍‌ନା ଉପଦ୍ୱୀପରେ ଥିବା କେତେକ ସାମରିକ ଘାଟି ଉପରେ ଶ୍ରୀଲଙ୍କା ସୈନ୍ୟଙ୍କ ପ୍ରତିଆକ୍ରମଣରେ ୩୦୦ ଏଲ୍‌ଟିଟିଇ ଉଗ୍ରପନ୍ଥୀ ନିହତ।
- ଦକ୍ଷିଣ ଆଫ୍ରିକାର ହିଂସା ଉପଦ୍ରୁତ କ୍ୱାଜୁଲ–ନାଟାଲ ପ୍ରଦେଶରେ ହିଂସାକାଣ୍ଡ ଓ ସଂଘର୍ଷ ଘଟି ୯୦ ଲୋକ ପ୍ରାଣ ହରାଇଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | 9 | | C | 0 | | A | 8 | | | |
| B | | | | E | | | D | | | | | | | |
| 2 | | 1 | | A | C | | | | | 5 | | 4 | 7 | 6 |
| | 3 | | 5 | | 4 | E | | 9 | | | | | | 1 |
| | | | | | | | | 4 | D | 6 | 9 | 2 | A | |
| 6 | | | 3 | 2 | E | | | | | | 0 | | 9 | |
| 7 | | 5 | | | | 2 | | | 3 | C | B | | | D |
| | | | | | | | | | | 8 | D | | | |
| | 2 | C | | | | 9 | | D | | | | 7 | | B |
| 9 | 0 | | | | | 6 | 5 | | | E | | 1 | | A |
| E | 4 | 6 | | | 5 | | | 1 | | 9 | | | C | |
| | | A | | | | | | | 6 | | | | | |
| D | | | | 8 | 0 | | | | | | | 3 | | |
| | | 9 | | | | | | | 1 | | 7 | 5 | | E |
| 1 | | 3 | | | | 7 | | E | | B | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 0 | 3 | C | E | 1 | 2 | 6 | 5 | 7 | B | 9 | 4 | 8 |
| 7 | 1 | 3 | 4 | 9 | 0 | 5 | B | 8 | E | 6 | A | C | D | 2 |
| 8 | 5 | B | 6 | 2 | A | C | 4 | 7 | 1 | 9 | D | E | 0 | 3 |
| 6 | 4 | 9 | D | B | 5 | E | 0 | 3 | 2 | C | 8 | A | 7 | 1 |
| 2 | E | C | 8 | 7 | 1 | A | 9 | D | 0 | 4 | 3 | B | 5 | 6 |
| 9 | 6 | D | E | 0 | 7 | 4 | 5 | A | B | 8 | 2 | 3 | 1 | C |
| 4 | 8 | 1 | 9 | A | D | 2 | 3 | C | 6 | E | 0 | 7 | B | 5 |
| B | 7 | A | C | 4 | 6 | 9 | 8 | 1 | 3 | D | 5 | 2 | E | 0 |
| E | C | 5 | 2 | 3 | B | D | 6 | 0 | 7 | 1 | 9 | 8 | A | 4 |
| 0 | 3 | 2 | 1 | 5 | 8 | 7 | E | B | C | A | 4 | 6 | 9 | D |
| D | 9 | 4 | 7 | 8 | 3 | B | C | 2 | A | 0 | 1 | 5 | 6 | E |
| 1 | A | 8 | 5 | E | 2 | 0 | 7 | 9 | D | 3 | 6 | 4 | C | B |
| C | 0 | 7 | B | 6 | 9 | 3 | D | 4 | 8 | 5 | E | 1 | 2 | A |
| 5 | 2 | 6 | 0 | 1 | 4 | 8 | A | E | 9 | B | C | D | 3 | 7 |
| 3 | B | E | A | D | C | 6 | 1 | 5 | 4 | 2 | 7 | 0 | 8 | 9 |

ଗତକାଲିର ଉତ୍ତର

# ସାମ୍ପ୍ରତିକ ଶିକ୍ଷାବ୍ୟବସ୍ଥା ଓ ଚାପଗ୍ରସ୍ତ ଛାତ୍ରୀଛାତ୍ର



ଅଧ୍ୟାପକ ଶରତ କୁମାର ଦାସ

ସାରା ଭାରତରେ ଜୀବନ ଜୀବିକା ନେଇ ଯେତିକି ଚର୍ଚ୍ଚା ଚାଲିଛି, ସମପରିମାଣରେ ଚର୍ଚ୍ଚା ଜୋର୍ ଧରିଛି ଆମ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ। ଅନେକଙ୍କ ମତରେ ୨୦୨୦–୨୧ର ଶିକ୍ଷାବର୍ଷ ଏକ ପ୍ରକାର ନଷ୍ଟ ହୋଇଗଲାଣି ଓ ଏହା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଇଛି। କେବଳ ଆଲୋଚନା ଓ ପର୍ଯ୍ୟାଲୋଚନା ସହିତ ଆ..ହା..ରୁ..ରୁରେ କଥା ଅଟକିରହୁଛି। କାହାର କିଛି କରିବାରେ ନାହିଁ। କରୋନା କବଳିତ ଶିକ୍ଷାବ୍ୟବସ୍ଥା ନିକଟରେ ସମସ୍ତେ ଯେମିତି ଏକ ପ୍ରକାର ଆତ୍ମସମର୍ପଣ କରିସାରିଛନ୍ତି। ଚିନ୍ତାରେ ଅଭିଭାବକ ଓ ଚାପରେ ଛାତ୍ରୀଛାତ୍ର। ଅସହାୟ ଓ ବିପର୍ଯ୍ୟସ୍ତ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା। ପାଖାପାଖି ୨୦୨୦ ମାର୍ଚ୍ଚ ମାସ ଅଧାଠାରୁ କୋଭିଡ୍–୧୯ର ବ୍ୟାପକତା କାରଣରୁ ଆମ ରାଜ୍ୟରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଛାତ୍ରୀଛାତ୍ରମାନଙ୍କର ଭାଗ୍ୟ ଭବିଷ୍ୟତ ଶୂନ୍ୟରେ ଝୁଲୁଛି। ପ୍ରତ୍ୟେକ ଅଭିଭାବକ ଚାହାନ୍ତି ଯେ ସେମାନଙ୍କର ପିଲା ସ୍ୱାଭାବିକ ଭାବରେ ବିଦ୍ୟାଳୟ ଯାଉ, ପାଠ ପଢୁ ଓ ଠିକ୍ ଢଙ୍ଗରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଉ। ମାତ୍ର ଏହା ଚଳିତ ଶିକ୍ଷା ବର୍ଷରେ ସମ୍ଭବ ହୋଇପାରୁନାହିଁ।

ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ ଲାଇନ୍ ପାଠପଢା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଆଦର୍ଶ ସୁଦୂରପ୍ରସାରୀ, ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ପରିସଂଖ୍ୟାନ ଅନୁଯାୟୀ ୩୦ରୁ ୪୦ ପ୍ରତିଶତ ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେଉଛନ୍ତି। ଏକ ସର୍ଭେରୁ ଜଣାପଡିଛି ଯେ, ଓଡିଶାରେ ୩୧.୯୫ ପ୍ରତିଶତ ସ୍କୁଲ୍ ଛାତ୍ରୀଛାତ୍ର ଓ ୩୩ ପ୍ରତିଶତ କଲେଜ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ପାଠ ପଢ଼ନ୍ତି। ମାତ୍ର ବାସ୍ତବତା ଅନ୍ୟ କିଛି ଭିନ୍ନ ହୋଇପାରେ। ସର୍ବପ୍ରଥମେ ଆମକୁ ବୁଝିବାକୁ ପଡିବ ଯେ ଅନ୍‌ଲାଇନ୍ ପାଠପଢା ଶ୍ରେଣୀଗୃହର ପାଠ ପଢା ସହିତ କେବେ ବି ସମକକ୍ଷ ନୁହେଁ ବା ଏହାର ଆଦୌ ବିକଳ୍ପ ବି ନୁହେଁ। କାରଣ ଅନ୍‌ଲାଇନ୍ ପାଠ ପଢାରେ ଛାତ୍ରୀଛାତ୍ରମାନଙ୍କ ସହିତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥାଏ। ପାଠପଢା ସମ୍ପର୍କିତ କିଛି ସନ୍ଦେହ ସହଜରେ ଦୂର ହୋଇପାରେ ନାହିଁ। ତେଣୁ ସତ କହିବାକୁ ଗଲେ 'ନାହିଁ ମାମୁଁଠାରୁ କଣାମାମୁଁ ଭଲ' ନ୍ୟାୟରେ ଏ ବ୍ୟବସ୍ଥା ଚାଲିଛି। ଆମ ରାଜ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଅନେକ ଅଭିଭାବକ ଅଛନ୍ତି, ଯେଉଁମାନେ କି ନିଜ ପିଲାମାନଙ୍କୁ ବହି ଖଣ୍ଡେ କିଣିଦେବାର ସାମର୍ଥ୍ୟ ନାହିଁ। ଦୁଇ ବେଳା ଦୁଇମୁଠା ପେଟକୁ ଦାନା ଦେବାରେ ଅସମର୍ଥ। ଏଭଳି ଆର୍ଥିକ ଅନଟନରେ ଥାଇ ନିଜ ପିଲାମାନଙ୍କୁ ଅନ୍‌ଲାଇନ୍ ପାଠପଢ଼ାର ସାଧନ ଯଥା ଆଣ୍ଡ୍ରୋଏଡ୍ ମୋବାଇଲ ସେଟ୍ ହେଉ ବା କମ୍ପ୍ୟୁଟର ପ୍ରଭୃତି କିଣିଦେବା 'ଆକାଶ କଇଁଆ ଚିଲିକା ମାଛ' ସହିତ ସମାନ।

ସକଳ ଦୁଃସ୍ଥିତି ମଧ୍ୟରେ ସରକାର ଗତ ସେପ୍ଟେମ୍ବର ମାସଠାରୁ ଆମ ଦେଶରେ ଅନ୍‌ଲକ–୪.୦ ଆରମ୍ଭ କରି ଜୀବନଯାତ୍ରା ସହଜ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଗଷ୍ଟ ୨୯ ତାରିଖରେ ଅନ୍‌ଲକ୍–୪.୦ ନିମନ୍ତେ ନିର୍ଦ୍ଦେଶାବଳୀ ଘୋଷଣା କରି ସେପ୍ଟେମ୍ବର ୨୧ ତାରିଖଠାରୁ ସ୍କୁଲ୍‌ଗୁଡିକ ଆଂଶିକ ଖୋଲିବା ପାଇଁ ଅନୁମତି ଦେଇଥିଲେ। ଶିକ୍ଷକମାନଙ୍କ ତତ୍ତ୍ୱାବଧାନ ତଥା ଅଭିଭାବକମାନଙ୍କ ଲିଖିତ ଅନୁମତି କ୍ରମେ କଣ୍ଟେନମେଣ୍ଟ ଅଞ୍ଚଳ ବାହାରେ କେବଳ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ପିଲାମାନେ ସ୍ୱଇଚ୍ଛାରେ ସ୍କୁଲକୁ ଯାଇପାରିବେ ବୋଲି ନିର୍ଦ୍ଦେଶାବଳୀରେ କୁହାଯାଇଥିଲା। ଦେଖାଯାଇଛି ଯେ, ଦେଶର ୮ଟି ରାଜ୍ୟ ଯଥା–ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଆସାମ, ନାଗାଲାଣ୍ଡ, ମେଘାଳୟ, ହରିୟାଣା, ଜମ୍ମୁ କଶ୍ମୀର ଓ ହିମାଚଳପ୍ରଦେଶରେ ସ୍କୁଲ୍ ଖୋଲିଛି। ମାତ୍ର ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅତି ନଗଣ୍ୟ ରହିଛି। ଅଭିଭାବକମାନେ ମହାମାରୀର ସାଂପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ ରଖି ନିଜ ପିଲାମାନଙ୍କୁ ସ୍କୁଲ୍‌କୁ ଛାଡିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଭଳି ପରିସ୍ଥିତିରେ ସେପ୍ଟେମ୍ବର ୨୮ତାରିଖରୁ ବିହାର ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ। ସପ୍ତାହକୁ ଦୁଇଦିନ ଛାତ୍ରୀଛାତ୍ର ସ୍କୁଲକୁ ଆସିବାକୁ କୁହାଯାଇଥିଲା।

ଏହା ମଧ୍ୟରେ ସମଗ୍ର ଦେଶରେ ଏଇ ଅକ୍ଟୋବର ମାସରୁ ଅନଲକ୍–୫.୦ ପ୍ରକ୍ରିୟା ଆରମ୍ଭ ହୋଇଛି। ଅକ୍ଟୋବର ୧୫ରୁ ରାଜ୍ୟ ସରକାରମାନେ ଚାହିଁଲେ କଣ୍ଟେନମେଣ୍ଟ ଅଞ୍ଚଳ ବାହାରେ ସମ୍ପୂର୍ଣ୍ଣ କୋଭିଡ୍–୧୯ ନିର୍ଦ୍ଦେଶାବଳୀ ମାନି ଶିକ୍ଷାନୁଷ୍ଠାନ ଖୋଲିପାରିବେ ବୋଲି କେନ୍ଦ୍ର ସରକାର କହିବା ସହିତ ଅନ୍‌ଲାଇନ୍ ଶିକ୍ଷା ଉପରେ ମଧ୍ୟ ସମପରିମାଣରେ ଗୁରୁତ୍ୱ ଦେଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନକୁ ବାଧ୍ୟତାମୂଳକ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ଉତ୍ତର ପ୍ରଦେଶ ସରକାର ଅକ୍ଟୋବର ୧୫ରୁ ସ୍କୁଲ୍ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମାତ୍ର ଦୁଃଖର ବିଷୟ ଯେ ସରକାରଙ୍କର ସତର୍କତାମୂଳକ ପଦକ୍ଷେପ ବର୍ତ୍ତମାନର କରୋନା କବଳିତ ଶିକ୍ଷା ବ୍ୟବସ୍ଥାରେ କୌଣସି ସୁଧାର ଆଣିପାରୁ ନାହିଁ।

ଆମ ରାଜ୍ୟ ସରକାର ବର୍ତ୍ତମାନର ପରିସ୍ଥିତିକୁ ଗୁରୁତର ସହ ବିଚାରକୁ ନେଇ ଆସନ୍ତା ଦୁର୍ଗାପୂଜା ପରେ ସ୍କୁଲ୍ ଖୋଲିବା ପାଇଁ ଏକ ସମୟୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରଙ୍କର ଏତାଦୃଶ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ବର୍ତ୍ତମାନ ଓଡ଼ିଶାରେ କୋଭିଡ୍–୧୯ର ସଂକ୍ରମଣ ଥମିନାହିଁ। ଏଭଳି ପରିସ୍ଥିତିରେ କୌଣସି ଅଭିଭାବକ ନିଜ ପିଲାର ଜୀବନକୁ ବିପନ୍ନ କରି ସ୍କୁଲକୁ ଛାଡିବା ପାଇଁ ନ ଚାହିଁବା ସ୍ୱାଭାବିକ। କାରଣ କୋମଳମତି ଛାତ୍ରୀଛାତ୍ରମାନଙ୍କର ଜୀବନ ନିଶ୍ଚୟ ବଡ।

ଏତଦ୍‌ବ୍ୟତୀତ ପିଲାମାନେ ସ୍କୁଲକୁ ଗଲେ ସଂକ୍ରମଣ ବୃଦ୍ଧିପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଯେଉଁଠି ମଧ୍ୟବୟସ୍କ ଓ ବୟସ୍କମାନେ କୋଭିଡ୍ କଟକଣା ପାଳନ କରି ଚଳିପାରୁନାହାନ୍ତି, ସେଭଳି ପରିସ୍ଥିତିରେ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ କିଭଳି ସରକାରଙ୍କର କୋଭିଡ୍ ନିୟମାବଳୀ ମାନି ଚାପମୁକ୍ତ ଭାବରେ ପାଠ ପଢିପାରିବେ ତାହା ବିଚାରଯୋଗ୍ୟ ନିଶ୍ଚୟ। ସାମାଜିକ ଦୂରତ୍ୱ ରହିବ ନାହିଁ । ମାସ୍କ ଠିକ୍ ଭାବେ ପିନ୍ଧିବେ ନାହିଁ। ସବୁ ସମୟରେ ପ୍ରତ୍ୟେକ ଅନ୍ୟ ଜଣକର ସଂସ୍ପର୍ଶରେ ଆସିବେ। ଏକାଠି ଯିବା ଆସିବା, ଖେଳ, ପ୍ରାର୍ଥନା ଇତ୍ୟାଦି ସମୟରେ ରୋଗ ସଂକ୍ରମଣର ସର୍ବାଧିକ ଭୟ ରହିଛି। ଏ ସମସ୍ତ ଘଟଣା ପ୍ରତି ଅଭିଭାବକମାନେ ସଚେତନ ଅଛନ୍ତି ଯାହାଫଳରେ ସେମାନେ ନିଜ ପିଲାମାନଙ୍କ ପାଇଁ ସର୍ବଦା ମାନସିକ ଚିନ୍ତା ଓ ଚାପରେ ରହୁଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ ସ୍କୁଲ୍ ଖୋଲିଦିଆଗଲା, ମାତ୍ର ତାହାର କୁଫଳ ଭୋଗିଲେ ଛାତ୍ରୀଛାତ୍ରମାନେ। ଏକ ସର୍ଭେ ଅନୁଯାୟୀ ପ୍ରାୟ ୯୪ ହଜାର ଛାତ୍ରୀଛାତ୍ର ଏକସମୟରେ କରୋନାରେ ଆକ୍ରାନ୍ତ ହେଲେ ଓ ଅନେକ ଛାତ୍ରୀଛାତ୍ର ମୃତ୍ୟୁବରଣ କଲେ ମଧ୍ୟ। ତେଣୁ ସେଠାକାର ଜନମତ ଏବେ ସ୍କୁଲ୍ ଖୋଲିବା ସପକ୍ଷରେ ନାହିଁ। ଅଧିକାଂଶ ଶିକ୍ଷକଶିକ୍ଷୟିତ୍ରୀ ସ୍କୁଲ୍ ଖୋଲିବାକୁ ବିରୋଧ କରୁଛନ୍ତି। ଯଦି ବର୍ତ୍ତମାନ ଆମ ଦେଶରେ ସ୍କୁଲ୍ ଖୋଲିଦିଆଯାଏ ତେବେ ସଂକ୍ରମଣ ହାର ନିଶ୍ଚୟ ବୃଦ୍ଧିପାଇବ। ଏଭଳି ପରିସ୍ଥିତିରେ ଆମକୁ ଅଧିକ ଯତ୍ନବାନ ହେବାକୁ ପଡିବ। ଆମେରିକାର ପରିସ୍ଥିତି ଆମ ଦେଶରେ ପୁନରାବୃତ୍ତି ନ ହେଉ। ସରକାର ଏ ବିଷୟରେ ଗଭୀର ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି । ଅଭିଭାବକମାନଙ୍କ ଭାବନାକୁ ଯଥାର୍ଥ ଭାବେ ବିଚାର କରି ଏକାନ୍ତ ଭାବେ ଦୂରଦର୍ଶୀ ନିଷ୍ପତ୍ତି ନେବାର ସମୟ ଆସିଛି।

ଇତିମଧ୍ୟରେ ସରକାର ୩୦ ପ୍ରତିଶତ ପାଠ୍ୟକ୍ରମ ହ୍ରାସ କରିଛନ୍ତି। ମାତ୍ର ଏହା ଯଥେଷ୍ଟ ପଦକ୍ଷେପ ନୁହେଁ। ଏ ଦିଗରେ ଯଥାର୍ଥ ଓ ସ୍ୱଚ୍ଛ ନୀତି ପ୍ରଣୟନ କରିବା ଅପରିହାର୍ଯ୍ୟ। ପାଠ୍ୟକ୍ରମର ହ୍ରାସ ତଥା ଶିକ୍ଷା ବ୍ୟବସ୍ଥାରେ ଘଟିଥିବା ଅନିଚ୍ଛାକୃତ ପରିବର୍ତ୍ତନ ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇବାର ସମ୍ଭାବନା ସୃଷ୍ଟି କରିଛି। ଭବିଷ୍ୟତରେ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରତିଯୋଗିତାମୂଳକ ତଥା ପ୍ରବେଶିକା ପରୀକ୍ଷା ପଦ୍ଧତି ଉପରେ ଏହା କି ପ୍ରଭାବ ପକାଇବ, ତାହା ସମୟ କହିବ ନିଶ୍ଚୟ। ସେଥିପାଇଁ ପାଠ୍ୟକ୍ରମର ହ୍ରାସ କାରଣକୁ ନେଇ ଚାରିଆଡେ ତର୍କ ବିତର୍କ ଆରମ୍ଭ ହୋଇଯାଇଛି। ଏ ସକଳ ସମସ୍ୟାର ସମାଧାନ ନିମନ୍ତେ ସରକାର ଯେତେ ପଦକ୍ଷେପ ଗ୍ରହଣ କଲେ ବି ବିଦ୍ୟାଳୟ ଖୋଲିବା ସଂକ୍ରାନ୍ତରେ ସ୍ୱଚ୍ଛ ଦୃଷ୍ଟିଭଙ୍ଗୀ ରହିବା ବିଧେୟ। ଏହା ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ସୁରକ୍ଷିତ ହୋଇପାରିବା ସହିତ ଅଭିଭାବକମାନେ ଚିନ୍ତା ଶୂନ୍ୟ ହୋଇପାରିବେ। ଶିକ୍ଷା ବ୍ୟବସ୍ଥା ମଧ୍ୟ ଶୃଙ୍ଖଳିତ ଓ ଚାପମୁକ୍ତ ହୋଇପାରିବ।

ଅପରପକ୍ଷରେ ୨୦୨୦–୨୧ ଶିକ୍ଷା ବର୍ଷ କ୍ରମଶଃ ଶେଷ ହୋଇଆସୁଅଛି । ପରୀକ୍ଷା ପାଖେଇ ଆସୁଛି । ଏ ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ହୋଇରହିଛି । ଅଭିଭାବକମାନେ ମଧ୍ୟ ଏଦିଗରେ ସେମାନଙ୍କ ପିଲାମାନଙ୍କ ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ଅଛି। ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ନିଜ ଦାୟିତ୍ୱରୁ ଦୂରେଇ ଯିବା ମଧ୍ୟ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ । ବର୍ତ୍ତମାନ କାଦୁଅ ଫିଙ୍ଗାର ସମୟ ନୁହେଁ । ଆମେ ସମସ୍ତେ ସତର୍କ ଓ ଯତ୍ନବାନ ହେବା ସହିତ ଓ ପ୍ରତି କ୍ଷେତ୍ରରେ ସରକାରଙ୍କୁ ସାହାଯ୍ୟ କରିବା ବିଧେୟ । ଯାହା ଫଳରେ ଆମ ପିଲାମାନଙ୍କ ଭବିଷ୍ୟତ ଉପରେ ମାଡି ଆସୁଥିବା ଅକାଳ ଚଡକ ସହଜରେ ବାଟ ଭାଙ୍ଗି ଚାଲିଯିବ।

ରାଜନୀତି ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ–୮୨୪୯୧୩୭୦୯୧

# ହୋମ୍ କ୍ୱାରାଣ୍ଟାଇନ୍ ସତର୍କତା



ଡା. ବିରଞ୍ଚି ନାରାୟଣ ମଲ୍ଲିକ

ସମଗ୍ର ବିଶ୍ୱ କରୋନା କବଳରେ ଛଟପଟ ହେଉଥିବା ବେଳେ ଡାକ୍ତରମାନେ ନିଜ ଜୀବନକୁ ବାଜି ଲଗାଇ ସଂକ୍ରମିତଙ୍କ ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ ଇନ୍‌ଷ୍ଟିଚ୍ୟୁଟ କ୍ୱାରାଣ୍ଟାଇନରେ ସାତ ଦିନ ରହିବା ପରେ, ସାତ ଦିନ ହୋମ୍ କ୍ୱାରାଣ୍ଟାଇନକୁ ପଠାଇ ଦିଆଯାଉଛି। ଜୀବନ ଜୀବିକାକୁ ବଞ୍ଚାଇବାକୁ ସରକାର ଅନେକ ପଦକ୍ଷେପ ନେବାକୁ ବାଧ୍ୟ ହେଉଛନ୍ତି। କ୍ୱାରାଣ୍ଟାଇନ ସମୟକୁ ମଧ୍ୟ କମାଇ ଦିଆଯାଇଛି। ହୋମ୍ କ୍ୱାରାଣ୍ଟାଇନରେ ଯଦି ଜଣେ ବ୍ୟକ୍ତି କରୋନା ଲକ୍ଷଣଯୁକ୍ତ ହୋଇଥାନ୍ତି ତେବେ ସେ ଚିକିତ୍ସକଙ୍କ ପରାମର୍ଶ ନେଇ ଡାକ୍ତରଖାନା ଯାଇପାରିବେ। କିନ୍ତୁ ସେହି ବ୍ୟକ୍ତିଜଣକ ଯଦି ଲକ୍ଷଣଯୁକ୍ତ ନ ହୁଅନ୍ତି ସେମାନେ ସମସ୍ତଙ୍କ ପରି ସର୍ବସାଧାରଣ ଜୀବନ ବଞ୍ଚାଇପାରିବେ। ଏହା ବ୍ୟତୀତ ସହରାଞ୍ଚଳରେ ଯେଉଁମାନଙ୍କ ଘରେ ଅଲଗା ଘର ସହ ସମସ୍ତ ସୁବିଧା ରହିଥିବ ସେମାନେ ଚାହିଁଲେ ହୋମ୍ କ୍ୱାରାଣ୍ଟାଇନରେ ରହିପାରିବେ। ତେଣୁ ହୋମ୍ କ୍ୱାରାଣ୍ଟାଇନରେ ରହିଲେ ଗୃହିଣୀମାନେ କେବଳ ନୁହନ୍ତି ଗୃହ ମୁଖ୍ୟଙ୍କ ଦାୟିତ୍ୱ ମଧ୍ୟ ବଢ଼ିଯାଏ। କରୋନା ଲକ୍ଷଣଯୁକ୍ତ ରହୁଥିବା ବ୍ୟକ୍ତିଟିର ଘରେ ଯଦି ପରିଣତ ବୟସର ବୟସ୍କ, ଛୋଟ ଶିଶୁ ବା ଅନ୍ୟ କୌଣସି ରୋଗରେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀ ଥାଆନ୍ତି ତାହାଲେ ଏ କ୍ଷେତ୍ରରେ ସତର୍କତା ଜରୁରୀ।

ହୋମ୍ କ୍ୱାରାଣ୍ଟାଇନରେ ରହୁଥିଲେ ପ୍ରଥମେ ସେହି ବ୍ୟକ୍ତିଟିର ନିଜ ଘର ସହ ବାଥରୁମ୍ ସଂଲଗ୍ନ ହୋଇଥିବ। ତାଙ୍କର ସମସ୍ତ ନିତିଦିନିଆ ବ୍ୟବହାରକାରୀ ଜିନିଷପତ୍ର ତାଙ୍କରି ରୁମ୍‌ରେ ହିଁ ରହିବ। ଘରକୁ ଯେତେ ସମ୍ଭବ ଦୁଇତିନିଥର ସାନିଟାଇଜ ରଖିବାକୁ ଚେଷ୍ଟା କରନ୍ତୁ। ଲୋକଟି ରହୁଥିବା ଘରେ ଯେପରି ଖୋଲା ପବନ ଆତଯାତ ହେଉଥିବ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ଏହି ସାତ ଦିନ ନିଜ ଘରେ ନିଜ ଲୋକଙ୍କ ଠାରୁ ଅଲଗା ରହିବା ଅତ୍ୟନ୍ତ ପ୍ରୟୋଜନ। ମନେରଖନ୍ତୁ ସେହି ଲୋକଟି ଧୈର୍ଯ୍ୟ ଯେପରି ପରିବାରର ଅନ୍ୟ ଲୋକଙ୍କ ପାଇଁ ଭଲ ହେବ। ଆବଶ୍ୟକ ନ ଥିଲେ କ୍ୱାରାଣ୍ଟାଇନରେ ରହୁଥିବା ଲୋକଟି ଯେତେ କମ୍ ଘରର ଅନ୍ୟ ସଦସ୍ୟଙ୍କ ସହ କଥା ହୁଅନ୍ତୁ। ଦୂରତା ବଜାୟ ରଖନ୍ତୁ। ତେବେ ବିଶୋଧିତ ମାସ୍କ ଲଗାଇ କଥା ହୋଇପାରିବେ। କ୍ୱାରାଣ୍ଟାଇନର ବ୍ୟକ୍ତିଟି ଯଦି ପୂର୍ବରୁ ଶ୍ୱାସଜନିତ କୌଣସି ସମସ୍ୟାକୁ ସାମ୍ନା କରୁଥାଏ ତେବେ ଶୋଇବା ବେଳେ ମାସ୍କ ବ୍ୟବହାର ନ କଲେ ଚଳିବ। ନିଜ ଘର ଭିତରେ ସମ୍ଭବ ହୋଇପାରୁଥିବା ଯୋଗ, ବ୍ୟାୟାମ, ପ୍ରାଣାୟାମ ଜାରି ରଖନ୍ତୁ। ଏହା ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ଦେଇଥାଏ। ଦେଶୀ ଓ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ, ଗରିଷ୍ଠ ଖାଦ୍ୟ ଆଉ କାର୍ବୋହାଇଡ୍ରେଟକୁ କମ୍ କରନ୍ତୁ। ଅଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଦରକାର। ଦେଶୀ ମାଛ, ମାଂସ, କ୍ଷୀର, ଛେନା, ରାବିଡ଼ି, ଦହି ଇତ୍ୟାଦି ଖାଇପାରିବେ କିନ୍ତୁ ଆପଣ ଏହା ଭିତରେ ଏକ ଭଲ ସନ୍ତୁଳନ ରକ୍ଷା କରନ୍ତୁ। ପ୍ରକୃତି ପ୍ରଦତ୍ତ ଋତୁ ଅନୁଯାୟୀ ଫଳ ଖାଆନ୍ତୁ କିନ୍ତୁ ଭିଟାମିନ ସି' ଯୁକ୍ତ ଫଳ ବର୍ତ୍ତମାନ ସମୟ ପାଇଁ ଗୁରୁତ୍ୱପୂର୍ଣ୍ଣ। କମଳା ଓ ଲେମ୍ବୁ ଖାଆନ୍ତୁ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

ସର୍ବନିମ୍ନ ଦିନକୁ ଆଠଘଣ୍ଟା ପାଖାପାଖି ଶୋଇବା ଜରୁରୀ। ଯୋଗ ପ୍ରାଣାୟମ ଅଭ୍ୟାସ ଭଲ ନିଦର କାରଣ ହୋଇଥାଏ। ଜଣେ ସଂକ୍ରମିତ ହୋଇଥାନ୍ତୁ ବା ନ ହୋଇଥାନ୍ତୁ ଦିନକୁ ଯେତେଥର ପାରିବେ ହାତ ଧୁଅନ୍ତୁ, ସାନିଟାଇଜରର ବ୍ୟବହାର କରନ୍ତୁ ଓ ୟୁଜ୍ ଆଣ୍ଡ୍ ଥ୍ରୋ ମାସ୍କ ନ ହୋଇଥିଲେ କପଡ଼ା ମାସ୍କକୁ ପ୍ରତିଦିନ ସଫା କରନ୍ତୁ। ଘରେ କେହି ହୋମ୍ କ୍ୱାରାଣ୍ଟାଇନରେ ରହୁଥିବାବେଳେ ବାହାର ଲୋକଙ୍କୁ ଘରକୁ ଆସିବାକୁ ଅନୁମତି ଦିଅନ୍ତୁ ନାହିଁ କାରଣ ଏହାଦ୍ୱାରା ସଂକ୍ରମଣର ଭୟ ରହିଥାଏ। ଘରେ କୌଣସି ଗୃହପାଳିତ ପଶୁପକ୍ଷୀ ବା ଘରକୁ ଲାଗିଥିବା ଅନ୍ୟ ଘରେ ଗୋରୁ, ଛେଳି, ମେଣ୍ଢା ରହୁଥିଲେ ସେମାନଙ୍କଠାରୁ ଯଥେଷ୍ଟ ଦୂରରେ ରୁହନ୍ତୁ। କାରଣ କରୋନା ରାକ୍ଷସ ଦୁଇଦାଢ଼ କଟୁରି ପରି ସେମାନଙ୍କୁ ସଂକ୍ରମିତ କରିପାରେ କିମ୍ବା ସେମାନେ ଆପଣଙ୍କୁ ସଂକ୍ରମିତ କରିପାରନ୍ତି। ଘରେ କରୋନା ଲକ୍ଷଣକୁ ଜାଣି କ୍ୱାରାଣ୍ଟାଇନରେ ରହୁଥିଲେ ପରିବାରବର୍ଗଙ୍କୁ ସବୁକଥା ଜଣାନ୍ତୁ, କିଛି କଥା ଲୁଚାନ୍ତୁ ନାହିଁ। ଅତ୍ୟଧିକ ମାନସିକ ଚାପକୁ ସାମ୍ନା କରି ଡାକ୍ତରଖାନାକୁ ନ ଦୌଡ଼ି ବରଂ ଯୋଗାଯୋଗ ମାଧ୍ୟମ ଦ୍ୱାରା ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଜଣଙ୍କଠାରେ କୌଣସି ଲକ୍ଷଣ ନ ଥାଇ ମଧ୍ୟ ସରକାରଙ୍କ ସମସ୍ତ କୋଭିଡ୍ ନିୟମ ପାଳନ ହେବା ଅତ୍ୟନ୍ତ ଜରୁରୀ କାରଣ ଅନେକ ରୋଗୀ ବିନା ଲକ୍ଷଣରେ ସଂକ୍ରମିତ ହେଉଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଉଛି ଜଣେ ଅନ୍ୟ ରୋଗରେ ମୃତ୍ୟୁବରଣ କରୁଥିଲେ ବି ତା' ପୋଷ୍ଟମର୍ଟମ ବେଳେ ଜଣାପଡୁଛି ଯେ ସେ ରୋଗୀ ଜଣକ କରୋନା ପଜିଟିଭ। କ୍ୱାରାଣ୍ଟାଇନରେ ରହୁଥିବା ଲୋକଟିର ମାନସିକ ସ୍ଥିରତା ବଜାୟ ରଖିବା ପାଇଁ ତାଙ୍କୁ ଆଧ୍ୟାତ୍ମିକ ଏବଂ ମନସ୍ତାତ୍ତ୍ୱିକ ପ୍ରେରଣା ଯୋଗାଉଥିବା ବହି ପଢ଼ିବାକୁ ଦିଅନ୍ତୁ। ଲୋକଟି ସହ ତାଙ୍କ ପିଲାଦିନର କଥା, ସ୍ମରଣୀୟ ଅନୁଭୂତି ଓ ବନ୍ଧୁବାନ୍ଧବଙ୍କ ସହ ଟେଲିଫୋନରେ ବି ହେଉ ଯୋଗାଯୋଗ ରଖନ୍ତୁ। ଭିଡିଓ କଲିଂ ଜରିଆରେ କଥା ହୁଅନ୍ତୁ କିନ୍ତୁ କୌଣସି ପରିସ୍ଥିତିରେ ସଂସ୍ପର୍ଶରେ ଆସନ୍ତୁନାହିଁ। ଏହି ସମୟରେ ରୋଗୀଟିର ଘରେ ଏସି ବ୍ୟବହାର ନ କରିବା ଭଲ। ଆଉ ଯଦି ବ୍ୟବହାର କରୁଥାନ୍ତି ଏହାର ତାପମାତ୍ର ୨୬ରୁ ଅଧିକ ଯେପରି ନ ରୁହେ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ।

କୋଭିଡ୍–୧୯ର ମୁକାବିଲା ପାଇଁ ଏକ ପ୍ରମାଣସିଦ୍ଧ ଚିକିତ୍ସା ପଦ୍ଧତି କିମ୍ବା ଫଳପ୍ରଦ ପ୍ରତିଷେଧକ ଟିକା ବାହାର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ବିଶ୍ୱବ୍ୟାପୀ ପାରସ୍ପରିକ ସହଯୋଗରେ ପରୀକ୍ଷା ନିରୀକ୍ଷା ଜାରି ରହିଛି। ଏହି କ୍ରମରେ ଭାରତର ବଛା ବଛା ତିରିଶଟି ଡାକ୍ତରଖାନାରେ କୋଭିଡ୍–୧୯ର ଉପଚାର ପ୍ରକ୍ରିୟା ନିମନ୍ତେ ଆବଶ୍ୟକ ନୈଦାନିକ ପରୀକ୍ଷଣ କରାଯିବ ବୋଲି ଜଣାଯାଇଛି। ଏଥିରେ ପ୍ରାୟ ୧୫୦୦ ପାଖାପାଖି ରୋଗୀଙ୍କୁ ସାମିଲ କରାଯିବାକୁ ଥିବାବେଳେ ଦେଶ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ ପକ୍ଷରୁ ରୋଗୀ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ପ୍ରାଥମିକ ଭାବେ ୧୫୦୦ ରୋଗୀଙ୍କଠାରେ ଏ ପ୍ରକାର ଚିକିତ୍ସା ପଦ୍ଧତିର ଫଳାଫଳ ନିର୍ଣ୍ଣୟ କରିବାକୁ ଥିବା ବେଳେ ଆବଶ୍ୟକ ପଡ଼ିଲେ ଏହି ସଂଖ୍ୟା ମଧ୍ୟ ବଢ଼ାଯିବ ବୋଲି 'ହୁ'ର ଭାରତୀୟ ସଂଯୋଜିକା ତଥା ଆଇସିଏମ୍‌ଆର ଅଧୀନ ଜାତୀୟ ଏଡ୍‌ସ ଗବେଷଣା ପ୍ରତିଷ୍ଠାନର ମହାମାରୀ ଚିକିତ୍ସା ବିଜ୍ଞାନ ବିଭାଗ ମୁଖ୍ୟ ଡା.ଶୀଲା ଗଡ଼ବୋଲେ କହିଛନ୍ତି। ତେବେ ପରୀକ୍ଷଣ ବେଳେ କୌଣସି ସ୍ତରରେ କୌଣସି ବି ରୋଗୀଙ୍କଠାରେ ବିପରୀତ ପ୍ରତିକ୍ରିୟା ଦେଖାଗଲେ, ସେହିଠାରୁ ହିଁ ନୈଦାନିକ ପରୀକ୍ଷଣକୁ ବନ୍ଦ ରଖାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଟିକା ଉପଲବ୍ଧ ନହେବା ଯାଏ ହୋମ୍ କ୍ୱାରାଣ୍ଟାଇନ୍ ଉପରେ ଗୁରୁତ୍ୱ ଦେବା ସହ ସତର୍କତା ପାଳନ କରିବା ଆବଶ୍ୟକ।

ସର୍ଜରି ବିଶେଷଜ୍ଞ, କ୍ୟାଣ୍ଟନମେଣ୍ଟ ରୋଡ଼,କଟକ,
ମୋ–୯୪୩୭୨୭୭୭୪୮

## ଏଇ ଭାରତରେ

କୋଭିଡ୍–୧୯ ମହାମାରୀ ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ଶଟ୍‌ଡାଉନ ପରେ ଏବେ ଜୀବନ ଜୀବିକା ସ୍ୱାଭାବିକ କରିବା ଲାଗି ପ୍ରକ୍ରିୟା ଅନ୍‌ଲକ ୫.୦ରେ ପହଞ୍ଚିଲାଣି। ବିଭିନ୍ନ କଟକଣା ଭିତରେ ୭ ମାସ ଚାଲିଲାଣି। ଏହା ଭିତରେ କୋଭିଡ୍ ସଂକ୍ରମଣ ବଢିବା ସହ ଘରୋଇ ହିଂସା ଓ ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କ ସଂଖ୍ୟା ବି ବୃଦ୍ଧି ପାଇବାରେ ଲାଗିଛି। ଏହି ନିର୍ଯାତନାରୁ ମହିଳାମାନଙ୍କୁ ବଞ୍ଚାଇବାରେ ଆଗକୁ ଆସିଛନ୍ତି ବେଙ୍ଗାଲୁରୁର ଇତି ରାଓ୍ୱତ। ଓମେନ ଏଣ୍ଟରପ୍ରିନ୍ୟୁର ଫାଉଣ୍ଡେଶନର ପ୍ରତିଷ୍ଠାତା ଇତି ମାର୍ଚ୍ଚ ୩୦ ପରଠାରୁ ଏଯାବତ ୧୮୯ଟି ନିର୍ଯାତନା ଘଟଣା ଉପରେ ହସ୍ତକ୍ଷେପ କରି ରାଜସ୍ଥାନ, ବିହାର ଓ ପଞ୍ଜାବର ବିଭିନ୍ନ ସ୍ଥାନରୁ ୭୩ ଜଣ ମହିଳାଙ୍କୁ ଏଥିରୁ ମୁକୁଳାଇପାରିଛନ୍ତି। ୨୦୧୮ରେ ଇତି ଏହି ସଂଗଠନ ପ୍ରତିଷ୍ଠା କରି ଏହା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିଆସୁଛନ୍ତି। ଏଥିରେ ଏବେ ୧୫୦୦ ମହିଳା ସଦସ୍ୟା ରହିଛନ୍ତି। ଏମାନେ ଦେଉଥିବା ଫି'ରେ ଏହି ସବୁ କାର୍ଯ୍ୟ କରାଯାଉଛି। । ଲକ୍‌ଡାଉନ ଲାଗୁ ହେବା ପରେ ସେ 'ରେଡ୍ ଡଟ୍ ଅଭିଯାନ' ଆରମ୍ଭ କରି ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଉଦ୍ଧାର କରି ଥଇଥାନ କରିବାରେ ଲାଗିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ଅଭିଯାନରେ ୫୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବାହାରେ ଏଥିପାଇଁ ୫ ହଜାର ଟଙ୍କା ଖର୍ଚ୍ଚ ହେଉଛି ବୋଲି କହନ୍ତି ଇତି।

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ
ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି। –(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୁଣି ସୁରଟ, କେରଳ ମୁହାଁ ପ୍ରବାସୀ

ମହାଶୟ,

ମହାମାରୀ କରୋନା ସଂକ୍ରମଣ ପାଇଁ ଦେଶରେ ତାଲାବନ୍ଦ ଯୋଗୁ କଳକାରଖାନା ବନ୍ଦ ହୋଇଯିବାରୁ କାମ ଧନ୍ଦା ନ ପାଇ ନାନା ଦୁଃଖ କଷ୍ଟ ଭୋଗିଲା ପରେ ପ୍ରବାସୀମାନେ ନିଜ ନିଜ ଘରକୁ ଫେରି ଆସିଥିଲେ । ଭାବିଥିଲେ ନିଜ ନିଜ ଘରେ ରହି ଚାଷବାସ କରି ଜୀବନ ବଞ୍ଚାଇବେ ଓ ପରିବାର ପ୍ରତିପୋଷଣ କରିବେ । ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡା ଜିଲା ପ୍ରବାସୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ସେମାନେ ଚାଷ କାମରେ ମନ ବଳେଇଥିବା ବେଳେ ପ୍ରକୃତି ଦାଉ ସାଧିଲା । ଲଗାଣ ବର୍ଷା ଓ ବନ୍ୟା ପ୍ରଭାବରେ ଖରିଫ ଚାଷ ନଷ୍ଟ ହୋଇଗଲା । ଜିଲାରେ ଏହି ପ୍ରବାସୀମାନଙ୍କ ରୋଜଗାରର ସମ୍ଭାବନା ନ ଥିବାରୁ ସେମାନେ ପୁଣି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଛନ୍ତି । ଏହାର କାରଣ କେନ୍ଦ୍ରାପଡା ଜିଲାର ଅର୍ଥନୀତି କୃଷିଭିତ୍ତିକ ହୋଇଥିଲେ ମଧ୍ୟ ଏହାର ଭିତ୍ତିଭୂମିକୁ ସବୁବେଳେ ଅଣଦେଖା କରାଯାଇଛି । ଜିଲାର ଅଧାରୁ ଅଧିକ ଜମିରେ ଜଳସେଚନର ସୁବିଧା ନାହିଁ। ଶିଳ୍ପ ଓ ଖଣି ନ ଥିବା ଏହି ଜିଲାରେ କର୍ମନିଯୁକ୍ତି ଏକ ସ୍ୱପ୍ନ ପରି। ଏସବୁ ପ୍ରତି ରାଜନେତା ଓ ପ୍ରଶାସକଙ୍କର ଦୃଷ୍ଟି ନାହିଁ । ଓଡ଼ିଶା ନାନା ପ୍ରାକୃତିକ ସମ୍ପଦରେ ଭରପୂର ଥିଲେ ମଧ୍ୟ ଏହାର ଉପଯୁକ୍ତ ବିନିଯୋଗ ହୋଇ ପାରି ନ ଥିବାରୁ କେନ୍ଦ୍ରାପଡା ଜିଲା କାହିଁକି ଅନ୍ୟାନ୍ୟ ଜିଲାରୁ ମଧ୍ୟ ଯୁବକମାନେ ଦାଦନ ଖଟିବା ପାଇଁ ସୁରଟ ଓ କେରଳ ଭଳି ରାଜ୍ୟକୁ ମୁହାଁଉଛନ୍ତି । ତେଣୁ ସରକାର ଖୁବ୍‌ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୩ ଯାଏ ମୋରାଟୋରିୟମ ମାମଲା ଶୁଣାଣି ସ୍ଥଗିତ**

ସୁପ୍ରିମକୋର୍ଟ ଋଣ ମୋରାଟୋରିୟମ ମାମଲାର ପରବର୍ତ୍ତୀ ଶୁଣାଣିକୁ ଅକ୍ଟୋବର ୧୩ ଯାଏ ସ୍ଥଗିତ ରଖିଛନ୍ତି। ସୋମବାର ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶରେ କହିଛନ୍ତି ଯେ, କେ.ଭି. କାମାଥ କମିଟି ରିପୋର୍ଟକୁ ରେକର୍ଡ ଭାବେ ପ୍ରଦାନ କରାଯାଉ। ମୋରାଟୋରିୟମ ଅବଧିରେ ଲାଗୁ ହୋଇଥିବା ସୁଧ ଉପରେ ସୁଧ ଛାଡ କରିବା ଲାଗି କିଭଳି ପଦକ୍ଷେପ ନିଆଯାଇଛି ସେ ସଂକ୍ରାନ୍ତ ଆଉ ଏକ ସତ୍ୟପାଠ ଦାଖଲ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଫଳ ହେଉଛି ପ୍ରମୁଖ ଆର୍ଥିକ ସଂସ୍କାର

- ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥାକୁ ଝଟକା
- ସରକାରଙ୍କ ନୀତିକୁ ନେଇ ପ୍ରଶ୍ନବାଚି
- ୧୯୯୧ ଭଳି ମ୍ୟାଜିକ ଆର୍ଥିକ ନୀତିର ଆବଶ୍ୟକତା

**ନୂଆଦିଲ୍ଲୀ,୫।୧୦**

ପୂର୍ବରୁ ମାନ୍ଦାବସ୍ଥା ଦେଇ ଗତି କରୁଥିବା ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବାରେ ସରକାରଙ୍କ ପ୍ରମୁଖ ଆର୍ଥିକ ସଂସ୍କାର ବିଫଳ ହେଉଥିବା ଅର୍ଥ ବିଶେଷଜ୍ଞମାନେ କହିଛନ୍ତି। ବର୍ତ୍ତମାନ କରୋନା ଯୋଗୁ ଅର୍ଥ ବ୍ୟବସ୍ଥା ସଙ୍କଟ ଦେଇ ଗତି କରୁଛି। ଏଭଳି ସ୍ଥିତିକୁ ସମ୍ଭାଳିବାକୁ ଆର୍ଥିକ ଯୋଜନା ସକ୍ଷମ ହେଉ ନ ଥିବାରୁ ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି। ଖରାପ ସ୍ଥିତି ଦେଇ ଗତି କରୁଥିବା ଅର୍ଥ ବ୍ୟବସ୍ଥା ଲାଗି କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତି କମିଟି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି କମିଟି ନିଯୁକ୍ତି ଦେବା ଲାଗି ସରକାର ଏବେ ଯାଏ ସକ୍ଷମ ହେଲେ ନାହିଁ। ଏ କ୍ଷେତ୍ରରେ ସରକାରଙ୍କ ଆର୍ଥିକ ଦୃଷ୍ଟିକୋଣ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି), ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍‌ରେ ରହିଥିବା ସମସ୍ୟା ଯୋଗୁ ଅର୍ଥ ବ୍ୟବସ୍ଥାକୁ ବିଶେଷ ଏହାର ଲାଭ ମିଳିପାରୁନାହିଁ। ସେହିଭଳି ମୁଦ୍ରାନୀତି କମିଟି ବୈଠକେ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ରହିବା ଯୋଗୁ ଏହାର ପ୍ରଭାବ ବଜାର ଉପରେ ରହିଛି।

ଜିଏସ୍‌ଟି ବ୍ୟବସ୍ଥାରେ ରାଜ୍ୟଗୁଡିକ ବର୍ତ୍ତମାନ ସହୁଥିବା ଟିକସ କ୍ଷତିକୁ ଭରଣା କରିବା ଲାଗି କେନ୍ଦ୍ରର ଉତ୍ତରଦାୟିତ୍ୱ ରହିଛି। ହେଲେ କେନ୍ଦ୍ର ନିଜ ଦାୟିତ୍ୱଠାରୁ ହଟିଯିବାରୁ ଏବେ କ୍ଷତିପୂରଣ ପ୍ରସଙ୍ଗକୁ ନେଇ କେନ୍ଦ୍ର ରାଜ୍ୟ ମୁହାଁମୁହିଁ ହୋଇଛନ୍ତି। ବର୍ତ୍ତମାନ ଦେବାଳିଆ ଆଇନରେ କାର୍ଯ୍ୟାନୁଷ୍ଠାନକୁ ବନ୍ଦ ରଖାଯାଇଛି। ଫଳରେ ଏନ୍‌ପିଏ ସମସ୍ୟା ଦେଇ ଗତି କରୁଥିବା ବ୍ୟାଙ୍କଗୁଡିକ ନିକଟକୁ ଅର୍ଥ ଫେରି ଆସିବା କ୍ଷେତ୍ରରେ ବିଳମ୍ବ ଦେଖାଯାଉଛି। ବ୍ୟାଙ୍କଗୁଡିକ ଅନାଦାୟ ଋଣ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ଦେବାଳିଆ ଆଇନ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯିବା ଫଳରେ ଋଣ ଖିଲାପ କରିଥିବା କମ୍ପାନୀଗୁଡିକ ନିକଟରେ ବ୍ୟାଙ୍କ ଅର୍ଥ ଫସି ରହିଛି। ଏହାକୁ ଆଦାୟ କରିବା ଲାଗି ବ୍ୟାଙ୍କ ଆଗଭର ହୋଇ ପାରିବେ ନାହିଁ। ସେହିଭଳି ଆର୍ଥିକ ସହାୟତା ଆଶାରେ ରହିଥିବା ଅର୍ଥ ବ୍ୟବସ୍ଥା ଲାଗି ମୁଦ୍ରା ନୀତି କମିଟି ବୈଠକରେ ହେଉଥିବା ନିଷ୍ପତ୍ତି ଅନେକ ଗୁରୁତ୍ୱ ବହନ କରେ। ମାତ୍ର ସରକାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କମିଟି ବୈଠକ ଠିକ୍ ସମୟରେ ହୋଇ ପାରିଲା ନାହିଁ।

ବର୍ତ୍ତମାନର କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥା ଲାଗି କାମ ଦେଲା ଭଳି ଆର୍ଥିକ ସଂସ୍କାରର ଆବଶ୍ୟକତା ରହିଥିବା ଅହମଦାବାଦ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଏବଂ ପବ୍ଲିକ ପଲିସି ବିଭାଗର ପ୍ରଫେସର ଅନ୍‌ମୋଲ ଅଗ୍ରୱାଲ ମତ ପ୍ରକାଶ କରିଛନ୍ତି। ସଂସ୍କାର ଦ୍ୱାରା ନିବେଶକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିବା ସରକାର ଯୁକ୍ତି ବାଢ଼ନ୍ତି। ହେଲେ ଦେଶର ଜିଡିପି ଅଭିବୃଦ୍ଧି ୮%ରୁ ହ୍ରାସ ପାଇ ଗତ ତ୍ରୈମାସରେ −୨୩.୯%କୁ ଖସିଛି। କରୋନା ଦ୍ୱାରା ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଥିବା ଅର୍ଥ ବ୍ୟବସ୍ଥା ମଧ୍ୟ ଏତେ ମାତ୍ରାରେ ଜିଡିପି ହ୍ରାସର ସମ୍ମୁଖୀନ ହୋଇନାହାନ୍ତି। ଚଳିତ ଆର୍ଥିକ ବର୍ଷରେ ଜିଡିପି ପ୍ରାୟ ୧୫% ହ୍ରାସ ହେବା ନେଇ ଗୋଲ୍ଡ ମ୍ୟାନେ ସ୍ୟାଚ୍ ଗ୍ରୁପ୍ ପୂର୍ବାନୁମାନ କରିଛି। କୃଷିକ୍ଷେତ୍ରରେ ସଂସ୍କାର କଥା ସରକାର କରୁଛନ୍ତି। ଏପଟେ ଶ୍ରମ ଆଇନରେ ହୋଇଥିବା ସଂଶୋଧନ ନିବେଶର ଏକ ବଡ ବାଟ ଖୋଲିବ ବୋଲି ଯୁକ୍ତିରେ ଦର୍ଶାଇଛନ୍ତି। ମାତ୍ର ଶ୍ରମ ଆଇନ ଏବଂ କୃଷି ଆଇନକୁ ବର୍ତ୍ତମାନ ସାରା ଦେଶରେ ବିରୋଧ ଦେଖିବାକୁ ମିଳିଛି। ଯଦି ସରକାର ଲୋକଙ୍କ ଭଲ ପାଇଁ ଏସବୁ କରୁଛନ୍ତି ତେବେ ଲୋକ ଏହାକୁ କାହିଁକି ବିରୋଧ କରୁଛନ୍ତି ବୋଲି ବଜାର ବିଶେଷଜ୍ଞ କହୁଛନ୍ତି। ସେହିଭଳି ସରକାର ଏକଚାଟିଆ ଭାବେ ସବୁକିଛି କରି ନେଉଥିବା ଅଭିଯୋଗ ଆସୁଛି। ଫଳରେ ଏହାର କୁପ୍ରଭାବ ଅର୍ଥ ବ୍ୟବସ୍ଥାକୁ ସହିବାକୁ ପଡୁଥିବା ଅନ୍ୟ କେତେଜଣ ବିଶେଷଜ୍ଞ କୁହନ୍ତି। ବିମୁଦ୍ରୀକରଣ, ଜିଏସ୍‌ଟି ସମେତ ଅନ୍ୟ କିଛି ସଂସ୍କାରକୁ ବିଶେଷଜ୍ଞ ଉଦାହରଣ ଭାବେ ନିଅନ୍ତି।




ବିମୁଦ୍ରୀକରଣ ଦ୍ୱାରା କଳାଟଙ୍କା ଉପରେ ମାଡ଼ କରିବା ସହ ଅର୍ଥ ବ୍ୟବସ୍ଥାକୁ ଲାଭ ମିଳିବ ବୋଲି ସରକାର କହିଥିଲେ। ଏହାଦ୍ୱାରା କ'ଣ ଲାଭ ମିଳିଲା କାହାକୁ ଜଣାନାହିଁ। ମାତ୍ର ଅର୍ଥ ବ୍ୟବସ୍ଥା ଉପରେ ଏକ ବୃହତ୍ ଚଡକ ପଡିଲା; ଯାହାକୁ ସରକାର ଆଜି ଯାଏ ମାନୁନାହାନ୍ତି ବୋଲି ବିଶ୍ୱର ଜଣାଶୁଣା ଅର୍ଥନୀତିଜ୍ଞମାନେ ମତ ରଖିଛନ୍ତି। ଏହା ମଧ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ, ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ରହିଛନ୍ତି। ଅପରପକ୍ଷରେ ଜିଏସ୍‌ଟି ଭଳି ଏକ ଦେଶ ଏକ ଟିକସ ଲାଗୁ କରାଇବା ଦ୍ୱାରା ଉଭୟ କେନ୍ଦ୍ର ଏବଂ ରାଜ୍ୟ ଲାଭବାନ ହେବେ ବୋଲି ଏହାକୁ କାର୍ଯ୍ୟକାରୀ କରାଗଲା। ୩ ବର୍ଷ ବିତିଯାଇଥିଲେ ମଧ୍ୟ ଜିଏସ୍‌ଟି ଠିକ୍ ଭାବେ ଲାଗୁ ହୋଇପାରିନାହିଁ। ଏହାକୁ ସରକାର ତରବରିଆ ଭାବେ ଲାଗୁ କରିଥିଲେ ମଧ୍ୟ ଏବେ ଯାଏ ଏହାର ତ୍ରୁଟିବିଚ୍ୟୁତି ହେଉଥିବାରୁ ଟିକସ ସଂଗ୍ରହ ଉନ୍ନତି ଆସିପାରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, କ୍ଷତିପୂରଣ ରାଶି କେନ୍ଦ୍ର ପ୍ରଦାନ କରିବାରେ ନିୟମ ରହିଥିଲେ ମଧ୍ୟ ଏହାକୁ କେନ୍ଦ୍ର ଆଳ ଦେଖାଇ ରାଜ୍ୟଗୁଡିକୁ ନିରାଶ କରିଛି। କେନ୍ଦ୍ରର ଯୁକ୍ତି ହେଲା ରାଜସ୍ୱ କ୍ଷତି ହେଲେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କେନ୍ଦ୍ର ବାଧ୍ୟ ନୁହେଁ। ଏହାକୁ ରାଜ୍ୟଗୁଡିକ ମାନିବାକୁ ପ୍ରସ୍ତୁତ ନୁହନ୍ତି। କାରଣ ଜିଏସ୍‌ଟି ଲାଗୁ ହେବା ପରେ ସ୍ଥାନୀୟ ସ୍ତରରେ ଲାଗୁ ହେଉଥିବା ପ୍ରାୟ ୧୨ ଉର୍ଦ୍ଧ୍ୱ ଟିକସ ଜିଏସ୍‌ଟି ପରିସରକୁ ଚାଲିଗଲା। ରାଜ୍ୟଗୁଡିକ ଏଭଳି ଟିକସ ଲାଗୁକରି କିଛି ଟିକସ ପାଉଥିଲେ। ମାତ୍ର ଜିଏସ୍‌ଟି ପରେ କେନ୍ଦ୍ରର ମନମାନି ଦେଖିବାକୁ ମିଳୁଛି ବୋଲି ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଅଭିଯୋଗ କରୁଛନ୍ତି। କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବାକୁ ପୁଣି ଥରେ ୧୯୯୧ ଭଳି ମ୍ୟାଜିକ ଆର୍ଥିକ ନୀତିର ଆବଶ୍ୟକତା ରହିଛି ବୋଲି ଆଉ କେତେଜଣ ଅର୍ଥ ବିଶେଷଜ୍ଞ ମତ ପ୍ରକାଶ କରନ୍ତି।

## ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାରେ ପକ୍ଷ ରଖିଲା କେନ୍ଦ୍ର



**ନୂଆଦିଲ୍ଲୀ,୫।୧୦**

ଅଦାଲତ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବିଜୟ ମାଲ୍ୟାଙ୍କ ପୁନର୍ବିଚାର ମାମଲା ସୁପ୍ରିମକୋର୍ଟରେ ଶୁଣାଣି ହେଉଛି। ସୁପ୍ରିମକୋର୍ଟ ଏହି ମାମଲାରେ ମାଲ୍ୟା ଏବଂ କେନ୍ଦ୍ର ସରକାରଙ୍କ ଉତ୍ତର ଲୋଡିଥିଲେ। ଏଥିରେ କେନ୍ଦ୍ର ସରକାର ସୋମବାର ପକ୍ଷ ରଖିଛନ୍ତି। ମାଲ୍ୟାଙ୍କ ପ୍ରତ୍ୟର୍ପଣ ଲାଗି ଇଂଲଣ୍ଡରେ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ବର୍ତ୍ତମାନ କାହିଁକି ପ୍ରତ୍ୟର୍ପଣ ହୋଇପାରିନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ରର ଜବାବ ମାଗିଥିଲେ। ସେଠାରେ ଗୋପନରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ଜାରି ରହିଛି। ଜଷ୍ଟିସ ୟୁ.ୟୁ.ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠକୁ ସରକାର ଉତ୍ତର ରଖି କହିଛନ୍ତିଯେ, ଏହି ଗୋପନ ପ୍ରକ୍ରିୟାରେ ଭାରତ ସରକାର ପକ୍ଷଭୁକ୍ତ ନୁହନ୍ତି। ୟୁକେର ସୁପ୍ରିମକୋର୍ଟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ନେଇ ଅନୁମତି ଦେଇ ସାରିଛନ୍ତି। ତେବେ କେବେ ତାଙ୍କୁ ସୁପ୍ରିମକୋର୍ଟରେ ହାଜର କରାଯିବ ବୋଲି ମାଲ୍ୟାଙ୍କ ଓକିଲଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। କେଉଁ ଭଳି ଗୋପନୀୟ ପ୍ରକ୍ରିୟା ସେଠାରେ ଚାଲିଛି ବୋଲି ପ୍ରଶ୍ନରେ ମାଲ୍ୟାଙ୍କ ଓକିଲ କହିଛନ୍ତି, ଏ ସମ୍ପର୍କରେ ଖବର ତାଙ୍କ ନିକଟରେ ନାହିଁ। ମାଲ୍ୟାଙ୍କ ଓକିଲଙ୍କ ଉତ୍ତର ଉପରେ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାଲାର ଶୁଣାଣି ନଭେମ୍ବର ୨ରେ ହେବ। କୋର୍ଟରେ ହାଜର ହେବା ଲାଗି ମାଲ୍ୟାଙ୍କୁ ନିର୍ଦ୍ଦେଶ ରହିଛି।

## ଜେଇଇ ଆଡଭାନ୍ସରେ ଆକାଶ ଇନ୍‌ଷ୍ଟିଚ୍ୟୁଟ ଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୫।୧୦**



ଚିରାଗ ଫାଲୁର

ଜେଇଇ ଆଡଭାନ୍ସ ୨୦୨୦ରେ ଆକାଶ ଇନ୍‌ଷ୍ଟିଚ୍ୟୁଟ ଭୁବନେଶ୍ୱରର ଛାତ୍ର ଶିବାଶିଷ ରାଉତ ସର୍ବଭାରତୀୟ ର୍‍ୟାଙ୍କ ୭୩ ହାସଲ କରିଛନ୍ତି। ଏହି ଫଳାଫଳ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ଦିଲ୍ଲୀ ଦ୍ୱାରା ଆଜି ଘୋଷଣା କରାଯାଇଛି। ଏଥିରେ ଚିରାଗ ଫାଲୁର ସର୍ବଭାରତୀୟ ୧ ର୍‍ୟାଙ୍କରେ ରହିଥିବା ବେଳେ ସେ ଆକାଶର ୪ ବର୍ଷିଆ କ୍ଲାସରୁମ ଛାତ୍ର ଅଟନ୍ତି। ସେହିଭଳି ଅନୁଷ୍ଠାନର ଅନିମେସ ସାହୁ ୩୦୧ ର୍‍ୟାଙ୍କ ଏବଂ ୮୫୩ ତମ ସ୍ଥାନରେ ରିତେଶ୍ୱର ରାଜଗୁରୁ ରହିଛନ୍ତି। ଅପରପକ୍ଷରେ ଆୟାଶକାନ୍ତ ମିଶ୍ର, ପ୍ରିତି ନିଲାଞ୍ଜନା, ଆଶୁତୋଷ ମିଶ୍ର, ସତାଂଶ ପଟ୍ଟନାୟକ ପ୍ରମୁଖ ର୍‍ୟାଙ୍କରେ ରହି ଓଡିଶା ପାଇଁ ଗୌରବ ଆଣିଛନ୍ତି। ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ୍‌ର ସିଇଓ ଆକାଶ ଚୌଧୁରୀ ଶିବାଶିଷଙ୍କୁ ଏଥି ଲାଗି ଶୁଭେଚ୍ଛା ଜଣାଇଛନ୍ତି। ଚୌଧୁରୀ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ସଫଳତା ଅନୁଷ୍ଠାନ ଲାଗି ଗର୍ବର ବିଷୟ। ଏହି ସଫଳତାର ଶ୍ରେୟ ଆମ ଛାତ୍ରଙ୍କର କଠିନ ପରିଶ୍ରମ, ମାତାପିତାଙ୍କର ସହଯୋଗ, ଏହି ପଥରେ ଯିବା ଲାଗି ମାର୍ଗ ଦେଖାଇଥିବା ଶିକ୍ଷକଙ୍କୁ ଯାଉଛି। ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ କରାଯାଉଛି। ଫଳରେ ମେଡିକାଲ ଏବଂ ଇଞ୍ଜିନିୟରିଂ ପ୍ରବେଶିକାରେ ଛାତ୍ରୀଛାତ୍ର ସଫଳତା ହାସଲ କରୁଛନ୍ତି। ଶିବାଶିଷଙ୍କ ଭବିଷ୍ୟତ ପାଇଁ ସଫଳତା କାମନା କରୁଥିବା ଚୌଧୁରୀ ମତ ରଖିଛନ୍ତି। କଠିନ ପରିଶ୍ରମ ଏବଂ ଆକାଶ ପ୍ରତିଷ୍ଠାନର ସହଯୋଗ ଯୋଗୁ ସଫଳତା ପାଇବାରେ ସହାୟକ ହୋଇଥିବା ଶିବାଶିଷ କହିଛନ୍ତି। ସୂଚନାଯୋଗ୍ୟ ସାରା ଦେଶରୁ ଜେଇଇ ୨୦୨୦ ପାଇଁ ୯ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନ ଲାଗି ସର୍ବଦା ପଦକ୍ଷେପ ନିଆଯାଉଛି। ବର୍ତ୍ତମାନର ଫଳାଫଳ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ଭୁବନେଶ୍ୱର ସେଣ୍ଟରର ନିର୍ଦ୍ଦେଶକ ଅଜୟ ବାହାଦୁର ସିଂ ମତ ପ୍ରକାଶ କରିଛନ୍ତି।

## ଭି-ଗାର୍ଡ ସହାୟତାରେ ସ୍କୁଲ ଗୃହ ନିର୍ମାଣ

**ଭୁବନେଶ୍ୱର,୫।୧୦**

ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ନୂତନ ସ୍କୁଲ ଗୃହ ବିଲ୍ଡିଂ ଫୁଲନଖରାସ୍ଥିତ ଲାଲବାହାଦୁର ସରକାରୀ ହାଇସ୍କୁଲ ପରିସରରେ ଶୁଭାରମ୍ଭ ହୋଇଛି। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିଛି। ୱାର୍ଲଡ ଭିଜନ ସହଯୋଗରେ ଏହା ହାତକୁ ନିଆଯାଇଥିଲା। ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା ସ୍କୁଲର ବିଲ୍ଡିଂକୁ ପୁଣି ଥରେ ନିର୍ମାଣ କରିବା ଲାଗି କମ୍ପାନୀ ଆଗେଇ ଆସିଥିଲା। କମ୍ପାନୀର ଭୁବନେଶ୍ୱର ଶାଖା ମୁଖ୍ୟ ସୁମନ୍ତ କୁମାର ପ୍ରଧାନ ଏହାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଇଓ ସନ୍ତୋଷ କୁମାର ରାଉତ, ପୂର୍ବତନ ବିଇଓ ସସ୍ମିତା ମାଳି, ୱାର୍ଲଡ ଭିଜନ ଇଣ୍ଡିଆର ସହକାରୀ ନିର୍ଦ୍ଦେଶକ ଏମ୍.ଏସ୍.ଲିଙ୍ଗ୍‌ଡୋ, ଭି-ଗାର୍ଡର ଅଧିକାରୀ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ବିଦ୍ୟାଳୟ ଗୃହ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

**OFFICE OF THE EXECUTIVE ENGINEER LIFT IRRIGATION DIVISION, KEONJHAR**

**Tender Call Notice No. 05/ 2020-21 dated 05.10.2020**

No.CAD-535L- Sealed tenders are invited from interested reputed Travel Agencies/ Tour Operators of private individual vehicle owner for providing two Nos. of diesel driven Bolero (Non-AC/AC) not elder than 3 years with driver having sitting capacity not more than ten including driver with fuel efficiency 12 K.M. or more which shall confirm to the terms and conditions (As per Government Norms) for official use by Lift Irrigation Sub-Division, Keonjhar and Champua on monthly rent basis. The application form of tender containing General Bid information & Terms and conditions of Hiring of Vehicle etc will be available with office of the Executive Engineer, Lift Irrigation Division, Keonjhar on payment of Rs. 100/- (Rupees One hundred) only from dt. 12.10.2020 to dt. 14.10.2020 during office hours 10:00 A.M. to 5:00 P.M. The tender completed in all respect with Security Deposit of Rs. 5000/- (Rupees Five thousand) only in shape of A/c Payee Demand Draft in any Nationalized Bank payable at Keonjhar in favour of the Executive Engineer, Lift Irrigation Division, Keonjhar should be reached the office of the undersigned on or before dt. 15.10.2020 by 11:00 A.M. and shall be opened on the same day at 11:30 A.M. The authority reserves the right to accept/ reject any or all the tenders without assigning any reason thereof.

Sd./- Er. N.K. Dehury, Executive Engineer, L.I. Division, Keonjhar
OIPR-32156/11/0005/2021

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . Dy. GENERAL MANAGER (Elect.) EHT O&M DIVISION,BOLANGIR
CIN: U40102OR2004SGC007553

No. CAD-540 **TENDER CALL NOTICE NO- 06/2020-21**

Sealed tenders are invited from reputed travel agency/ vehicle owner having Valid PAN,GST & having valid documents of vehicle (Maximum 3years old from date of registration of vehicle ) for **Engagement of Hired vehicle of diesel version (AC Bolero-07 Seated/Equivalent Vehicle) on monthly basis with daily hiring rate for use of DGM, EHT (O&M) Division, Bolangir"**
**Cost of the tender paper:** Rs.2,000/- + 12 % GST (non-refundable)
**EMD :** Rs.4,966/- (refundable)
**Sale of Tender :** 05.10.2020 to 21.10.2020
**Last date of submission:** 22.10.2020 (Up to 01.30 PM)
**Tender opening:** 22.10.2020 at 04.00 PM
For more details/corrigendum please visit : www.optcl.co.in
Sd/-
FIPR-5/2020-21 OIPR-04011/11/0009/2021 Dy. General Manager (Elect.)

**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
OPTCL Lifeline of Odisha No. CAD-541 **CIN: U40102OR2004SGC007553**

**e-Tender No.TW-IT/OT/02/2020-21 (06.10.2020)**

Bids are invited for "Maintenance work of the Webmail Servers of OPTCL/SLDC/GRIDCO" in e-Tender mode from the reputed eligible bidders.
The interested eligible bidders may visit the website www.tenderwizard.com/OPTCL or www.optcl.co.in on or after 06.10.2020 10.00 AM to go through/download the scope of work and terms&conditions in detail. The last date of submission of bid is 21.10.2020 at 01.00 PM. Sd/-
HIPR-03/2020-21 OIPR-04011/11/0010/2021 Chief General Manager (IT)

**Office of the Chief District Medical & Public Health Officer, Koraput**

**Advt. No.: 4713** **Date: 03.10.2020**
No. E-286:-

| Sl No. | Particulars | Date |
|---|---|---|
| 1 | Last date & time for submission of tender | Date: 07.10.2020 (11.00 A.M.) |
| 2 | Date, time and place of opening of tender | a. Technical Bid (Cover-A) Opening: 07.10.2020 (12.30 P.M.) at the address mentioned in the Tender<br>b. Financial Bid (Cover-B): The date of opening of financial bid will be intimated to the firms found successful in the technical bid evaluation. |

N.B.: All other terms & conditions of the tender will remain unchanged.
**Sd./- CDM&PHO cum District Mission Director, Koraput**
OIPR-10077/11/0005/2021

**OFFICE OF THE EXECUTIVE ENGINEER, PUBLIC HEALTH DIVISION, PURI, ODISHA**
**Phone:06752-223447/ e-Mail: eephpuri@gmail.com**
No. C-153:- **INVITATIONS FOR BIDS (IFB)**
**Government of Odisha "e" Procurement Notice**
**Bid Identification No. 30 of 2020-21 Dated. 03.10.2020**

1. **Name of the Work:** - Procurement of DI pipes under State Action plan
2. **Estimated Cost: -** Rs 193.49 lakhs
3. **Period of Completion: -** 2 (Two) Months
4. **Date and time of availability of bid documents in the portal :-** 12.10.2020 (11.00A.M ) to 27.10.2020 ( 5.00P.M)
5. **Last Date / Time for receipt of bids in the Portal :-** 5.00P.M of 27.10.2020
6. **Date and time of opening of bids:-** 12.30 P.M of 28.10.2020
7. **Name and address of the Officer Inviting Bid :-** Executive Engineer,P.H Division, Puri, Phone: 06752-223447, Fax: 06752-223447, E-Mail: eephpuri@gmail.com
8. The bidders have to participate in ONLINE bidding only.

**Sd./- EXECUTIVE ENGINEER (P.H., PURI)**
OIPR-13010/11/0004/2021

Email ID - eeliangul@gmail.com
**ODISHA LIFT IRRIGATION CORPORATION LIMITED**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, ANGUL**
**e- Tender Notice**
**Bid Identification No E.E. ANGUL (OLIC) 02/2020-21 Dt. 01.10.2020**
**NO. 1543 DATE 01.10.2020**

No.CAD-534:- The Executive Engineer, Lift Irrigation Division, Angul, Odisha, on behalf of Governor of Odisha invites Pre-qualification along with Price Bid in shape of item rate basis bids for installation and energisation of different L.I. Projects under Athmallik & Banarpal block in Angul District as described in the table below, from Civil 'D' / 'C' Class valid license with H.T. License or Tie up with H.T. License issued by E.L.B.O. complying with the terms and conditions. Bids are invited from intending tenderer having valid license as specified against the work for installation & energisation of new R.L. Projects under percentage wise rate contract on turn-key basis.
1. Name of Works : Installation & Energisation of River Lift Projects with supply of all materials on Turnkey basis. 2. Total No. of Packages : 34 Nos. 3. Approximate Estimated Cost : Rs. 18.150 lakh to 36.856 lakh. 4. Class of Contractor: "D", "C" & "B" with H.T. License or vice-versa. 5. Period of completion : 90 Days from the date of issue of work order. 6. Other details as follows.

| Procurement Officer | Bid Identificaion No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 01/2020-21 | 08.10.2020 10.00 A.M. | 21.10.2020 upto 5.00 P.M. | 15.10.2020 | 22.10.2020 11.00 A.M. |

- Details can be seen from the Website www.tendersorissa.gov.in
- Any Corrigendum/ Addendum will be displayed in the above website only.

OIPR-32327/11/0002/2021 Sd./- Executive Engineer, L.I. Division, Angul

Government of Odisha
**OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR**
Tel-0663-2548268, E-mail Id: serwcirclesbp@yahoo.com
**Bid Identification No. Road tender Online - RWCSBP- 04 No: 1714 Dated:30.09.2020**

No. O-425: The Superintending Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 18 (Eighteen) group of road works under Additional Annual maintenance plan 2019-20 & Annual maintenance plan 2020-21 for periodical maintenance of 5-year completed PMGSY road works, such as renewal coat with laying SDBC in the districts of Bargarh,Deogarh & Sambalpur.

1. Name of work : Additional Annual maintenance plan 2019-20 & Annual maintenance plan 2020-21 for Periodical maintenance of 5-year completed PMGSY Road works , such as renewal coat with laying SDBC under R.W Division, Bargarh,Padampur, Deogarh,Sambalpur & Kuchinda.
2. No of works : 18(Eighteen) groups details as per DTCN.
3. Estimated cost : Approximately varies from Rs 102.01 lakhs to 254.97 lakhs.
4. Class of Contractor : B and A
5. Cost of tender paper and mode of deposit : Rs. 10,000/- per set.( to be deposited On-line) in favour of concerned Executive Engineer.
6. Mode of submission of tender : Tender should be submitted only Online in website www.tendersorissa.gov.in.(https//tendersodisha.gov.in)
7. EMD and mode of deposit : 1% of estimated cost appearing in DTCN (to be deposited On-line) in favour of concerned Executive Engineer.
8. Summary of key dates are provided below :

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Date & time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Cirlce, Sambalpur | Road Tender Online - RWCSBP - 04 | 09.10.2020 at 11.00 A.M. | 26.10.2020 upto 4.00 P.M. | 22.10.2020 upto 4.00 P.M. | 27.10.2020 at 11.00 A.M. | To be intimated later |

- * Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in).**
- * Subsequent Modification/Corrigendum/Addendum if required shall appear in website only.
- * The amount put to bid is exclusive of GST.
- * Bidder should inspect the road before bidding and quote his rate accordingly.

**Sd./- Superintending Engineer, Rural Works Circle, Sambalpur**
**OIPR-25091/11/0004/2021**

**THE ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC ODISHA NEW OPPORTUNITIES

No. CAD-543 **E-PROCUREMENT NOTICE**
**NIT No. OMC/E-PROC/CMC/18/2020** **Dated: 05.10.2020**

| | | |
|---|---|---|
| 1 | Name of work | In-Situ Streess testing at proposed shaft locations under OMC-SKP-Underground Project - (through e-tendering) |
| 2 | Availability of tender documents on the e-tendering portal of Government of Odisha | Date 06.10.2020, Time: 10.00 A.M. |
| 3 | Last date for sending queries to OMC | Date: 12.10.2020, Time: 5.00 P.M., queries may be sent by email to **sknayak@odishamining.in, dmanoharan@odishamining.in** |
| 4 | Pre-bid Meeting | Date: 15.10.2020, Time: 11.30 A.M., Venue: MS Team VC Meeting |
| 5 | Issue of responses to pre-bid queries, addendum/ corrigendum, if rquired | Date: 20.10.2020 |
| 6 | Bid due date | Date: 28.10.2020, Time: 5.00 P.M. |
| 7 | Opening of Techno-Commercial Bid | Date: 29.10.2020, Time: 11.00 A.M. |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender document cost (Non-refundable) including GST | Amount: INR 5900/- (Rupees five thousand nine hundred only) (Inclusive of GST at 18%) Payable Online on the e-tender portal of Government of Odisha **(www.tenderodisha.gov.in)**. |
| 10 | Earnest Money Deposit (EMD) | Amount: INR 1,00,000/- (Rupees one lakh only). Payable online on the e-tender portal of Government of Odisha **(www.tenderodisha.gov.in)** |

All other details can be seen from the tender document available on the e-procurement portal of the Government of Odisha **(www.tendersodisha.gov.in)** and on the website of OMC **(www.omcltd.in)**. OMC reserves the right to reject any or all bids without assigning any reason thereof.

**Sd./- Chief General Manager (Mat.), Head C&P**
OIPR-30005/11/0079/2021

**DISTRICT ELECTION OFFICE, JAGATSINGHPUR**
**(QUOTATION CALL NOTICE)**

No. F-49: Sealed quotations in plain paper are invited from intended registered firms/printing press having valid GST registration for supply of different materials, printing of Postal Ballot, Supply of CCTV, Videography and Web casting daily hire basis, Barricading, Light, Sound & Tent supply of materials relating to Covid-19 and printing of different materials for use in ensuing Bye-Election to 102-Tirtol (SC) AC, 2020.
Terms and conditions, last date of submission of quotation call notice etc. are published in district website **www.jagatsinghpur.nic.in** for information of general public.

**Sd./- Collector & District Election Officer, Jagatsinghpur**
OIPR-24139/11/0004/2021

## ଜିଲାପାଳଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷ

**ଛେଣ୍ଡିପଦା,(ସ୍ୱ.ପ୍ର.)-** ଡାକ୍ତର ନ ଥିବାରୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବ୍ୟାହତ ହୋଇଛି। ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତ କରାଯାଉ ନ ଥିବାରୁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ଏହାର ସମାଧାନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବାକୁ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ସୋମବାର ଜିଲାପାଳଙ୍କୁ ଭେଟି ଅବଗତ କରାଇଛନ୍ତି। ଅଧ୍ୟକ୍ଷଙ୍କ ସହ ଛେଣ୍ଡିପଦା ଗ୍ରାମ ସଭାପତି ଗୋବର୍ଦ୍ଧନ ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ ବେହେରା, ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ବିଦ୍ୟାଧର ସାହୁ ଓ ଯୁବନେତା ରାକେଶ ନାଥ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଏନ୍ଏସି ହେଲେ ଜଳନ୍ତା ବିକାଶ ବତି

- ୨୨ ବର୍ଷ ହେଲା ହୋଇଆସୁଛି ଦାବି
- ତଥାପି ମିଳୁନି ବଇଣ୍ଡାକୁ ଏନ୍ଏସି ମାନ୍ୟତା
- ସରକାରୀ ଅବହେଳାକୁ ନେଇ ବଢୁଛି ଅସନ୍ତୋଷ



ବଇଣ୍ଡା ରେଳ ଷ୍ଟେଶନ।

**ବଇଣ୍ଡା,୫।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡାକୁ ଏନ୍ଏସି (ବିଜ୍ଞପିତ ଅଞ୍ଚଳ ପରିଷଦ) ଘୋଷଣା କରାଯାଉ ନାହିଁ। ଏ ନେଇ ଦୀର୍ଘ ୨୨ ବର୍ଷ ହେଲା ଦାବି କରାଯାଇ ଆସୁଥିଲେ ମଧ୍ୟ ଏ ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି। ଫଳରେ ନୁନୁକାପଶି, ଗାଁ ବଇଣ୍ଡା ଓ ଲୁହାମୁଣ୍ଡା ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ୩ଟି ପଞ୍ଚାୟତକୁ ମିଶାଇ ବଇଣ୍ଡାକୁ ଏନ୍ଏସି ମାନ୍ୟତା ଦିଆଗଲେ ଏଠାରେ ବିକାଶ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରନ୍ତା ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ନୁନୁକାପଶି ପଞ୍ଚାୟତରେ ରହିଛି ବଇଣ୍ଡା। ଏହା ନିକଟରେ ଗାଁବଇଣ୍ଡା ଓ ଲୁହାମୁଣ୍ଡା ପଞ୍ଚାୟତ ରହିଛି। ବଇଣ୍ଡା ବଜାର ଦେଇ ୫୫ ନମ୍ବର ଜାତୀୟ ରାଜପଥ, ତାଳଚେର-ସମ୍ବଲପୁର ରେଳପଥ ଯାଇଛି। ଏଠାରେ ରେଳଷ୍ଟେଶନ ସହ ଷ୍ଟେଟ ବ୍ୟାଙ୍କ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ, ଏକ ଘରୋଇ ବ୍ୟାଙ୍କ ସହ ରାଜସ୍ୱ କାର୍ଯ୍ୟାଳୟ, ଫାଣ୍ଡି, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଅନେକ ସରକାରୀ ଅଫିସ ରହିଛି। ହେଲେ ବଇଣ୍ଡାର ଯେପରି ବିକାଶ ହେବା କଥା ତାହା ହୋଇପାରୁ ନାହିଁ। ସରକାରୀ ଯୋଜନାଗୁଡ଼ିକ ଏଠାରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ନୁନୁକାପଶିରେ ୪ ହଜାର ୭୭୪, ଲୁହାମୁଣ୍ଡାରେ ୨ ହଜାର ୭୫୨, ଗାଁବଇଣ୍ଡାରେ ୩ ହଜାର ୮୪୦ ଭୋଟର ଥିବାବେଳେ ୩ଟି ପଞ୍ଚାୟତକୁ ନେଇ ଏନ୍ଏସି ଗଠନ ପାଇଁ ଦାବି ହୋଇଆସୁଛି। ଏନ୍ଏସି ହେଲେ ବଇଣ୍ଡା ବଜାର ଅଧିକ ବିକଶିତ ହୋଇପାରନ୍ତା ଏଠାକାର ରାସ୍ତା, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଆଦି ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିପାରନ୍ତା। ଗୋଟିଏ ଅର୍ଥରେ କହିଲେ ଏନ୍ଏସି ମାନ୍ୟତା ଏଠାରେ ବିକାଶ ବତି ଜାଳିପାରନ୍ତା। ଏଥିପାଇଁ ପ୍ରଥମେ ୧୯୯୮ରେ ବଇଣ୍ଡା ଗ୍ରାମବାସୀ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ଅମର ପ୍ରଧାନଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ପରେ ୨୦୦୭, ୨୦୧୨ ଓ ୨୦୧୯ରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଆଠମଲ୍ଲିକ ବିଧାୟକ, ସମ୍ବଲପୁର ଏମ୍‌ପି, ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ହେଲେ ଏହି ଦୀର୍ଘ ବର୍ଷର ଦାବି ପ୍ରତି ସରକାର ଆବଶ୍ୟକ ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, କେଉଁ ଅଞ୍ଚଳକୁ ଏନ୍ଏସି ଘୋଷଣା କରାଯିବ ତାହା ସରକାରଙ୍କ ଉପରେ ନିର୍ଭରଶୀଳ। ଯଦି ବଇଣ୍ଡା ପାଇଁ ଏନ୍ଏସି ପ୍ରସ୍ତାବ ଥାଏ ତେବେ ସରକାରଙ୍କ ପକ୍ଷରୁ ରିପୋର୍ଟ ମଗାଗଲେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ତାହା ଯୋଗାଇ ଦିଆଯିବ।

### ଯୋଜନାର ଲାଭ ମିଳିବ



ବଇଣ୍ଡାକୁ ଏନ୍ଏସି ଘୋଷଣା କରାଗଲେ ସରକାରୀ ଅର୍ଥର ସଦୁପଯୋଗ ହୋଇପାରିବ। ଅଞ୍ଚଳର ବିକାଶ ପାଇଁ ଯେଉଁ ଯୋଜନା ସବୁ ହେଉଛି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ରାସ୍ତା ଠାରୁ ଆରମ୍ଭ କରି ପରିମଳ ଯାଏ ସବୁ କିଛି ବଦଳିଯିବ।

-ପ୍ରିୟରଞ୍ଜନ ସାହୁ, ଲୁହାମୁଣ୍ଡା

### ଲୋକ ପ୍ରତିନିଧି ଦୃଷ୍ଟି ଦିଅନ୍ତୁ



ବଇଣ୍ଡାକୁ କିପରି ଏନ୍ଏସି ମାନ୍ୟତା ମିଳିବ ସେଥିପ୍ରତି ସ୍ଥାନୀୟ ଲୋକପ୍ରତିନିଧିମାନେ ଦୃଷ୍ଟି ଦେବା ଆବଶ୍ୟକ। ଦୀର୍ଘ ୨୨ ବର୍ଷ ହେଲା ଯେଉଁ ଦାବି କରାଯାଇ ଆସୁଛି ତାହା ପୂରଣ ହୋଇପାରିଲେ ବିକାଶର ଚିତ୍ର ଏଠାରେ ଦେଖିବାକୁ ମିଳନ୍ତା।

-ଅନ୍ତର୍ଯାମୀ ରାଉଳ, ଲୁହାମୁଣ୍ଡା

### ଯୋଗ୍ୟତା ଥାଇ ବି ଅବହେଳା



ଏନ୍ଏସି ଘୋଷଣା ପାଇଁ କିଶୋରନଗର ବ୍ଲକର ବଇଣ୍ଡା ନିଶ୍ଚିତ ଯୋଗ୍ୟ। ଏହି ଅଞ୍ଚଳରେ ରେଳ ଷ୍ଟେଶନଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ମାସିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ବଜାରରୁ ଆଦାୟ ହେଉଛି। କିନ୍ତୁ ସରକାର ଅବହେଳା କରି ଚାଲିଛନ୍ତି।

-ଉଗ୍ରସେନ ସେଠୀ, ଗାଁବଇଣ୍ଡା

### ପ୍ରଶାସନ ପଦକ୍ଷେପ ନେଉ



୧୯୯୮ ମସିହାରୁ ଅଞ୍ଚଳବାସୀ ଏ ନେଇ ସ୍ୱର ଉଠାଇଛନ୍ତି। ସ୍ଥାନୀୟ ପ୍ରଶାସନ, ବିଧାୟକ, ମନ୍ତ୍ରୀଙ୍କୁ ବହୁବାର ଦାବିପତ୍ର ପ୍ରଦାନ କରିଛନ୍ତି। କିନ୍ତୁ ଏଯାଏ କୌଣସି ସୁଫଳ ମିଳିପାରି ନାହିଁ। ଏ ଦିଗରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉ।

-ଜଳଧର ସାହୁ, ସରପଞ୍ଚ, ନୁନୁକାପଶି

### ସମସ୍ୟାର ସମାଧାନ କରାଯାଉ



ବଇଣ୍ଡାକୁ ସବୁକ୍ଷେତ୍ରରେ ଅବହେଳା କରାଯାଉଛି। ଏଠାକାର ୩ଟି ପଞ୍ଚାୟତକୁ ନେଇ ଏନ୍ଏସି ଗଠନ ହେଲେ ବିକାଶର ପ୍ରକୃତ ଲାଭ ମିଳିପାରନ୍ତା। ସରକାର ଆଉ ଉପେକ୍ଷା ନ କରି ଏହି ସମସ୍ୟାର ସମାଧାନ କରନ୍ତୁ।

-ସନାତନ ସାହୁ, ବଇଣ୍ଡା

## ସଂକ୍ଷେପରେ

### କଲେଜରେ ନାମଲେଖା ଦାବି

**ଅନୁଗୋଳ ଅଫିସ, ୫।୧୦:** ଅନୁଗୋଳ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଚଳିତବର୍ଷ ତୁରନ୍ତ ନାମ ଲେଖା ପାଇଁ ପଦକ୍ଷେପ ଦେବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଯାଏ ନାମ ଲେଖା ବିଜ୍ଞପ୍ତି ନ ବାହାରିବାରୁ ଏହାକୁ ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ସୋମବାର ଜିଲା ଛାତ୍ର କଂଗ୍ରେସର ୫ ଜଣିଆ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ଜିଲାରୁ ସର୍ବାଧିକ ରାଜସ୍ୱ ରାଜ୍ୟ ରାଜକୋଷକୁ ଯାଉଛି। କିନ୍ତୁ ସୁନାମଧନ୍ୟ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଚଳିତବର୍ଷ ଭିତ୍ତିଭୂମି ଅଭାବ ଦେଖାଇ ଏନ୍‌ସିଇଆରଟି ନାମ ଲେଖା ବନ୍ଦ କରିଛି। ୧୫ ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଜିଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦ୍ୟୁମ୍ନ ସାହୁ, ସଂଗ୍ରାମ ବେହେରା, ଅଭିନାଶ ସାହୁ, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ମନେପଡ଼ିଲେ ବାଜି ରାଉତ



**ଢେଙ୍କାନାଳ ଅଫିସ/ଭୁବନ,୫।୧୦:** ଶହୀଦ ବାଜି ରାଉତଙ୍କ ଜନ୍ମ ତିଥିରେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୋମବାର ପୂର୍ବାହ୍ନରେ ବାଜି ରାଉତଙ୍କ ଜନ୍ମସ୍ଥାନ ଭୁବନ ବ୍ଲକ ନୀଳକଣ୍ଠପୁର ଗ୍ରାମଠାରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନୀଳକଣ୍ଠପୁର ବାଜି ରାଉତ ପରିଷଦ ପ୍ରତିଷ୍ଠାତା ସଭାପତି କୃଷ୍ଣଚନ୍ଦ୍ର ଆଏଚ ଉପସ୍ଥିତ ଥିଲେ। ସେହିପରି ମଧ୍ୟାହ୍ନରେ ଢେଙ୍କାନାଳ ବାଜିଚୌକସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମାଲ୍ୟାର୍ପଣ କରିଥିଲେ। ତହସିଲଦାର ଲକ୍ଷ୍ମୀଧର ରାଉତ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**କଣିହାଁ, ୫।୧୦(ଡି.ଏନ.ଏ.):** କଣିହାଁ ଥାନା ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ଚିତ୍ତଲପୁର ଗ୍ରାମର କଲ୍ୟାଣୀ ନାଏକଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀ ପାଣ୍ଡବ ନାଏକଙ୍କୁ ସୋମବାର ଗିରଫ କରିଛି। ଯୌତୁକ ନିର୍ଯାତନା ଦିଆଯାଇ ଗତ ଶନିବାର କଲ୍ୟାଣୀଙ୍କୁ ଶାଶୁ ଘରେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୯୭/୨୦ରେ ମାମଲା ରୁଜୁ କରିଥିଲା। ପ୍ରାଥମିକ ତଦନ୍ତ ପରେ ପାଣ୍ଡବଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡିଛି।

### କୋଚିଂ ସେଣ୍ଟର ସିଲ୍

**ବଇଣ୍ଡା, ୫।୧୦(ଡି.ଏନ.ଏ.):** କିଶୋରନଗର ବ୍ଲକ ସଦର ମହକୁମାର ଧଉରାପାଲି ଗ୍ରାମରରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର ଉପରେ ସୋମବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ କରି ଗୋଟିଏ କ୍ଲାସରେ ୧୫ ଛାତ୍ରୀଛାତ୍ର ବସିଥିବାବେଳେ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଚଢ଼ାଉ କରିଥିଲେ। ଏଥିରେ ଉକ୍ତ କୋଚିଂ ସେଣ୍ଟରକୁ ସିଲ୍ କରାଯିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ସାପ କାମୁଡ଼ାରେ ମହିଳା ମୃତ

**ଅନୁଗୋଳ ଅଫିସ, ୫।୧୦:** ସାପ କାମୁଡ଼ାରେ ବଣଁରପାଳ ବ୍ଲକ ଫୁଲପଡ଼ା ରଙ୍ଗାସିଂହା ଗ୍ରାମର ଅଞ୍ଜନା ଗୋଛାୟତ(୩୭)ଙ୍କ ମୃତ୍ୟୁ ଘଟିଛି। ଅଞ୍ଜନା ରବିବାର ଶୋଇଥିବାବେଳେ ଏକ ବିଷଧର ସାପ କାମୁଡ଼ିଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ଝଡାଫୁଙ୍କା କରି ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ପଜିଟିଭ୍ ସଂଖ୍ୟା ୫ ହଜାର ପାର

**ଅନୁଗୋଳ ଅଫିସ, ୫।୧୦**

ଅନୁଗୋଳ ଜିଲାରୁ ସୋମବାର ୧୭୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୫,୧୧୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ୫୯, କଣିହାଁ ବ୍ଲକରୁ ୫୫, ଅନୁଗୋଳ ପୌରାଞ୍ଚଳରୁ ୨୨, ତାଳଚେର ବ୍ଲକରୁ ୧୪, ଛେଣ୍ଡିପଦା ବ୍ଲକରୁ ୧୪, ଅନୁଗୋଳ ବ୍ଲକରୁ ୯, କିଶୋରନଗର ବ୍ଲକରୁ ୨ ଓ ପାଲଲହଡ଼ା ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ମୋଟ୍ ୧୮୯ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୭୪ ଆକ୍ରାନ୍ତ, ୭୫ ସୁସ୍ଥ

**ଢେଙ୍କାନାଳ ଅଫିସ,୫।୧୦**

ଢେଙ୍କାନାଳ ଜିଲାରେ ସୋମବାର ୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରେ ୧୯, କାମାକ୍ଷାନଗର ବ୍ଲକରେ ୩ ଓ ଏନଏସିରେ ୧, ସଦର ବ୍ଲକରେ ୧, ପରଜଙ୍ଗ ବ୍ଲକରେ ୨, ଓଡାପଡା ବ୍ଲକରେ ୩୫, ଭୁବନ ବ୍ଲକ ୪, ହିନ୍ଦୋଳ ବ୍ଲକର ଜଣେ ରହିଛନ୍ତି। ସେହିପରି କଟକ ଓ ଭୁବନେଶ୍ୱର ଚିକିତ୍ସାଳୟରେ ଚିକିତ୍ସିତ ୮ ଜଣ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୪,୦୫୩ରେ ପହଞ୍ଚିଛି। ଆଉ ୭୫ ଜଣଙ୍କୁ ମିଶାଇ ମୋଟ ୩,୪୩୮ ଜଣ ସୁସ୍ଥ ହୋଇଛନ୍ତି।

## ସମାଜବାଦୀ ନେତା ପ୍ରଶାନ୍ତ ମିଶ୍ରଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୫।୧୦**


ପ୍ରଶାନ୍ତ ମିଶ୍ର।

ଢେଙ୍କାନାଳର ବିଶିଷ୍ଟ ସମାଜବାଦୀ ଏବଂ ଗାନ୍ଧୀବାଦୀ ନେତା ପ୍ରଶାନ୍ତ ମିଶ୍ରଙ୍କ ସୋମବାର ଅପରାହ୍ନ ୩ଟାରେ ପରଲୋକ ଘଟିଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। କାଠଗଡାସ୍ଥିତ ନିଜ ବାସଭବନରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅରବିନ୍ଦ ମିଶ୍ର ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

ସ୍ୱର୍ଗତ ମିଶ୍ର ଛାତ୍ର ଜୀବନରୁ ସମାଜବାଦୀ ଚିନ୍ତାଧାରା ଓ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସମାଜବାଦୀ ମହାନାୟକ ରାମମନୋହର ଲୋହିଆଙ୍କ ପଦାଙ୍କ ଅନୁସରଣ କରୁଥିଲେ। ଦେଶରେ ଜରୁରିକାଳୀନ ପରିସ୍ଥିତି ସମୟରେ ୧୯ ମାସ କାରାବରଣ କରିଥିଲେ। ଢେଙ୍କାନାଳ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ସଂଘର୍ଷ ଜାରି ରଖିଥିଲେ। କାଠଗଡାଠାରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ଓ ସମାଜସେବା ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଢେଙ୍କାନାଳ ପ୍ରଗତିଶୀଳ ମଞ୍ଚର ଆବାହକ ରହିଥିଲେ। ନିଶା ନିବାରଣ ଓ ଚାଷୀ ଆନ୍ଦୋଳନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବରିଷ୍ଠ ବିଜେଡି ନେତା ଯୋଗେନ୍ଦ୍ରନାଥ ତ୍ରିପାଠୀ, ମହମ୍ମଦ ଉସମାନଙ୍କ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ କୁଞ୍ଜକାନ୍ତ ଶ୍ମଶାନଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପ୍ରଶାନ୍ତ ମିଶ୍ରଙ୍କ ପରଲୋକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ପାଲ ଭିଡ଼ା ବନ୍ଦ, ଆନ୍ଦୋଳନ ଚେତାବନୀ

**ଅନୁଗୋଳ ଅଫିସ, ୫।୧୦**

ଅନୁଗୋଳ ଜିଲା ତାଳଚେରରେ ପ୍ରତ୍ୟେକ ଦିନ ହାଇୱା ଯୋଗେ କୋଇଲା ଖଣିରୁ କୋଲ୍ ୱାସେରିଗୁଡ଼ିକୁ କୋଇଲା ପରିବହନ କରାଯାଉଛି। ରାସ୍ତାରେ କୋଇଲା ଗୁଣ୍ଡ ଉଡୁଥିବାରୁ ହାଇୱାରେ ପାଲ ଭିଡ଼ିବାକୁ ନିୟମ ରହିଛି। ଏହି ପାଲ ଭିଡ଼ା କାର୍ଯ୍ୟରେ ତାଳଚେରର କ୍ଷତିଗ୍ରସ୍ତ ବେକାର ଯୁବକମାନେ ନିୟୋଜିତ ହୋଇଥିଲେ। କିନ୍ତୁ କିଛି ମାସ ହେବ ଏହି କାର୍ଯ୍ୟ ବନ୍ଦ କରି କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏ ବାବଦ ଅର୍ଥ ଆତ୍ମସାତ କରୁଥିବା ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ଅଭିଯୋଗ କରିଛି। ତୁରନ୍ତ ଶ୍ରମିକଙ୍କୁ ପାଲ ଭିଡ଼ା କାର୍ଯ୍ୟରେ ନିୟୋଜିତ କରିବାକୁ ଦାବି କରି ସଙ୍ଗଠନ ଆସନ୍ତା ୧୫ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ପରିବାରରେ ଥଇଥାନ ହେବେ ଶିଶୁ


ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକ।

**ଶିଶୁ ସୁରକ୍ଷା ୟୁନିଟ୍‌ର ସମୀକ୍ଷା ବୈଠକ**

**ଯତ୍ନ ଗୃହରେ ଅଛନ୍ତି ୧୧୦ ଜଣ**

**ଅନୁଗୋଳ ଅଫିସ, ୫।୧୦**

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଏକ ସମୀକ୍ଷା ବୈଠକ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା, ବିଜୁ ଶିଶୁ ସୁରକ୍ଷା ଯୋଜନା, ବିଜୁ କନ୍ୟାରତ୍ନ ଯୋଜନା, ବେଟି ପଢାଓ ଆଦି ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ତେବେ ଜିଲାରେ କେତେଜଣ ଶିଶୁ ଯତ୍ନ ଓ ସୁରକ୍ଷା ଗୃହରେ ରହିଛନ୍ତି ଏବଂ ସେମାନଙ୍କୁ କିପରି ପରିବାରରେ ଥଇଥାନ କରାଯିବ ସେ ଉପରେ ପଦକ୍ଷେପ ନିଆଯିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ପାୱାର ପଏଣ୍ଟରେ ଯୋଜନାର ଲକ୍ଷ୍ୟ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଜିଲାରେ ବର୍ତ୍ତମାନ ଶିଶୁ ଯତ୍ନ ଗୃହରେ ୧୧୦ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଏକକ ଅଭିଭାବକ ଥିବା ୬୨ ଜଣ, ଉଭୟ ମାତା ଓ ପିତା ଥିବା ୧୬ ଜଣ, ମାତାପିତା ନ ଥିବା ୩୨ ଶିଶୁ ଅଛନ୍ତି। ମୋଟ୍ ୭୩ ଶିଶୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ରହିଛନ୍ତି। କିଶୋର ନ୍ୟାୟ(ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଶିଶୁ କେମିତି ପରିବାରରେ ଥଇଥାନ ହେବେ ସେ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁ ଯତ୍ନଗୃହରେ ରହୁଥିବା ଶିଶୁମାନଙ୍କୁ ଏବଂ ତାଙ୍କ ପରିବାରଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପରିବାରରେ ଥଇଥାନ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଶିଶୁମାନେ ପରିବାରକୁ ଯିବାର ସୁଯୋଗ ନାହିଁ ସେମାନଙ୍କୁ ପୋଷ୍ୟ ସନ୍ତାନ କିମ୍ବା ପ୍ରତିପାଳନ ଯତ୍ନ ମାଧ୍ୟମରେ ପରିବାରରେ ଥଇଥାନ କରାଇବାର ବ୍ୟବସ୍ଥା କରାଯିବାକୁ ଜିଲାପାଳ କହିଛନ୍ତି। ଏଥିରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଏଲ୍‌ପିଓ ପ୍ରଦୀପ ନାୟକ, ପିଓଏମ୍ଆଇସି ଝରଣା ନାୟକ, ପରାମର୍ଶଦାତା ମଧୁସ୍ମିତା ଧଳ, ଦିଲୀପ ନାୟକ, ଶୁଭସ୍ମିତା ଗଡ଼ନାୟକ, ସତ୍ୟାନନ୍ଦ ସାହୁ, ଛଇଳ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜା କର୍ମକର୍ତ୍ତାଙ୍କ ହେବ କରୋନା ଟେଷ୍ଟ


ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ।

- ୩୦ରୁ ଆରମ୍ଭ ଗଜଲକ୍ଷ୍ମୀ ପୂଜା
- ମୂର୍ତ୍ତି ଉଚ୍ଚତା ରହିବ ୪ ଫୁଟ
- ତୋରଣ ନ କରିବାକୁ ନିଷ୍ପତ୍ତି
- ୯ ତାରିଖ ସକାଳେ ବିସର୍ଜନ

**ଢେଙ୍କାନାଳ ଅଫିସ,୫।୧୦**

ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ସୋମବାର ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୋଭିଡ୍ ନିୟମ ଅନୁଯାୟୀ ପୂଜା ଉତ୍ସବ ନିରାଡମ୍ବର ଭାବେ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅକ୍ଟୋବର ୩୦ ତାରିଖ ରାତିରେ ପୂଜା ଆରମ୍ଭ ହୋଇ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ତାରିଖ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟାରେ ମଧ୍ୟରେ ପୌରସଂସ୍ଥା ପକ୍ଷରୁ ଧାର୍ଯ୍ୟ ହୋଇଥିବା ଜଳାଶୟରେ ମା'ଙ୍କ ମୂର୍ତ୍ତି ବିସର୍ଜନ ହେବ। ବିସର୍ଜନ ସମୟରେ ମୂର୍ତ୍ତି ସହିତ ସର୍ବାଧିକ ୧୦ ଜଣ କର୍ମକର୍ତ୍ତା ରହିବେ। ପୂଜା ଅନୁଷ୍ଠାନ କର୍ମକର୍ତ୍ତାଙ୍କ ଆଣ୍ଟିଜେନ ଟେଷ୍ଟ କରାଯିବ। ପୂଜା ସମୟରେ ସର୍ବାଧିକ ୭ ଜଣ ବ୍ୟକ୍ତି ଉପସ୍ଥିତ ରହିବେ। ମାଇକ ଦ୍ୱାରା କୌଣସି ପ୍ରକାର ବାଦ୍ୟ ସଙ୍ଗୀତ ଗାନ କରା ନ ଯିବା ସହ ସର୍ବସାଧାରଣଙ୍କ ସମାବେଶ ହେବ ନାହିଁ। ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ସୀମିତ ରହିବ । ତୋରଣ ମଧ୍ୟ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପୂଜା ସମୟରେ ମଣ୍ଡପଗୁଡିକରେ ପୋଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ । କୌଣସି ପ୍ରକାର ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା।

ବୈଠକରେ ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଜନ କୁମାର ଥମ୍ଭ, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ପୀତବାସ ସାହୁ, ଶାନ୍ତି କମିଟି ସଭାପତି ନବକିଶୋର ଗୁରୁ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ସମେତ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ସନ୍ଧ୍ୟା ୬ଟା ଯାଏ ଖୋଲିବ ଦୋକାନ

**ଢେଙ୍କାନାଳ ଅଫିସ, ୫।୧୦**

ଢେଙ୍କାନାଳ ସହରରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଦିନ ୨ଟା ବଦଳରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ। ଏ ନେଇ ଚାମ୍ବର ଅଫ୍ କମର୍ସ ସଭାପତି ଶରତ ଚନ୍ଦ୍ର ପାଢୀ ସୋମବାର ସୂଚନା ଦେଇଛନ୍ତି । କରୋନା ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ଅପରାହ୍ନ ୨ଟା ଯାଏ ଦୋକାନ ବଜାର ଖୋଲିବ ବୋଲି ପ୍ରଥମେ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଜିଲାପାଳଙ୍କୁ ଜଣାଯାଇଥିଲା। ତଦନୁଯାୟୀ ଗତ ଦୁଇଦିନ ହେଲା ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲୁଥିଲା। କିନ୍ତୁ ଏଥିରେ ସମସ୍ୟା ଉପୁଜିବାରୁ ବ୍ୟବସାୟୀମାନେ ଚାମ୍ବର ଅଫ୍ କମର୍ସକୁ ଜଣାଇଥିଲେ। ଏ ନେଇ ପୁଣି ଆଲୋଚନା ପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ଖୋଲିବ ଏବଂ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇ ଦିଆଯାଇଛି ବୋଲି ଚାମ୍ବର ଅଫ୍ କମର୍ସ ସଭାପତି ସୂଚନା ଦେଇଛନ୍ତି ।

## ପ୍ରତି ପଞ୍ଚାୟତରେ ଗ୍ରାମାଞ୍ଚଳ ପାର୍କ

**ଅନୁଗୋଳ ଅଫିସ, ୫।୧୦**

**୭ରୁ ଜମି ଚିହ୍ନଟ, ୩୧ରେ କାର୍ଯ୍ୟ ଆରମ୍ଭ ପାଇଁ ଚିଠି**

ଅନୁଗୋଳ ଜିଲାର ପ୍ରତି ପଞ୍ଚାୟତରେ ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ନିର୍ମାଣ ହେବ ପାର୍କ। ଏ ନେଇ ଅନୁଗୋଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଦିଲୀପ ସାହୁ ପ୍ରତି ବ୍ଲକକୁ ସୋମବାର ଚିଠି ଲେଖିଛନ୍ତି। କେବଳ ପାର୍କ ନୁହେଁ, ପାଣି ଟାଙ୍କି ସହ ଶୌଚାଳୟ ମଧ୍ୟ ତିଆରି କରାଯିବ। ଏ ନେଇ ବିଭିନ୍ନ ପଞ୍ଚାୟତରେ ସ୍ଥାନ ନିରୂପଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

ଅନୁଗୋଳ ଜିଲାରେ ଥିବା ୨୨୫ଟି ପଞ୍ଚାୟତର ପରିବେଶ ସୁନ୍ଦର କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପିଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପାର୍କ ନିର୍ମାଣ ବାବଦରେ ୩ ଲକ୍ଷ ଟଙ୍କା ବ୍ୟୟବରାଦ ରଖାଯାଇଛି। ପଞ୍ଚାୟତ ପକ୍ଷରୁ ୯୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବାବେଳେ ଅବଶିଷ୍ଟ ଅର୍ଥ ସ୍ୱଚ୍ଛ ଭାରତ ମିଶନରୁ ଖର୍ଚ୍ଚ କରାଯିବ। ଏ ନେଇ ପିଡି ସାହୁ ନଂ-୩୦୨୨/୧।୧୦।୨୦୨୦ରେ ପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଆସନ୍ତା ୭ ତାରିଖ ମଧ୍ୟରେ ଏଥିପାଇଁ ସ୍ଥାନ ନିରୂପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ବାବଦରେ କେତେ ଖର୍ଚ୍ଚ କରାଯିବ ସେ ନେଇ ୧୫ ତାରିଖ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଓ ୩୧ ତାରିଖରେ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି। ଏ ନେଇ ପିଡି ସାହୁ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏପରି ନିଷ୍ପତ୍ତି ନିଆଯାଇଛି। ପ୍ରତି ବିଡିଓଙ୍କୁ ଚିଠି କରାଯାଇ ସ୍ଥାନ ନିରୂପଣ କରିବାକୁ କୁହାଯାଇଛି। ସେଠାରୁ ଫାଇଲ ଆସିବା ପରେ କେତୋଟି ପଞ୍ଚାୟତରେ କାର୍ଯ୍ୟ ହେଉଛି ତାହା ସ୍ପଷ୍ଟ ହେବ।

## ସଂକ୍ଷେପରେ

### ମା', ପୁଅଙ୍କ ତଣ୍ଟିକାଟି ନିଜ ତଣ୍ଟି କାଟିଲେ ଯୁବକ

**ବୁଗୁଡ଼ା,୫।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଝୋଲରୀ ଗ୍ରାମରେ ସୋମବାର ଅପରାହ୍ନରେ ଜଣଙ୍କ ଘରେ ପଶି ମା', ପୁଅଙ୍କ ତଣ୍ଟି କାଟିବା ସହ ଜଣେ ଯୁବକ ନିଜ ତଣ୍ଟି କାଟି ଆହତ ହୋଇଛନ୍ତି। ଝୋଲରୀ ଗ୍ରାମରେ ପ୍ରମିତା ବିଷୋୟୀ (୩୨), ପୁଅ ସାଇଜିତ (୭) ଘରେ ଏକା ଥିଲେ। ପ୍ରମିତାଙ୍କ ସ୍ୱାମୀ ଘରେ ନ ଥିଲେ। ଏହାର ସୁଯୋଗ ନେଇ ବାଣପୁର ଥାନା ଅନ୍ତର୍ଗତ ପେଣ୍ଡଧର ଗ୍ରାମର ଜଣେ ଯୁବକ ପ୍ରମିତାଙ୍କ ଘରେ ପଶିଥିଲେ। ଭିତର ପଟୁ କବାଟ ଦେଇ ହଠାତ୍ ମା' ପୁଅଙ୍କୁ ଏକ ଛୁରିରେ ଆକ୍ରମଣ କରି ନିଜ ତଣ୍ଟି କାଟି ଦେଇଥିଲେ। ପ୍ରମିତାଙ୍କ ପାଟି ଶୁଣି ଗ୍ରାମବାସୀ ଆସି ଯୁବକଙ୍କୁ ମାଡ଼ ମାରିଥିଲେ। ଖବର ପାଇ ବାଲିପଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଆହତଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରମିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି।

### ଯୁବକଙ୍କୁ ହାଣିଲେ ମଦବେପାରୀ

**ନୟାଗଡ଼ ଅଫିସ,୫।୧୦:** ନୟାଗଡ଼ ଟାଉନ ଥାନା ଖମାରସାହିରେ ଜଣେ ମଦବେପାରୀ ନିଜ ସହଯୋଗୀଙ୍କ ସହ ମିଶି ସଞ୍ଜୀବ ମହାନ୍ତି (୩୫)ଙ୍କୁ ସୋମବାର ଗୋଡାଇ ଗୋଡାଇ ହାଣିଛନ୍ତି। ଗୁରତର ଅବସ୍ଥାରେ ସଞ୍ଜୀବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସଞ୍ଜୀବଙ୍କ ମା' ଥାନାରେ କରିଥିବା ଅଭିଯୋଗ ଅନୁସାରେ ଖମାରସାହିରେ ଗଗନ ବିହାରୀ ସ୍ୱାଇଁ ମଦବେପାର କରନ୍ତି। ଏହାକୁ ସଞ୍ଜୀବ ବିରୋଧ କରିଆସୁଥିଲେ। ସୋମବାର ସେ ଘରକୁ ଫେରୁଥିବାବେଳେ ସହଯୋଗୀ ଲକ୍ଷ୍ମୀଧର ସ୍ୱାଇଁ ଓ ମିଟୁ ସ୍ୱାଇଁଙ୍କ ସହ ଗଗନ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପୋଲିସ ଗଗନ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଚଳଚ୍ଚିତ୍ର ଅଭିନେତା ସନ୍ତୋଷ ନାୟକଙ୍କ ପରଲୋକ

**ନୟାଗଡ଼ ଅଫିସ,୫।୧୦:** ମଞ୍ଚ, ବେତାର, ଦୂରଦର୍ଶନ ଓ ଚଳଚ୍ଚିତ୍ର ଅଭିନେତା ସନ୍ତୋଷ ନାୟକ(୫୫)ଙ୍କ ସୋମବାର ଭୁବନେଶ୍ୱରରେ ପରଲୋକ ହୋଇଛି।



ସନ୍ତୋଷଙ୍କ ଘର ନୟାଗଡ଼ ଜିଲା ଶରଣକୁଳ ନିକଟ କୁଟୁଣୀ ଗାଁରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହୁଥିଲେ। କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ସେ ନୟାଗଡ କଲେଜରେ ନାଟ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୧୯୯୧ ମସିହାରେ ଆକାଶବାଣୀ କଟକ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ ନାଟ୍ୟ ଅଭିନେତା ମାନ୍ୟତା ପାଇଥିଲେ। ସେ ଶତାଧିକ ନାଟକ, ଧାରାବାହିକ ଓ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ଜିଲା ପାଇଁ ଗର୍ବ ଓ ଗୌରବ ଆଣିପାରିଥିଲେ। ମୋ ଭାଇ ଜଗା ହେଉଛି ତାଙ୍କର ପ୍ରଥମ ଚଳଚ୍ଚିତ୍ର।

# ୟୁଜିସି ଅବହେଳା ପ୍ରସଙ୍ଗ ଉଠାଇଲା ବିଜେଡି

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ପ୍ରସଙ୍ଗ ଆଲୋଚନା ଛିଣ୍ଡୁନି। ସୋମବାରକୁ ମିଶାଇ ଲଗାତର ୩ଦିନ ପାଇଁ ଗୃହରେ ଏହି ବିଲ୍‌କୁ ନେଇ ଆଲୋଚନା ହୋଇଛି। ପୁଣିଥରେ ବିରୋଧୀ ଦଳ କଂଗ୍ରେସ ନେତା ନରସିଂହ ମିଶ୍ର ବିଲ୍‌କୁ ବିରୋଧ କରିବା ସହ ଏଥିରେ ଥିବା ତ୍ରୁଟି ସମ୍ପର୍କରେ କହିଥିଲେ। ସେହିଭଳି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ରାଜ୍ୟ ସରକାର ନିଜ ରାଜନୈତିକ ଶକ୍ତି ବ୍ୟବହାର କରି ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାଧୀନତା ଓ ଅଖଣ୍ଡତାକୁ କ୍ଷୁଣ୍ଣ କରିବାର ପ୍ରୟାସ କରୁଥିବା କହିଥିଲେ। କରୋନା ମହାମାରୀ ସମୟରେ ଏହି ବିଲ୍ ପାରିତ କରିବାର ଆବଶ୍ୟକତା ନାହିଁ। ଶିକ୍ଷାବିତ୍‌ମାନେ ଏହା ଉପରେ ପ୍ରଶ୍ନ ଉଠାଉଛନ୍ତି। ବିଶ୍ୱବିଦ୍ୟାଳୟ ସିନେଟ୍‌ର ଉଚ୍ଛେଦକୁ ସେ ବିରୋଧ କରିବା ସହ ବିଲ୍‌କୁ ବିଚାରକୁ ନେବାକୁ ସିଲେକ୍ଟ କମିଟିକୁ ପଠାଇବାକୁ କହିଥିଲେ। ଏହି ଅବସରରେ ସେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଂରେ କାହିଁକି ପଛରେ ରହୁଛି ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଶାସକ ଦଳ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, କୋଭିଡ୍ ପ୍ରାୟ ବର୍ଷେ ହେବ ଚାଲିଲାଣି। ଏଥି ପାଇଁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି। ଏଭଳି ସମୟରେ ଶିକ୍ଷା ଏକ ଆବଶ୍ୟକତା ହୋଇଥିବାରୁ ଏହା ଉପରେ ଆଲୋଚନା ଓ ବିଲ୍ ଆଣିବାର ପ୍ରାସଙ୍ଗିକତା ରହିଥିବା ଯୁକ୍ତି ବାଢିଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ବ୍ୟବସ୍ଥିତ କରିବାରେ ଏହା ସହାୟକ ହେବ। କୁଳପତିଙ୍କ କ୍ଷମତା କ୍ଷୁଣ୍ଣ ହେବନି। ସିନେଟ୍‌କୁ ଉଚ୍ଛେଦ କରି ସିଣ୍ଡିକେଟ୍‌କୁ ଅଧିକ ଶକ୍ତିଶାଳୀ କରାଯାଇଥିବା ସେ କହିଥିଲେ। ଏହି ଅବସରରେ ଛୁରିଆ ଓଡ଼ିଶାର ବିଶ୍ୱବିଦ୍ୟାଳୟ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ପ୍ରସଙ୍ଗ ଉଠାଇଥିଲେ। ୟୁଜିସି ଓଡ଼ିଶା ପ୍ରତି ଅବହେଳା କରୁଛି, ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ଆବଶ୍ୟକ ଅର୍ଥ ଦେଉନାହିଁ। ଓଡ଼ିଶାର ଛାତ୍ରୀଛାତ୍ରମାନେ ପାଠ ପଢି ଆଗକୁ ନ ବଢନ୍ତୁ ବୋଲି କେନ୍ଦ୍ର ଚାହୁଁଥିବା ସେ କହିଥିଲେ। ତେବେ ନୂଆ ବିଲ୍‌ରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କ ପ୍ରମୋଶନ ବେଳେ ସେମାନଙ୍କ ରିସର୍ଚ୍ଚ ଫିଲ୍ଡ ଏବଂ ସେମାନଙ୍କ ଅଧୀନରେ କେତେକ ଛାତ୍ରୀଛାତ୍ର ପିଏଚ୍‌ଡି କରିଛନ୍ତି ତାହାକୁ ବିଚାରକୁ ନେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଉକ୍ତ ବିଲ୍ ଉପରେ ତର୍କ ବିତର୍କ ହେବାପରେ କୃଷି ଆଇନ ଉପରେ ଆଲୋଚନା ଅଧାରେ ରହିଛି।

ବିଜେଡି ବିଧାୟକ ବ୍ୟୋମକେଶ ରାୟ ମଧ୍ୟ ୟୁଜିସିର ଓଡ଼ିଶା ପ୍ରତି ଅବହେଳା ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୧ ହଜାର କୋଟି ଦେଉଥିବା ବେଳେ ୟୁଜିସି ମାତ୍ର ୧୦ କୋଟି ଦେଉଛନ୍ତି। ଏ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ କୁଳପତି ଚୟନରେ ରାଜ୍ୟ ସରକାରଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଥିବା ସେ କହିଥିଲେ। ସେହିଭଳି ଓପିଏସ୍‌ସି ଦ୍ୱାରା ଅଧ୍ୟାପକ ଚୟନ ହେବାଦ୍ୱାରା ବର୍ତ୍ତମାନ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ୮୦୦ ପଦବୀ ପୂରଣ ହୋଇପାରିବ। ସେହିଭଳି ଖାଲିପଡ଼ିଥିବା ଶତାଧିକ ନନ୍-ଟିଚିଂ ଷ୍ଟାଫ୍ ମଧ୍ୟ ନିଯୁକ୍ତି ପାଇପାରିବେ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏବେ ବି ସିନେଟ୍ ବସୁ ନ ଥିବାରୁ ଆଗାମୀଦିନରେ ସିନେଟ୍‌ର ଆବଶ୍ୟକତା ନ ଥିବା ସେ ଯୁକ୍ତି ବାଢିଥିଲେ।

**ଅଧାରେ ରହିଲା କୃଷି ଆଇନ ଆଲୋଚନା**

# ସମାଧାନ ହୋଇପାରିଲାନି କ୍ଷତିପୂରଣ ପ୍ରସଙ୍ଗ

**ନୂଆଦିଲ୍ଲୀ,୫।୧୦**

- ରାଜ୍ୟଗୁଡ଼ିକୁ ୨୦ ହଜାର କୋଟିର କ୍ଷତିପୂରଣ ଦିଆଯିବ
- ୧୨ରେ ପୁଣି ବସିବ ଜିଏସ୍‌ଟି ପରିଷଦ ବୈଠକ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ପରିଷଦର ୪୨ତମ ବୈଠକ ଭିଡିଓ କନ୍‌ଫରେନ୍ସ ଯୋଗେ ସୋମବାର ଅନୁଷ୍ଠିତ ହୋଇଛି। ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ନେଇ କେନ୍ଦ୍ର ରାଜ୍ୟ ବର୍ତ୍ତମାନ ମୁହାଁମୁହିଁ ସ୍ଥିତିରେ ଥିବା ବେଳେ ଏହି ବୈଠକରେ କୌଣସି ସହମତି ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୨ଟି ବିକଳ୍ପ ପୂର୍ବରୁ ପ୍ରଦାନ କରିଥିଲା। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି ଟଙ୍କା କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କା ଉଠାଣ ନେଇ ରାଜ୍ୟଗୁଡିକୁ କୁହାଯାଇଛି। ପ୍ରଥମ ବିକଳ୍ପ ସପକ୍ଷରେ ଭାଜପା ଶାସିତ ୨୧ ରାଜ୍ୟ ରହିଛନ୍ତି। ଆଉ କିଛି ରାଜ୍ୟ କେନ୍ଦ୍ରର ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି। ସୋମବାର ବସିଥିବା ବୈଠକରେ ଏ ନେଇ କୌଣସି ସହମତି ପ୍ରକାଶ ପାଇ ନ ଥିବାରୁ ଚଳିତ ମାସ ୧୨ ତାରିଖରେ ପୁଣି ଥରେ ଜିଏସ୍‌ଟି ପରିଷଦ ବୈଠକ ବସିବ ବୋଲି ସ୍ଥିର ହୋଇଛି।

ବୈଠକ ପରେ ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, କ୍ଷତିପୂରଣ ଦେବା ଲାଗି ସଂଗ୍ରହ ହୋଇଥିବା ଟିକସ ସୋମବାର ରାତି ସୁଦ୍ଧା ରାଜ୍ୟଗୁଡ଼ିକୁ ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ୨୦ ହଜାର କୋଟି ଟଙ୍କାର କ୍ଷତିପୂରଣ ସେସ୍ ଆଦାୟ କରାଯାଇଛି। ସେହିଭଳି ସମନ୍ୱିତ ସାମଗ୍ରୀ ଓ ସେବା ଟିକସ(ଆଇଜିଏସ୍‌ଟି) ବାବଦ ଆଦାୟ ହୋଇଥିବା ରାଶି ମଧ୍ୟରୁ ପ୍ରାୟ ୨୪ ହଜାର କୋଟି ରାଜ୍ୟଗୁଡିକ ମଧ୍ୟ ଦିଆଯିବ। ଏହି ରାଶି ଆସନ୍ତା ସପ୍ତାହ ଶେଷ ସୁଦ୍ଧା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ବୈଠକରେ କେରଳ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ କ୍ଷତିପୂରଣ ଅର୍ଥ କେନ୍ଦ୍ର ପ୍ରଦାନ କରୁ ବୋଲି ୧୦ ରାଜ୍ୟ ଦାବି ଉଠାଇଛନ୍ତି। ଆଇନ ଅନୁସାରେ କ୍ଷତିପୂରଣ ପ୍ରଦାନ କେନ୍ଦ୍ର କରିବା କଥା, ଏଣୁ କେନ୍ଦ୍ର ଋଣ କରି ରାଜ୍ୟକୁ ଏହି ରାଶି ପ୍ରଦାନ କରୁ। କ୍ଷତିପୂରଣ ପ୍ରଦାନ ନେଇ କୌଣସି ସହମତି ପ୍ରକାଶ ନ ପାଇବାରୁ ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଏ ନେଇ ନିଷ୍ପତ୍ତି ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

### ଆଜିଠୁ ୬ ଦିନିଆ ଓଡ଼ିଶା ଗସ୍ତରେ କଂଗ୍ରେସର ଓଡ଼ିଶା ପ୍ରଭାରୀ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

ଓଡ଼ିଶା କଂଗ୍ରେସ ପ୍ରଭାରୀ ଏ.ଚେଲ୍ଲା କୁମାର ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ମଙ୍ଗଳବାର ଅପରାହ୍ନ ୫ଟାରେ ଭୁବନେଶ୍ୱରରେ ପହଞ୍ଚିବେ। ଅକ୍ଟୋବର ୭ ପୂର୍ବାହ୍ନ ୧୦ଟାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଅପରାହ୍ନ ୩ଟାରୁ ୬ଟା ମଧ୍ୟରେ ସେ ପୂର୍ବତନ ପିସିସି ସଭାପତି, କେନ୍ଦ୍ରମନ୍ତ୍ରୀ, ବିରୋଧୀ ଦଳ ନେତା, ଜିଲା କଂଗ୍ରେସ କମିଟି ସଭାପତି, ଏମ୍‌ପି ଓ ବିଧାୟକମାନଙ୍କ ସହ ଆଲୋଚନା କରିବେ। ସନ୍ଧ୍ୟା ୬ଟା ୩୦ରେ ସେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ଆୟୋଜିତ ବିଧାୟକ ଦଳ ବୈଠକରେ ଯୋଗଦେବେ। ୮ ତାରିଖ ପୂର୍ବାହ୍ନରେ ସେ କଂଗ୍ରେସର ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବେ। ଏହାପରେ ସେ ଜଗତ୍‌ସିଂହପୁର ଜିଲାର ବିରିଡି ବ୍ଲକ ଗସ୍ତକରି ତିର୍ତ୍ତୋଲ ଉପନିର୍ବାଚନ ପାଇଁ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଯୋଗଦେବେ। ୯ ତାରିଖରେ ସେ ରାଜ୍ୟ ଓ ଜିଲା ଯୁବ କଂଗ୍ରେସ ସଭାପତି ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏଥିସହିତ ମହିଳା କଂଗ୍ରେସ ସଭାନେତ୍ରୀ, ରାଜ୍ୟ ଓ ଜିଲା ପଛୁଆବର୍ଗ, ରାଜ୍ୟ ଓ ଜିଲା ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଓ କର୍ମକର୍ତ୍ତା, କଂଗ୍ରେସ ସେବା ଦଳ ସହ ଆଲୋଚନା କରିବେ। ୧୦ ତାରିଖରେ ବାଲେଶ୍ୱର ଗସ୍ତ କରି କିଷାନ ବଚାଓ ରାଲି ଓ ସଭାରେ ଯୋଗଦେବେ। ସେଠାରେ ବାଲେଶ୍ୱର ସଦର ଉପନିର୍ବାଚନ ବୈଠକରେ ମଧ୍ୟ ଯୋଗଦେବେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ

**କଟକ ଅଫିସ, ୫।୧୦:** ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ କରୁଣାକର କାଣ୍ଡିଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି କଟକ ପୋକ୍‌ସୋ କୋର୍ଟ। ଏଥିସହ ଦୋଷୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଯଦି ଦୋଷୀ ଏହି ଜରିମାନା ନ ଦିଅନ୍ତି ତେବେ ତାଙ୍କୁ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଶୁଣାଇଛନ୍ତି। ସୋମବାର କଟକ ପୋକ୍‌ସୋ କୋର୍ଟର ବିଚାରପତି ବନ୍ଦନା କର ଏହି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନିଶ୍ଚିନ୍ତକୋଇଲି ଅଞ୍ଚଳର ଜଣେ ୧୩ବର୍ଷୀୟା ନାବାଳିକା ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳସ୍ଥ ତାଙ୍କ ମାଉସୀ ଘରକୁ ରାମନବମୀ ମେଳା ଦେଖିବାକୁ ଯାଇଥିଲେ। ଏହି ସମୟରେ ମାଉସୀ, ମଉସା ନ ଥିବା ସୁଯୋଗରେ ଅଭିଯୁକ୍ତ କରୁଣାକର ନାବାଳିକାଙ୍କ ହାତ ଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ଭୟରେ ଏକଥା ପୀଡ଼ିତା କାହାକୁ ଜଣାଇ ନ ଥିଲେ। ପରେ ସେ ନିଜ ଘର ନିଶ୍ଚିନ୍ତକୋଇଲିକୁ ଫେରିଥିଲେ। ଏହି ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ମା' ଜାଣିବା ପରେ ନିଶ୍ଚିନ୍ତକୋଇଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ କରୁଣାକରଙ୍କୁ ୨୦୧୪ ମେ ୧୨ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ସେ ବିଚାର ବିଚାର ବିଭାଗୀୟ ହାଜତରେ ରହିଥିଲେ। ଏହି ମାମଲାର ଶୁଣାଣି କଟକ ପୋକ୍‌ସୋ କୋର୍ଟରେ ଚାଲିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ।



କଂକ୍ରିଟ ନାଳରେ ଖସି ପଡିଥିବା ଛୁଆକୁ ମା ହାତୀ ଉଦ୍ଧାର ଉଦ୍ୟମ କରୁଛି।

# ସାହା ହେଲା ମା' ହାତୀ

**ଢେଙ୍କାନାଳ ଅଫିସ,୫।୧୦**

- କଂକ୍ରିଟ୍ ନାଳରୁ ଉଦ୍ଧାର କଲା ଛୁଆକୁ
- ସହାୟତା ପାଇଁ ବାଲିବସ୍ତା ପକାଇଲେ ବନ କର୍ମଚାରୀ
- ମୁଣ୍ଡରେ ଠେଲି ଠେଲି ଉପରକୁ ଉଠାଇଲା

ଗାଁ ପାଖ ଦେଇ ଜଙ୍ଗଲକୁ ଯିବାବେଳେ ଏକ କଂକ୍ରିଟ୍ ନାଳ ମଧ୍ୟରେ ଖସି ପଡ଼ିଥିଲା ଛୁଆ ହାତୀ। ଦଳରେ ଥିବା ସାଥୀମାନେ ଆଗକୁ ବଢ଼ିଯାଇଥିଲେ ବି ନିଜ ଛୁଆ ପାଇଁ ଅଟକି ଯାଇଥିଲା ମା'। ଅଣଓସାରିଆ ନାଳ ମଧ୍ୟରୁ ତାକୁ କେମିତି ଉଦ୍ଧାର କରିବ ସେ ନେଇ ଆରମ୍ଭ କରିଥିଲା ଉଦ୍ୟମ। ଶେଷରେ ବାଲିବସ୍ତା ପକାଇ ବନ ବିଭାଗ ବଳ ଯୋଗାଇ ଦେବା ପରେ ମୁଣ୍ଡରେ ଠେଲି ଠେଲି ଛୁଆକୁ ଉପରକୁ ଉଠାଇ ଆଣିଥିଲା ମା' ହାତୀ।

ବିପଦ ମୁହଁରେ ପଡ଼ିଥିବା ନିଜ ଛୁଆକୁ ମା' ହାତୀ ଏପରି ସାହା ହେବା ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାରେ। ସୋମବାର ସକାଳେ ସଦର ରେଞ୍ଜ ଗଦାଶିଳା ସେକ୍ସନ ବ୍ରାହ୍ମଣୀ ନଦୀକୂଳ ଗୁଣ୍ଡୁଦେଇ ଗ୍ରାମଦେଇ ୨୧ଟି ହାତୀ ୫୫ନଂ ଜାତୀୟ ରାଜପଥ ନିକଟସ୍ଥ ଜଙ୍ଗଲ ଆଡକୁ ଯାଉଥିଲେ। ଏହି ସମୟରେ ଗାଁ ରାସ୍ତା ପାର୍ଶ୍ୱରେ ଥିବା ଏକ କଂକ୍ରିଟ ନାଳ ଭିତରକୁ ହାତୀ ଛୁଆଟି ଖସିପଡିଥିଲା। ଗଭୀର ହୋଇ ନ ଥିଲେ ବି ଅଣଓସାରିଆ ଥିବାରୁ ହାତୀଟି ସେଥିରୁ ଉଠିପାରି ନ ଥିଲା। ଏହା ଦେଖି ସହାୟତା ପାଇଁ ମା' ହାତୀ ଆଗେଇ ଆସିଥିଲା। ଅନ୍ୟ ହାତୀମାନେ ଜଙ୍ଗଲକୁ ପଳାଇଯାଇଥିଲେ ମଧ୍ୟ ଛୁଆକୁ ନାଳରୁ ଉଠାଇ ସାଥିରେ ନେବାକୁ ମା' ଦୀର୍ଘ ସମୟ ଧରି ଉଦ୍ୟମ ଜାରି ରଖିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଗଦାଶିଳା ସେକ୍ସନ ବନ କର୍ମଚାରୀ ଓ ସ୍କ୍ୱାଡ୍ ସଦସ୍ୟମାନେ ପହଞ୍ଚି ନାଳ ଭିତରେ ବାଲି ବସ୍ତା ପକାଇଥିଲେ। ଏହାପରେ ମା' ହାତୀଟି ପଛରୁ ଠେଲି ଠେଲି ଛୁଆକୁ ବାଲି ବସ୍ତା ଉପରେ ଚଢାଇ ନାଳରୁ ଉଦ୍ଧାର କରିଥିଲା। ବନ କର୍ମଚାରୀଙ୍କ ଉପସ୍ଥିତିରେ ଉଭୟ ମା' ଓ ଛୁଆ ହାତୀ ୫୫ନଂ ଜାତୀୟ ରାଜପଥ ପାରହୋଇ ଜୀବନଖୋଲ ଜଙ୍ଗଲ ଆଡକୁ ଚାଲିଯାଇଥିବା ସଦର ରେଞ୍ଜର ଧରିତ୍ରୀ ସୂତ୍ରୁ ସୂଚନା ଦେଇଛନ୍ତି।

# ଘରେ ପଶିଗଲା ହାଇୱା

**ବଡବିଲ,୫।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଲାଣୀ ଓ ବଡ଼ବିଲରେ ଗୋଟିଏ ଦିନରେ ୪ଟି ଦୁର୍ଘଟଣା ଘଟିଛି। ବଡ଼ବିଲ ଥାନାଞ୍ଚଳରେ ୩ଟି ଦୁର୍ଘଟଣା ଘଟିଥିବାବେଳେ ବଲାଣୀରେ ଗୋଟିଏ ଦୁର୍ଘଟଣା ଘଟିଛି। ତେବେ ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ଉପରେ କୌଣସି ଅଙ୍କୁଶ ଲଗାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ସକାଳୁ ବଲାଣି ଥାନା ଅଧୀନ ଡର୍ବିଠାରେ ଏକ ହାଇୱା ଭାରସାମ୍ୟ ହରାଇ ଗୋପାଳ ମୁଣ୍ଡାଙ୍କ ଘର ଭିତରେ ପଶିଯାଇଥିଲା। ଫଳରେ ସେହି ଘରେ ଶୋଇଥିବା ୩ ଭଉଣୀଭାଇ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବଡ଼ ଭଉଣୀ ରେଶ୍‌ମାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣାରୁ ତାଙ୍କ ମା' ବାପା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଲିସ ପହଞ୍ଚି ହାଇୱାକୁ କ୍ରେନ୍ ସାହାଯ୍ୟରେ ବାହାର କରି ଜବତ କରିଛି। ସେହିପରି ବଡ଼ବିଲ ଥାନା ଅଧୀନ ଟଣ୍ଟୋଠାରେ ଏକ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ବଡ଼ବିଲ ଲେଭଲ୍ କ୍ରସିଂ ନିକଟସ୍ଥ ପିଏଚ୍‌ଡି ରୋଡଠାରେ ଟ୍ରକ ଚାପାରେ ଏକ ସ୍କୁଟି ଭାଙ୍ଗି ଚୁରମାର ହୋଇଯାଇଛି। ବଡ଼ବିଲ- ଭଦ୍ରାସାହି ରାଜ୍ୟ ରାଜପଥରେ ଏକ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେନ୍ଦୁଝର ଜିଲାର ଖଣି ଅଞ୍ଚଳରେ ଦ୍ରୁତ ଗତିରେ ଭାରିଯାନ ଚଳାଚଳ ଯୋଗୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି।

# ମନ୍ତ୍ରୀ, ବିଧାୟକଙ୍କ ନାଁରେ ଏତଲା

**କୋଭିଡ୍ ଆଇନ ଉଲ୍ଲଂଘନ ଅଭିଯୋଗ**

**ପୁରୀ ଅଫିସ, ୫।୧୦:** ସ୍ୱର୍ଗଦ୍ୱାରରେ ରବିବାର ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ କୋଭିଡ୍ ଆଇନ ଉଲ୍ଲଂଘନ କରିଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନା ଏବଂ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ଉଭୟଙ୍କ ନାଁରେ ଭାଜପା ଯୁବମୋର୍ଚ୍ଚା ଏବଂ ଶ୍ରୀଜଗନ୍ନାଥ ସେନା ସମୁଦ୍ରକୂଳ ଥାନାରେ ଏତଲା ଦେଇଛନ୍ତି। ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, କିଛିଦିନ ପୂର୍ବେ ମନ୍ତ୍ରୀ ଦାଶ ଓ ବିଧାୟକ ସାମନ୍ତରାୟ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ମାତ୍ର ଦିବଂଗତ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ବହୁ ଲୋକଙ୍କ ଗହଣରେ ଉଭୟ ଯୋଗଦେଇଥିବାରୁ ସଂକ୍ରମଣ ବ୍ୟାପିବା ସମ୍ଭାବନା ରହିଛି। ଏଣୁ ଉଭୟ ମନ୍ତ୍ରୀ ଓ ବିଧାୟକ କୋଭିଡ୍-୧୯ ଆଇନକୁ ଉଲ୍ଲଂଘନ କରିଥିବାରୁ ସେମାନଙ୍କୁ ଗିରଫ କରାଯାଉ। ଏଥିସହ ପଦପଦବୀ ଓ କ୍ଷମତାର ଦୁରୁପଯୋଗ କରିଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଏତଲା ଦେଇଛୁ। ସେହିପରି ଜୟନ୍ତ ଦାଶଙ୍କ ନେତୃତ୍ୱରେ ଏତଲା ଦେଇଥିବା ଭାଜପା ଯୁବମୋର୍ଚ୍ଚା ବି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହି ଏତଲା ସମ୍ପର୍କରେ ମନ୍ତ୍ରୀ ଦାଶ ଗଣମାଧ୍ୟମକୁ କହିଛନ୍ତି, ଗତମାସ ୧୨ ତାରିଖରେ ସେ କୋଭିଡ୍‌ଟେଷ୍ଟ କରାଇଥିଲେ। ୧୪ ତାରିଖରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେହିଦିନ ସେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୧ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସେ ପଜିଟିଭ ଚିହ୍ନଟ ହେବାର ରବିବାରକୁ ୨୧ ଦିନ ପୂରଣ ହୋଇସାରିଥିଲା। ତେଣୁ ସେ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ହୋଇ କୌଣସି ପ୍ରକାର କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିନାହାନ୍ତି। ଅନ୍ୟ ପକ୍ଷରେ ବିଧାୟକ ସାମନ୍ତରାୟଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।


## CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ
ମାତ୍ର ୩ ଘଣ୍ଟାରେ।
ବିଶ୍ୱପ୍ରସିଦ୍ଧ
ବାବା ଜାଫର ଖାନ



ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣି ଗାରେଡ଼ି, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ।
8791155192
8791159152

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ। 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE
LIMITED SEAT
KIMS, KHANDAGIRI, BBSR
Mob. 8658179869

BHARAT FINANCE
ଆସନ୍ତୁ ମିଳିମିଶି ଆତ୍ମନିର୍ଭର ହବା
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ - ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
WWW.BHARATPRO.IN
EMAIL: ADMIN@BHARATPRO.IN
Pratapgarh, Lalganj, Uttar Pradesh - 230141
9530719557
9530553457

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ



9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରନ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଫ୍ରେଞ୍ଚ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡ ମ୍ୟାଚରେ ସୋମବାର ରିଟର୍ନ ଶଟ୍ ଖେଳିବା ଅବସରରେ ଷ୍ଟିଫାନୋସ ସିତ୍ସିପାସ।

# କ୍ୱିଟୋଭା କ୍ୱାର୍ଟର ଫାଇନାଲରେ

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ପ୍ୟାରିସ୍, ୫।୧୦

ଦୁଇଥର ୱିମ୍ବଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡ ମ୍ୟାଚରେ ସେ ୬-୨, ୬-୪ ସେଟ୍‌ରେ ଝାଙ୍ଗ ଶୁଇଙ୍କୁ ପରାସ୍ତ କରିଛନ୍ତି। ୨୦୧୨ ପରେ ଦୀର୍ଘ ୮ ବର୍ଷ ବ୍ୟବଧାନରେ କ୍ୱିଟୋଭା ଫ୍ରେଞ୍ଚ୍ ଓପନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସେତେବେଳେ ସେ ସେମିଫାଇନାଲରେ ପରାଜିତ ହୋଇଥିଲେ। ୭ମ ସିଡ୍ ଚେକ୍ ରିପବ୍ଲିକର ୩୦ ବର୍ଷୀୟା କ୍ୱିଟୋଭା ପରବର୍ତ୍ତୀ ମ୍ୟାଚରେ ଲୌରା ସିଗ୍‌ମଣ୍ଡଙ୍କୁ ଭେଟିବେ। ଅଣସିଡେଡ ଜର୍ମାନୀର ସିଗ୍‌ମଣ୍ଡ ୭-୫, ୬-୨ ସେଟ୍‌ରେ ପାଉଲା ବାଡୋସାଙ୍କୁ ହରାଇ ପ୍ରଥମଥରପାଇଁ କୌଣସି ବଡ଼ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଫ୍ରେଞ୍ଚ୍ ଓପନ ଅନ୍ତିମ ସପ୍ତାହରେ ପହଞ୍ଚି ଥିବାବେଳେ ପ୍ୟାରିସ ପୋଲିସ ପ୍ରତିଦିନ ୧୦୦୦ ଦର୍ଶକଙ୍କୁ ମ୍ୟାଚ ଦେଖିବାକୁ ଅନୁମତି ଦେଇଛି। ଫଳରେ ଖେଳାଳିମାନେ ଆଶ୍ୱସ୍ତ ହୋଇଛନ୍ତି।



ବିଜୟ ହାସଲ ପରେ ପେଟ୍ରା କ୍ୱିଟୋଭା।

# ଡିମିଟ୍ରୋଭଙ୍କୁ ହରାଇଲେ ସିତ୍ସିପାସ

**ପ୍ୟାରିସ, ୫।୧୦:** ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ୪ର୍ଥ ରାଉଣ୍ଡରେ ଗ୍ରିଗୋର ଡିମିଟ୍ରୋଭଙ୍କୁ ହରାଇ ଦେଇଛନ୍ତି ଷ୍ଟିଫାନୋସ ସିତ୍ସିପାସ। ସୋମବାର ଅନୁଷ୍ଠିତ ମ୍ୟାଚରେ ବୁଲଗେରିଆର ଡିମିଟ୍ରୋଭ୍‌ଙ୍କୁ ୬-୩, ୭-୬(୧୧/୯), ୬-୬ ସେଟ୍‌ରେ ହରାଇ ଦେଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଗ୍ରୀସ୍‌ର ସିତ୍ସିପାସ। ଅନ୍ୟ ଏକ ମ୍ୟାଚରେ ଆନ୍ଦ୍ରେ ରୁବଲେଭ ୬-୭(୪/୭), ୭-୫, ୬-୪, ୭-୬(୭/୩) ସେଟ୍‌ରେ ମର୍ଟନ ଫୁକ୍ସୋଭିକ୍ସଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ରୁବଲେଭ ପ୍ରଥମ ସେଟ୍‌ରେ ଟାଇବ୍ରେକରରେ ହାରି ଯାଇଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ।

ବିଶ୍ୱର ନମ୍ବର ୱାନ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାବାର ପୁରୁଷ ସିଙ୍ଗଲ୍ସର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ସେ ରୁଷିଆର କାରେନ କାଚାନୋଭ୍‌ଙ୍କୁ ୬-୪, ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି।

# ଜୟସ୍ୱାଲ, ଆରୋନ୍ ଖେଳିବା ସମ୍ଭାବନା

ଆବୁଧାବି, ୫।୧୦(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ମୁମ୍ବାଇ ୫ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟ ପାଇ ସାରିଥିବାବେଳେ ରାଜସ୍ଥାନ ୪ ମ୍ୟାଚରୁ ୨ ବିଜୟ ଓ ୨ ପରାଜୟ ଲଭିଛି। ରାଜସ୍ଥାନ ପାଇଁ ଦଳ ଗଠନ ସମୟରେ ଭାରତୀୟ ଖେଳାଳିଙ୍କ ଲାଇନ୍‌ଅପ୍‌କୁ ସଜାଡ଼ିବା ସମୟ ଆସିଛି। ତେଣୁ ମୁମ୍ବାଇ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଚୂଡ଼ାନ୍ତ ଏକାଦଶ ମନୋନୟନ ସମୟରେ ସ୍ଥିର ପ୍ରଦର୍ଶନ ଦେଇପାରି ନ ଥିବା ରିୟାନ ପରାଗ ଓ ଜୟଦେବ ଉନାଡକଟଙ୍କ ଉପରେ ନଜର ରହିବ। ଆଇପିଏଲ ଇତିହାସରେ ସର୍ବାଧିକ ରନ ଚେଜ୍ କରି ରେକର୍ଡର ଅଧିକାରୀ ହୋଇଛି ରାଜସ୍ଥାନ। ଶାରଜା ପରି ଛୋଟ ଗ୍ରାଉଣ୍ଡରେ ଦଳର ବ୍ୟାଟ୍ସମ୍ୟାନମାନେ ଚମକିଥିବାବେଳେ ଦୁବାଇ ଏବଂ ଆବୁଧାବି ପରି ବଡ଼ ଗ୍ରାଉଣ୍ଡରେ ବିଫଳ ହୋଇଛନ୍ତି। ଟୁର୍ନାମେଣ୍ଟରେ ଭଲ ଆରମ୍ଭ କରିଥିଲେ ହେଁ ଗତ ୨ଟି ମ୍ୟାଚରେ ଯୋଜନା ଅନୁସାରେ ଦଳ ଖେଳି ପାରିନାହିଁ। ମାତ୍ର ଏହା ଟି୨୦ ଗେମ୍ ହୋଇଥିବାରୁ ଧୈର୍ଯ୍ୟ ହରାଇ ନାହାନ୍ତି ଅଧିନାୟକ ଷ୍ଟିଭେନ୍ ସ୍ମିଥ୍। ଆଗାମୀ ମ୍ୟାଚରେ ସେ ବ୍ୟକ୍ତିଗତଭାବେ ବଡ଼ ସ୍କୋର କରିବାନେଇ ଆଶାବାଦୀ ଅଛନ୍ତି।

ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଦମ୍‌ଦାର ପ୍ରଦର୍ଶନ କରିବାରେ ସଫଳ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନିକଟରୁ ସୁପର ଓଭରରେ ହାରିବା ପରେ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଯଥାକ୍ରମେ ୪୮ ଓ ୩୪ ରନରେ ପରାସ୍ତ କରିଛି। ଅଧିନାୟକ ରୋହିତ ଶର୍ମା ଚମତ୍କାର ଫର୍ମରେ ଥିବାବେଳେ ଗତ ମ୍ୟାଚରେ କ୍ୱିଣ୍ଟନ ଡିକକ୍ ଟଚ୍‌କୁ ଫେରିଛନ୍ତି। କିରନ ପୋଲାର୍ଡ ସ୍ଥିର ପ୍ରଦର୍ଶନ ଦେଇ ଚାଲିଥିବାବେଳେ ଈଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭଲ ଖେଳୁଛନ୍ତି। ଗତ ମ୍ୟାଚରେ କୃନାଲ ପାଣ୍ଡ୍ୟା ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଯଶପ୍ରୀତ ବୁମ୍‌ରା, ଟ୍ରେଣ୍ଟ ବୋଲ୍ଟ ଓ ଜେମ୍ସ ପ୍ୟାଟିନସନଙ୍କୁ ନେଇ ଦଳର ପେସ୍ ବିଭାଗ ଖୁବ୍ ଶାଣିତ। ତେଣୁ ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କଲାବେଳକୁ ସ୍ଥିତି ନିୟନ୍ତ୍ରଣାଧୀନ ରହୁଛି।

**ରାଜସ୍ଥାନ ଦଳରେ ପରିବର୍ତ୍ତନ ସପକ୍ଷରେ ସ୍ମିଥ୍**

ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଉପଲବ୍ଧ ହେଲେ ରାଜସ୍ଥାନ ଦଳରେ ଅଧିକ ସନ୍ତୁଳନ ଆସିବ। ସେ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି ଏବଂ ଚଳିତମାସ ୧୧ ତାରିଖରୁ ଦଳରେ ଯୋଗଦେବା ଆଶା ରହିଛି। ରୟାଲ୍ସ ବିଫଳତାର ପ୍ରମୁଖ କାରଣ ହେଲା ଜୋସ୍ ବଟଲରଙ୍କ ବିଫଳତା। ସେ ୩ ଗେମ୍‌ରୁ ମାତ୍ର ୪୭ ରନ କରିଛନ୍ତି। ସେହିପରି ଜୟଦେବ ଉନାଡକଟଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହୁଛି। ସେ ୪ ଗେମ୍‌ରେ ୯.୯୭ ଇକୋନୋମି ହାରରେ ମାତ୍ର ୧ ଉଇକେଟ ନେଇଛନ୍ତି। ଯୁବ ଖେଳାଳି ରିୟାନ ପରାଗ ଗତବର୍ଷ ପରି ଖରାପ ଫର୍ମରେ ଚାଲିଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଯୁବ ଓପନର ଯଶସ୍ୱି ଜୟସ୍ୱାଲଙ୍କୁ ଦଳକୁ ଆଣି ସ୍ମିଥ ନିଜେ ମିଡଲ ଅର୍ଡରରେ ବ୍ୟାଟିଂ କରିପାରନ୍ତି। ଦଳରେ କିଛିଟା ପରିବର୍ତ୍ତନ ହେବ ବୋଲି ସେ ସୂଚନା ଦେଇ ସାରିଛନ୍ତି। ଖେଳାଳିଙ୍କ ଫିଟ୍‌ନେସକୁ ଦେଖି ମୁମ୍ବାଇ ବିପକ୍ଷରେ ଶ୍ରେଷ୍ଠ ଏକାଦଶ ଖେଳାଇବାକୁ ଚେଷ୍ଟା କରିବୁ ବୋଲି ସ୍ମିଥ କହିଛନ୍ତି। ଉନାଡକଟ ନିଜ ଦଳରେ ନିଜ ଭୂମିକାକୁ ସମ୍ଭବତଃ ଏପର୍ଯ୍ୟନ୍ତ ବୁଝିପାରି ନାହାନ୍ତି ବୋଲି ମେଣ୍ଟର ଶେନ ୱର୍ନ ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ। ଫଳରେ ଟମ୍ କୁରାନ ଓ ଜୋଫ୍ରା ଆର୍ଚରଙ୍କ ଉପରେ ଅତ୍ୟଧିକ ଚାପ ପଡୁଛି। ତେଣୁ ଆସନ୍ତା ମ୍ୟାଚରେ ଉନାଡକଟ୍‌ଙ୍କ ସ୍ଥାନରେ ଅଭିଜ୍ଞ ବରୁଣ ଆରୋନ କିମ୍ବା ୧୪୦ କିଲୋମିଟର ବେଗରେ ବୋଲିଂ କରିବା ଦକ୍ଷତା ରଖିଥିବା କାର୍ତ୍ତିକ ତ୍ୟାଗୀଙ୍କୁ ସ୍ମିଥ ଦଳରେ ନେଇପାରନ୍ତି।



**ଆଇପିଏଲ୍**
(ମଙ୍ଗଳବାର ମ୍ୟାଚ୍)
ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

ବରୁଣ ଅରୋନ୍

**ମୁମ୍ବାଇ ଇଣ୍ଡିଆନ୍ସ**

ରୋହିତ ଶର୍ମା (ଅଧିନାୟକ), ଶେର୍ଫାନେ ରୁଥରଫୋର୍ଡ, ସୂର୍ଯ୍ୟକୁମାର ଯାଦବ, ଅନମୋଲପ୍ରୀତ ସିଂ, କ୍ରିସ୍ ଲିନ୍, ସୌରଭ ତିୱାରୀ, ଧାୱଲ କୁଲକର୍ନୀ, ଯଶପ୍ରୀତ ବୁମ୍‌ରା, ମିଚେଲ ମ୍ୟାକ୍‌କ୍ଲିନଘାନ, ରାହୁଲ ଚହର, ଟ୍ରେଣ୍ଟ ବୋଲ୍ଟ, ମହସିନ ଖାଁ, ଜେମ୍ସ ପ୍ୟାଟିନସନ, ପ୍ରିନ୍ସ ବଲୱନ୍ତ ରାୟ ସିଂ, ଦିଗ୍‌ବିଜୟ ଦେଶମୁଖ, ହାର୍ଦ୍ଦିକ ପାଣ୍ଡ୍ୟା, ଜୟନ୍ତ ଯାଦବ, କେରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, ଅନୁକୂଳ ରୟ, ନାଥାନ କୁଲ୍ଟର ନୀଲ, ଇଶାନ କିଷନ, କ୍ୱିଣ୍ଟନ ଡି କକ୍, ଆଦିତ୍ୟ ତାରେ।

**ରାଜସ୍ଥାନ ରୟାଲ୍ସ**

ଷ୍ଟିଭ୍ ସ୍ମିଥ(ଅଧିନାୟକ), ମହୀପାଲ ଲାମରୋର, ମନନ ଭୋରା, ରିୟାନ ପରାଗ, ରବିନ ଉଥପ୍ପା, ଡେଭିଡ ମିଲର, ଅଙ୍କିତ ରାଜପୁତ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଶ୍ରେୟାସ ଗୋପାଲ, ବରୁଣ ଆରୋନ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗି, ଆକାଶ ସିଂ, ଓଶାନେ ଥୋମାସ, ଆଣ୍ଡ୍ର୍ୟୁ ଟାଏ, ବେନ୍ ଷ୍ଟୋକ୍ସ, ରାହୁଲ ଟେୱାଟିଆ, ଶଶାଙ୍କ ସିଂ, ଯଶସ୍ୱୀ ଜୟସ୍ୱାଲ, ଅନିରୁଦ୍ଧ ଜୋଶୀ, ଟମ୍ କୁରାନ, ଜୋସ୍ ବଟଲର, ସଞ୍ଜୁ ସାମସନ, ଅନୁଜ ରାୱତ।

# କ୍ୱାରାଣ୍ଟାଇନ୍‌ରେ ରହିବେ, ପୂଜାରା, ହନୁମା, କୋଚିଂ ଷ୍ଟାଫ୍

ନୂଆଦିଲ୍ଲୀ, ୫।୧୦ (ପି.ଟି.)

ଆଇପିଏଲ୍ ଶେଷ ପରେ ଅଷ୍ଟ୍ରେଲିଆ ପ୍ରସ୍ଥାନ ପୂର୍ବରୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା, ହନୁମାବିହାରୀ ଏବଂ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ନେତୃତ୍ୱାଧୀନ ସପୋର୍ଟ ଷ୍ଟାଫ୍‌ଙ୍କୁ ଦୁବାଇରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ସିରିଜ୍‌ରେ ଖେଳାଯିବାକୁଥିବା ସମସ୍ତ ଫର୍ମାଟକୁ ଲକ୍ଷ୍ୟ ରଖି ଅଷ୍ଟ୍ରେଲିଆକୁ ଭାରତ ୨୩ରୁ ୨୫ ଜଣ ଖେଳାଳି ପଠାଇବ। କୋଭିଡ୍-୧୯ ମହାମାରୀ ଯୋଗୁ ବାୟୋ-ବବଲ୍ ପରିବେଶ ମଧ୍ୟରେ ସିରିଜ ଖେଳାଯିବ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଗୋଟିଏ ବାୟୋ-ବବଲରୁ ଦଳକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଚେଷ୍ଟା ହେଉଛି। ନିୟମରେ କୋହଳ ନ ହେଲେ ଅଷ୍ଟ୍ରେଲିଆରେ ଖେଳାଳିମାନଙ୍କୁ ଆହୁରି ଦୁଇ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। କୋଚିଂ ଷ୍ଟାଫ୍ ଏବଂ ଅଣ ଆଇପିଏଲ୍ ଖେଳାଳିଙ୍କୁ ଅନ୍ୟ ଏକ ବିମାନରେ ସିଧାସଳଖ ଅଷ୍ଟ୍ରେଲିଆ ପଠାଇବା ଲାଗି ଏକ ଯୋଜନା ବିଚାରାଧୀନ ରହିଛି। ଅନ୍ୟ ଏକ ଯୋଜନା ହେଲା ଦୁବାଇରୁ ଏକ ଚାର୍ଟାର୍ଡ ବିମାନ ଯୋଗେ ସମଗ୍ର ଟିମ୍‌କୁ ପଠାଇବା। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଦୁଇ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା, ହାନୁମା ବିହାରୀ, କୋଚିଂ ଷ୍ଟାଫ୍ ରବି ଶାସ୍ତ୍ରୀ, ଭରତ ଅରୁଣ, ବିକ୍ରମ ରାଠୋର ଏବଂ ଆର. ଶ୍ରୀଧର ପ୍ରମୁଖଙ୍କୁ ଚଳିତ ମାସ ଶେଷରେ ଦୁବାଇରେ ପହଞ୍ଚିବାକୁ ପଡ଼ିବ। ସମସ୍ତଙ୍କୁ ସେଠାରେ ୬ ଦିନ ଧରି କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ।

# ବର୍ଷକୁ ଦୁଇଥର କୋଚ୍‌ଙ୍କ ଫିଟ୍‌ନେସ୍ ଟେଷ୍ଟ

**ନୂଆଦିଲ୍ଲୀ, ୫।୧୦ (ପି.ଟି.):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଫିଟ୍‌ନେସ୍ ଉପରେ ଗୁରୁତ୍ୱାରୋପ କରିଛି। ବର୍ଷକୁ ଦୁଇଥର ଫିଟ୍‌ନେସ୍ ଟେଷ୍ଟ କରାଇବା ଲାଗି ଏହାର ସମସ୍ତ କୋଚ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛି। କୋଚ୍‌ମାନଙ୍କୁ ଟେଷ୍ଟ ରେକର୍ଡ ସେମାନଙ୍କ ବ୍ୟକ୍ତିଗତ ଫାଇଲ୍‌ରେ ସାଇତି ରଖିବା ଲାଗି ମଧ୍ୟ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ସେପ୍ଟେମ୍ବର ୨୪ରେ ଏଜ୍ ଆପ୍ରୋପ୍ରିଏଟ୍ ଫିଟ୍‌ନେସ୍ ପ୍ରୋଟୋକଲ୍ ପ୍ରଚଳନ କରିଛନ୍ତି। ଏହାକୁ ଭିତ୍ତି କରି ଫିଟ୍‌ନେସ୍ ଟେଷ୍ଟ ଗାଇଡ୍ ଲାଇନ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଫିଟ୍‌ନେସ୍ ପ୍ରୋଟୋକଲର ଅଂଶବିଶେଷ ସ୍ୱରୂପ ସମସ୍ତ କୋଚ୍‌ଙ୍କୁ ବଡି କମ୍ପୋଜିଶନ ଟେଷ୍ଟ (ବିଏମ୍‌ଆଇ), ବାଲାନ୍ସ ଟେଷ୍ଟ-ଫ୍ଲେମିଙ୍ଗୋ ବାଲାନ୍ସ ବୃକ୍ଷାସନ (ଟ୍ରି-ପୋଜ୍), ମସ୍କୁଲାର ଷ୍ଟ୍ରେନ୍ଥ-ଆବ୍‌ଡୋମିନାଲ/କୋର୍ ଷ୍ଟ୍ରେନ୍ଥ (ପାର୍ସିଆଲ କର୍ଲ-ଅପ୍) ଓ ନୌକାସନ (ବୋଟ୍ ପୋଜ୍), ମସ୍କୁଲାର ଏଣ୍ଡୁରାନ୍ସ ଟେଷ୍ଟ (ବାଳକ/ପୁରୁଷ ପାଇଁ ପୁସ୍-ଅପ୍ସ, ବାଳିକା/ମହିଳାଙ୍କ ପାଇଁ ମଡିଫାଏ୍ଡ ପୁସ୍ ଅପ୍ସ ଓ ଉଭୟ ବର୍ଗଙ୍କ ପାଇଁ ସିଡ୍ ଅପ୍ସ, ଫ୍ଲେକ୍ସିବିଲିଟି ଟେଷ୍ଟ-ଭି ସିଟ୍ ରିଚ୍ ଟେଷ୍ଟ ଏବଂ ଏରୋବିକ୍/ କାର୍ଡିଓ-ଭସ୍କୁଲାର ଫିଟ୍‌ନେସ୍ ଟେଷ୍ଟ-୨.୪ କିମି ୱାକ୍/ରନ୍‌ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ।

# ଆଇପିଏଲ୍‌ରୁ ଅମିତ, ଭୁବନେଶ୍ୱର ବାହାର



ଭୁବନେଶ୍ୱର କୁମାର



ଅମିତ୍ ମିଶ୍ରା

ଦୁବାଇ, ୫।୧୦ (ପି.ଟି.)

ଦିଲ୍ଲୀ କ୍ୟାପିଟାଲ୍ସର ସିନିୟର ଲେଗ୍ ସ୍ପିନର ଅମିତ ମିଶ୍ରା ଓ ସନରାଇଜର୍ସ ହାଇଦ୍ରାବାଦର ସିନିୟର ପେସ୍ ବୋଲର ଭୁବନେଶ୍ୱର କୁମାର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ବାହାର ହୋଇଯାଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ମ୍ୟାଚରେ ଅନାମିକା ଅଙ୍ଗୁଳି ହାଡ଼ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ଜଙ୍ଘ ମାଂସପେଶୀରେ ଆଘାତ ଲାଗିଛି। ସେ କେବଳ ଅବଶିଷ୍ଟ ଆଇପିଏଲ୍ ନୁହେଁ ଅଷ୍ଟ୍ରେଲିଆ ଟୁର୍‌ରୁ ମଧ୍ୟ ବାଦ୍ ପଡ଼ିବା ସମ୍ଭାବନା ରହିଛି। ଅକ୍ଟୋବର ୩ରେ ଅନୁଷ୍ଠିତ ମ୍ୟାଚ୍‌ରେ ୩୭ ବର୍ଷୀୟ ଅମିତ୍ କେକେଆର୍ ବ୍ୟାଟ୍ସମ୍ୟାନ ନୀତିଶ ରାଣାଙ୍କ ଏକ ଲୋ କ୍ୟାଚ୍ ଧରିବାକୁ ଯାଇ ଆଘାତପ୍ରାପ୍ତ ହୋଇଥିଲେ। ସେ ଯନ୍ତ୍ରଣା ଅନୁଭବ କରିଥିଲେ ମଧ ପରବର୍ତ୍ତୀ ଦୁଇ ଓଭର ସେ ଭଲ ବୋଲିଂ କରିପାରିଥିଲେ। ବିପଜ୍ଜନକ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍‌ଙ୍କୁ ଆଉଟ କରିଥିଲେ। ମାତ୍ର ପରେ ଜଣାପଡ଼ିଥିଲା ଯେ, ତାଙ୍କ ଅନାମିକା ଅଙ୍ଗୁଳି ହାଡ଼ ଭାଙ୍ଗିଯାଇଛି। ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ କରିଥିବା ରଣକୌଶଳର ସେ ଅଂଶ ବିଶେଷ ଥିଲେ। ଅବଶିଷ୍ଟ ଟୁର୍ନାମେଣ୍ଟରୁ ସେ ବାହାର ହେବା ଦ୍ୱାରା ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଅମିତ୍ ଖୁବ୍ ଶୀଘ୍ର ଭାରତ ଫେରିଯାଇ ସେଠାରେ ଆବଶ୍ୟକ ଚିକିତ୍ସା କରାଇବେ। ଅକ୍ଟୋବର ୨ରେ ଚେନ୍ନାଇ ସୁପର କିଙ୍ଗ୍ସର ୧୯ତମ ଓଭର ବୋଲିଂ କରୁଥିବାବେଳେ ଆଘାତପ୍ରାପ୍ତ ହୋଇଥିଲେ ଏବଂ ପଡ଼ିଆ ବାହାରକୁ ଚାଲି ଆସିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ ଅଫିସିଆଲଙ୍କ କହିବା ଅନୁସାରେ ସମ୍ଭବତଃ ଭୁବନେଶ୍ୱର କୁମାରଙ୍କୁ ଗ୍ରେଡ୍-୨ କିମ୍ବା ଗ୍ରେଡ୍-୩ ଇଞ୍ଜୁରି ହୋଇଛି। ଅତି କମ୍‌ରେ ସେ ୬ରୁ ୮ ସପ୍ତାହ ଖେଳି ପାରିବେ ନାହିଁ।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ସୁଶୀଲ କୁମାର ମୋରିସ୍ ବାରା
AGM (F), OMC, BBSR
Flat No-C/101, Lake View
Home, Madhusudan Nagar
ଆବିର୍ଭାବ: ୨୪।୧୦।୧୯୬୧
ତିରୋଧାନ: ୨୭।୦୯।୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ସାରା ଜୀବନ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଯିଶୁଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଦୁଇ ଝିଅ, ସ୍ତ୍ରୀ ଓ ପରିବାରବର୍ଗ।
ଧ-୧୮୪୯୬

**ଶ୍ରଦ୍ଧାଞ୍ଜଳି**
**ଦଶାହ ଉପଲକ୍ଷେ**



୰ ନୀଳକଣ୍ଠ ମହାପାତ୍ର
ମଧୁସୂଦନ ନଗର, ତାଳବଣିଆ, ପୁରୀ
ଆବିର୍ଭାବ : ୦୮.୦୨.୧୯୪୩
ତିରୋଧାନ : ୨୭.୦୯.୨୦୨୦
ଦଶାହ ଅବସରରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ହତଭାଗିନୀ ସ୍ତ୍ରୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଶୋକସନ୍ତପ୍ତ ପରିବାର ବର୍ଗ
ଧ-୧୮୪୮୨

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରଙ୍ଗାଧର ଶତପଥୀ
ପୂର୍ବତନ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ବିଭାଗ
ଆବିର୍ଭାବ: ୦୪।୦୭।୧୯୨୮
ତିରୋଧାନ: ୨୫।୦୯।୨୦୨୦
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୬୯୪୪୮

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ଶ୍ରୀନିବାସ ମହାନ୍ତି
ବଳଗଣ୍ଡି ଛକ, ପୁରୀ
ଆବିର୍ଭାବ: ୧୮।୦୨।୧୯୪୮
ତିରୋଧାନ: ୨୭।୦୯।୨୦୨୦
ଆମ ହୃଦୟର ପ୍ରତିଟି ସ୍ପନ୍ଦନ ଆମ ବଞ୍ଚିବାର ଏକମାତ୍ର କାରଣ। ଆମ ସଫଳତାର ପ୍ରତିଟି ମୁହୂର୍ତ୍ତର ଆନନ୍ଦ ଅଟନ୍ତି ଆମ ବାବା। ପରୋପକାର, ମିଷ୍ଟଭାଷୀ, ସର୍ବଦା କାର୍ଯ୍ୟଶୀଳ ଜୀବନ ଯୁଦ୍ଧରେ ସଂଗ୍ରାମ କରି ନିଜକୁ ସମ୍ପୂର୍ଣ୍ଣ ମଣିଷଟିଏ କରି ଗଢିତୋଳିଥିବା ଦୃଷ୍ଟାନ୍ତ ଅଟନ୍ତି ଆମ ବାବା। ସେ ଆଜି ଆମମାନଙ୍କୁ ଛାଡ଼ି ବହୁତ ଦୂରକୁ ଚାଲିଯାଇଛନ୍ତି, କିନ୍ତୁ ତାଙ୍କର ପିଲାମାନଙ୍କର ପ୍ରତିଟି ମୁହୂର୍ତ୍ତରେ ଜୀବିତ ଥିବେ ଆମ ବାବା। ମୋ ବାବାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ ଏହା ବନ୍ଧୁପରିଜନ, ପରିବାରବର୍ଗ ଓ ପିଲାମାନଙ୍କର ମହାପ୍ରଭୁଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୮୮୪୦

# ପିଲାଙ୍କୁ ଶୁଣାନ୍ତୁ ଗପ

ଆଜିକାଲି ଡିଜିଟାଲ ଯୁଗରେ ପିଲାମାନେ ଅଧିକାଂଶ ସମୟ ଫୋନ୍, ଟିଭି, କମ୍ପ୍ୟୁଟର ଆଗରେ କଟାଉଛନ୍ତି। ଏସବୁର ଭଲ ପ୍ରଭାବ ସହିତ କୁପ୍ରଭାବ ବି ରହିଛି। ତେଣୁ ପିଲାଙ୍କୁ ନିଜେ ଗପ ଶୁଣାଇବାର ଅଭ୍ୟାସ କରନ୍ତୁ । ଫଳରେ ପିଲା ସହିତ ଆପଣଙ୍କର ସମ୍ପର୍କ ଅଧିକ ନିବିଡ଼ ହେବା ସହ ଗପ ମାଧ୍ୟମରେ ପିଲା ବି ଅନେକ କଥା ଶିଖିପାରିବ।



➡ଗପ ଶୁଣାଇବା ଦ୍ୱାରା ପିଲାମାନେ ଉଦାହରଣ ମାଧ୍ୟମରେ ବହୁତ କିଛି ଶିକ୍ଷା କରନ୍ତି ଏବଂ ସେମାନଙ୍କ ଗୁଣ ଓ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ ।

➡ଗପ ଶୁଣିବା ଫଳରେ ପିଲାଙ୍କର ଲାଙ୍ଗୁଏଜ୍ ସ୍କିଲ୍ ବା ଭାଷା ଜ୍ଞାନର ବିକାଶ ହୋଇଥାଏ। ଯେଉଁ ଭାଷାରେ ପିଲାମାନେ ଗପ ଶୁଣିବେ ସେହି ଭାଷାକୁ ସେମାନେ ସହଜରେ ବୁଝି ପାରିବେ।

➡ଗପ ଶୁଣିବା ଫଳରେ ପିଲାଙ୍କର ଭୋକାବୁଲାରୀ ଅର୍ଥାତ୍ ଶବ୍ଦ ଜାଣିବାର କ୍ଷମତା ବି ବୃଦ୍ଧି ପାଇଥାଏ। ଶବ୍ଦକୁ ପଢ଼ି ମନେରଖିବା ବଦଳରେ ଗପ ମାଧ୍ୟମରେ ଶୁଣିବା ଫଳରେ ସେମାନେ ସହଜରେ ମନେ ରଖିଥାନ୍ତି।

➡ପିଲାମାନଙ୍କ ପକ୍ଷେ ବଡ଼ି ଲାଙ୍ଗୁଏଜ୍ ଜାଣିବା ପାଇଁ ବି ଗପ ସହାୟକ ହୋଇଥାଏ। ଖରାପ, ଭଲ କିମ୍ବା ପ୍ରତିକ୍ରିୟା ପ୍ରକାଶ କରିବା ଶୈଳୀକୁ ମଧ ପିଲାମାନେ ଗପ ଶୁଣିବା ଦ୍ୱାରା ଶିଖିଥାନ୍ତି।

➡କୌଣସି ଘଟଣାରେ ମୁହଁର ଭାବକୁ ଦେଖି ସହଜରେ ବୁଝିପାରିବା ଏତେ ସହଜ ନୁହେଁ। କିନ୍ତୁ ବିଭିନ୍ନ ପ୍ରକାରର କାହାଣୀ ଶୁଣିବା ପରେ ପିଲାଙ୍କ ମଧ୍ୟରେ ଏହି କ୍ଷମତା ବି ବିକଶିତ ହୋଇଥାଏ।

➡ପିଲାମାନେ ସବୁବେଳେ ଗପ ଶୁଣିବା ଫଳରେ ସେମାନଙ୍କର କହିବା ଶକ୍ତି ବି ବୃଦ୍ଧି ପାଇଥାଏ। ତେଣୁ ସେମାନଙ୍କର କମ୍ୟୁନିକେସନ୍ ସ୍କିଲ୍ ବା ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବା କ୍ଷମତା ବୃଦ୍ଧି ପାଇଥାଏ। ଭବିଷ୍ୟତରେ ଏହି ଗୁଣ ସେମାନଙ୍କୁ ସାହାଯ୍ୟ କରିଥାଏ।

➡ସବୁଦିନ ଭିନ୍ନ ଭିନ୍ନ ପ୍ରକାରର ଗପ ଶୁଣିବା ଫଳରେ ପିଲାଙ୍କର ଭଲ ଗୁଣର ଅଧିକ ବିକାଶ ହୋଇଥାଏ। କାହାଣୀ ମାଧ୍ୟମରେ ପିଲାଙ୍କୁ ବିଭିନ୍ନ କଥାର ଉଦାହରଣ ଦେଇ ବହୁତ କିଛି ଶିକ୍ଷା ଦିଆଯାଇପାରେ।



# କୋମଳ ତ୍ୱଚା ପାଇଁ...

ତ୍ୱଚାର ଯତ୍ନ ପ୍ରତି ଅନେକେ ସଚେତନ ନ ଥାନ୍ତି। କେତେଜଣ ଅଛନ୍ତି ତ୍ୱଚାର ଯତ୍ନ ତ ନେଇ ନ ଥାନ୍ତି ବରଂ ଅଜାଣତରେ ଏଭଳି କିଛି ଭୁଲ୍ କାମ କରିଥାନ୍ତି, ଯାହା ସେମାନଙ୍କ ତ୍ୱଚା ଉପରେ ବିପରୀତ ପ୍ରଭାବ ପକାଇଥାଏ। ତେଣୁ ତ୍ୱଚାର ଯତ୍ନ ସମ୍ବନ୍ଧୀୟ ଭୁଲ୍ ଆଦୌ କରନ୍ତୁ ନାହିଁ..

**ଡିହାଇଡ୍ରେସନ୍:** ଡିହାଇଡ୍ରେସନ୍‌ର ସିଧାସଳଖ ପ୍ରଭାବ ତ୍ୱଚା ଉପରେ ପଡ଼ିଥାଏ। ଗ୍ଲୋଇଂ ସ୍କିନ୍ ପାଇବା ପାଇଁ ପ୍ରଚୁର ପାଣି ପିଇବା ଆବଶ୍ୟକ। ସୁସ୍ଥ ତ୍ୱଚା ପାଇଁ ଅତି କମରେ ୮ ରୁ ୧୦ ଗ୍ଲାସ ପାଣି ପିଅନ୍ତୁ।

**ସନ୍‌ସ୍କିନ୍ ଲୋସନ୍ :** କେତେଜଣ ଅଛନ୍ତି ନିୟମିତ ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରି ନ ଥାନ୍ତି। ଏପରି କରିବା ଆଦୌ ଠିକ୍ ନୁହେଁ। ବାହାରକୁ ବାହାରିବା ପୂର୍ବରୁ ସନ୍‌ସ୍କିନ୍ ଲୋସନ୍ ଓ କ୍ରିମ୍ ଆଦି ନିଶ୍ଚୟ ଲଗାନ୍ତୁ। ଫଳରେ ତ୍ୱଚାରେ କୁଞ୍ଚନ, ଶୁଷ୍କତା, ଦାଗ ଭଳି ସମସ୍ୟା ଦେଖା ଦେବ ନାହିଁ।

**ଓଭର କ୍ଲିଜିଂ:** କ୍ଲିଜିଂ କରିବା ତ୍ୱଚା ନିମନ୍ତେ ଆବଶ୍ୟକ କିନ୍ତୁ ଆବଶ୍ୟକତାଠାରୁ ଅଧିକ ଥର କ୍ଲିଜିଂ କରିବା ଫଳରେ ତ୍ୱଚାରେ ଥିବା କୋମଳତା ନଷ୍ଟ ହୋଇଯାଏ ଓ ତ୍ୱଚା ଅଧିକ ଶୁଷ୍କ ହୋଇଯାଏ। ତେଣୁ ସ୍କିନ୍‌କେୟାର ରୁଟିନ୍ ଅନୁସାରେ କ୍ଲିଜିଂ କରନ୍ତୁ ଏବଂ ସବୁବେଳେ ସଫ୍ଟ କ୍ଲିଜିଂ ବ୍ୟବହାର କରନ୍ତୁ।

**ଅନିଦ୍ରା:** ତ୍ୱଚାର ସୁନ୍ଦରତା ନିମନ୍ତେ ଠିକ୍ ପରିମାଣର ନିଦ ନିହାତି ଆବଶ୍ୟକ। ଶରୀରର ଅନ୍ୟ ସମସ୍ତ ଅଂଶ ପାଇଁ ନିଦ ଯେଉଁଭଳି ଆବଶ୍ୟକ ସେହି ଅନୁରୂପ ତ୍ୱଚା ପାଇଁ ମଧ ଆବଶ୍ୟକ। ତ୍ୱଚାରେ ବ୍ରଣ ଓ କୁଞ୍ଚନ ଭଳି ସମସ୍ୟାରୁ ମୁକ୍ତି ନିମନ୍ତେ ଠିକ୍ ପରିମାଣର ଶୁଅନ୍ତୁ।

**ଫୋନ୍ କମ୍ପ୍ୟୁଟର ସ୍କ୍ରିନ୍ :** ଆଜିକାଲି ଲାଇଫ୍‌ଷ୍ଟାଇଲ୍‌ରେ କେତେଜଣଙ୍କୁ ସାରାଦିନ ଫୋନ୍ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍ ଆଗରେ ବସି ରହିବାକୁ ପଡୁଛି। ଏହାର ସିଧାସଳଖ ପ୍ରଭାବ ଆଖି ଉପରେ ପଡ଼ିଥାଏ ଓ ତ୍ୱଚା ମଧ୍ୟ ଖରାପ ହୋଇଥାଏ। ତେଣୁ ସ୍କିନ୍ ଏଜିଂ ସମସ୍ୟାରୁ ଦୂରେଇବାକୁ ଚାହୁଁଥିଲେ ଯଥାସମ୍ଭବ କମ୍ ସମୟ ଏସବୁ ବ୍ୟବହାର କରନ୍ତୁ।

# ସିଲ୍କ ଶାଢ଼ି ଫ୍ୟାଶନ

କୁହାଯାଏ ବାର ହାତର ବିସ୍ମୟ ହେଉଛି ଶାଢ଼ି। ଆଧୁନିକ ଲାଇଫ୍ ଷ୍ଟାଇଲ୍‌ରେ ବି ଏହାର ସ୍ୱତନ୍ତ୍ର ଚାହିଦା ରହିଛି। ଦେଶ ବିଦେଶରେ ଭାରତୀୟ ଶାଢ଼ିର ରହିଛି ନିଆରା ଷ୍ଟାଇଲ୍ । ତେବେ ଶାଢ଼ି ମଧ୍ୟରେ ପାଟ ବା ସିଲ୍କ ଶାଢ଼ି ସବୁଠୁ ଆକର୍ଷଣୀୟ। ଏହା ଦେଖିବାକୁ ଯେମିତି ଅନ୍ୟ ଶାଢ଼ିଠାରୁ ଭିନ୍ନ ସେମିତି ଏହାର ସଫାସୁତୁରା ଯତ୍ନ କରିବା ଶୈଳୀ ବି ନିଆରା...



ବିଶେଷ ଅବସରରେ ନାରୀମାନେ ସାଧାରଣତଃ ପିନ୍ଧନ୍ତି ପାଟ ଶାଢ଼ି। ବିବାହ, ବ୍ରତ କିମ୍ବା ଅନ୍ୟ ପାର୍ବିରେ ଯୋଗ ଦେବାକୁ ଥିଲେ ସାଧାରଣତଃ ପାଟ ଶାଢ଼ି ହିଁ ପିନ୍ଧନ୍ତି। ପାଟଶାଢ଼ି ମହିଳାଙ୍କୁ ଅଧିକ ଆକର୍ଷଣୀୟ କରିଥାଏ। ତେଣୁ ଖାସ୍ ଏଥେନିକ୍ ଲୁକ୍ ଦେବା ପାଇଁ ନାରୀମାନେ ପାଟ ଶାଢ଼ି ପରିଧାନ କରିଥାନ୍ତି। ତେବେ ଫ୍ୟାଶନ୍ ଦୁନିଆରେ ସବୁ ବୟସର ମହିଳା ପାଟ ଶାଢ଼ି ପିନ୍ଧିପାରିବେ। ଖାଲି ନାରୀମାନେ ନୁହନ୍ତି ଆମ ଠାକୁର ବି ପିନ୍ଧନ୍ତି ପାଟ ଶାଢି। ଜଗତର ନାଥ ଜଗନ୍ନାଥଙ୍କର ପ୍ରିୟ ପରିଧାନ ହେଉଛି ଖଣ୍ଡୁଆ ପାଟ। ଓଡ଼ିଶା ଭଳି ଦେଶର ବିଭିନ୍ନ ସ୍ଥାନରେ ଠାକୁରଙ୍କୁ ସେହି ଅଞ୍ଚଳର ସ୍ୱତନ୍ତ୍ର ପାଟ ଶାଢି ଅର୍ପଣ କରାଯାଇଥାଏ।

**ବ୍ୟକ୍ତିତ୍ୱ ବଢ଼ାଏ:** ଆଜି ବି ଫ୍ୟାଶନ୍ ଦୁନିଆରେ ପାଟ ଶାଢ଼ିର ସ୍ୱତନ୍ତ୍ର ଚାହିଦା ରହିଛି। କାରଣ ଏହା ସବୁଠୁ ଅଧିକ ଦାମୀ ଶାଢ଼ିଭାବେ ଗଣାଯାଏ। ତେଣୁ ପାଟ ଶାଢ଼ି ପିନ୍ଧିଥିବା ମହିଳାଙ୍କୁ ବି ଫ୍ୟାଶନ ଦୁନିଆରେ ସ୍ୱତନ୍ତ୍ର ଭାବରେ ଗ୍ରହଣ କରାଯାଇଥାଏ। ଏହି ଦୃଷ୍ଟିରୁ ଅନେକ ଉତ୍ସବରେ ନାରୀଟିଏ ପାଟ ଶାଢ଼ି ପିନ୍ଧି ତା'ର ବ୍ୟକ୍ତିତ୍ୱ ବଢ଼ାଇଥାଏ। ସେଥିପାଇଁ ବଲିଉଡ୍‌ର ଅଧିକାଂଶ ଅଭିନେତ୍ରୀ ବିବାହ ଭଳି ସ୍ୱତନ୍ତ୍ର ଉତ୍ସବରେ ପାଟ ଶାଢ଼ି ପିନ୍ଧି ଚର୍ଚ୍ଚିତ ହୋଇଛନ୍ତି।

**ସବୁବେଳେ ଫ୍ୟାଶନରେ:** ଶାଢ଼ିକୁ ଅନେକ କହନ୍ତି ବାର ହାତର ବିସ୍ମୟ। ପୂର୍ବକାଳରୁ ଏହାକୁ ନାରୀମାନେ ପିନ୍ଧୁଥିଲେ ଏବଂ ଏବେ ବି ଫ୍ୟାଶନ ଜଗତରେ ଏହାର ଚାହିଦା ଆଦୌ କମ୍ ହୋଇନି। ଏମିତି କି ଅନେକ ଦିନର ପାଟ ଶାଢ଼ି ଆଜି ବି ଫ୍ୟାଶନ ଟ୍ରେଣ୍ଡରେ ରହିଛି। ଅବଶ୍ୟ ପାଟ ଶାଢ଼ିର ଡିଜାଇନ୍‌ରେ କିଛିଟା ପରିବର୍ତ୍ତନ ହୋଇଛି, କିନ୍ତୁ ଫ୍ୟାଶନ୍ ଜଗତରେ ଏହା ପ୍ରଥମ ପସନ୍ଦ ହୋଇପାରିଛି।

**ଅସଲି ନକଲି:** ପାଟ ଶାଢ଼ି ସାଧାରଣତଃ ବିଭିନ୍ନ ପ୍ରକାରର ରହିଛି। ଓଡ଼ିଶାର ସମ୍ବଲପୁରୀ ପାଟ, କାଞ୍ଜିବରମ, ବୋମକାଇ, ବାନ୍ଧ ଶାଢ଼ି, କୋଟପାଡ଼, ପଶାପାଲି, ଖଣ୍ଡୁଆ, ହବଶପୁରୀ ଆଦି ବିଭିନ୍ନ ପ୍ରକାରର ପାଟ ଶାଢ଼ି ସାରା ଦେଶରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। କିନ୍ତୁ ବଜାରରେ ବେଳେବେଳେ ସବୁ ପ୍ରକାର ପାଟ ଶାଢ଼ିର ନକଲି ଶାଢ଼ି କମ୍ ଦାମରେ ମିଳିଥାଏ। ତେଣୁ ପାଟ ଶାଢ଼ି କିଣିବା ପୂର୍ବରୁ ନକଲି ଓ ଅସଲି ପାଟ ସମ୍ପର୍କରେ ଭଲ ଭାବରେ ଜାଣି ରଖିବା ଉଚିତ୍। ପାଟ ଶାଢ଼ିକୁ ହାତରେ ଧରିବା ପରେ ତା'ର ଉଜ୍ଜ୍ୱଳତା, ରଙ୍ଗ ଆଉ କ୍ୱାଲିଟିର ଫରକକୁ ଜାଣିହେବ। କାରଣ ପାଟ ଶାଢ଼ିଗୁଡ଼ିକର ଏକ ସ୍ୱତନ୍ତ୍ର ଡିଜାଇନ୍ ଓ ପ୍ୟାଟର୍ନ ରହିଥାଏ। ତେଣୁ ପାଟ ଶାଢ଼ିର, ଚମକ, ରଙ୍ଗ, କ୍ୱାଲିଟି ଓ ଓଜନ ସବୁକିଛି ଭିନ୍ନ ହୋଇଥାଏ। ଏସବୁକୁ ଲକ୍ଷ୍ୟ କରି ହିଁ ଶାଢ଼ି କିଣିବା ଆବଶ୍ୟକ।

## ଲୋଡ଼ା ଅଧିକ ଯତ୍ନ

ସାଧାରଣତଃ ଅନ୍ୟ ସବୁ ଶାଢି ତୁଳନାରେ ପାଟ ଶାଢ଼ିକୁ ଅଧିକ ଯତ୍ନରେ ରଖିବାକୁ ହୁଏ। ଅନ୍ୟ ଶାଢ଼ି ଭଳି ଏହାକୁ ସଫା କରାଯାଏନି କି ସବୁ ସମୟରେ ପିନ୍ଧାଯାଏନି। ସେଥିପାଇଁ ଏହାର ବିଶେଷ ଭାବରେ ଯତ୍ନ ନେବାକୁ ହୋଇଥାଏ। ପାଟ ଶାଢିକୁ ଏବେ ସମସ୍ତେ ଡ୍ରାଏ ୱାଶ୍ କରି ରଖୁଛନ୍ତି। ଆଗ କାଳରେ ଏହି ସୁବିଧା ନ ଥିବାରୁ ଲୋକେ ପାଟ ଶାଢ଼ିକୁ ରିଠା ଫଳରେ ସ୍ୱତନ୍ତ୍ର ଭାବରେ ସଫା କରି ସୁରକ୍ଷିତ ରଖୁଥିଲେ। ଖାଲି ସେତିକି ନୁହେଁ ପାଟ ଶାଢ଼ି ବେଶି ଦିନ ରହିଲେ ଯେପରି ଖରାପ ହୋଇ ନ ଯାଏ ସେଥିପାଇଁ ଏହାକୁ ମଝିରେ ମଝିରେ ଖରାରେ ଶୁଖାଇ ରଖାଯାଏ। ଆଗକାଳର ମହିଳାମାନେ ବିଶେଷ କରି ଭାଦ୍ରବ ମାସରେ ଶାଢ଼ିକୁ ଖରା ଦେଇ ରଖନ୍ତି। ଏପରି କରିବା ଫଳରେ ଶାଢ଼ି ଅନେକ ବର୍ଷ ସୁରକ୍ଷିତ ହୋଇ ରହେ। ଆଜିକାଲି ମଧ୍ୟ ପାଟ ଶାଢିର ଯତ୍ନ ନେବା ପାଇଁ ବହୁ ପ୍ରକାରର ସୁବିଧା ଉପଲବ୍ଧ ହେଲାଣି। ଡ୍ରାଏ ୱାଶ୍‌ଠାରୁ ଆରମ୍ଭ କରି କର୍ପୂର ପକାଇ ରଖିବା ଭଳି ବିଭିନ୍ନ ଉପାୟରେ ଶାଢିକୁ ସାଇତି ଅଧିକ ଦିନ ରଖି ହେଉଛି।

## ଏମାନେ ଯାହା କୁହନ୍ତି



**ଶାଢ଼ିକୁ ଖୋଲି ପୁଣି ଭାଙ୍ଗି ରଖେ:** ପାଟ ଶାଢ଼ି ପିନ୍ଧିବାର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଛି। ସେଥିପାଇଁ ମୁଁ ଅଧିକାଂଶ ସମୟରେ ପାଟ ଶାଢ଼ି ହିଁ ପିନ୍ଧିଥାଏ। ଏହି ଶାଢ଼ି ପିନ୍ଧିଲେ ଯେମିତି ଏକ ଭିନ୍ନ ଅନୁଭବ ହୋଇଥାଏ। ଅବଶ୍ୟ ପାଟ ଶାଢ଼ିକୁ ଥରେ କି ଦୁଇ ଥର ପିନ୍ଧି ମୁଁ ସଫା କରେନି। ଦୁଇ ଚାରି ଥର ପିନ୍ଧିବା ପରେ ଯଦି ମଇଳା ହୋଇଥାଏ ତେବେ ଡ୍ରାଏ ୱାଶ୍ କରିନିଏ। ଆଉ ଯଦି ବେଶି ଦିନ କୌଣସି ଶାଢ଼ି ପିନ୍ଧା ହୋଇ ନ ଥାଏ ତେବେ ତାକୁ ସେମିତି ଖାଲିରେ ଥରେ ଘରେ ପିନ୍ଧି ଦେଇ ପୁଣି ଥରେ ଭାଙ୍ଗିକି ରଖିଦିଏ। ଫଳରେ ଶାଢ଼ିର ଭାଙ୍ଗ ଅନୁସାରେ ଦାଗ ରହିବନି କି ଶାଢ଼ି ଚିରିଯିବ ନାହିଁ।

*–ଶୁଭଶ୍ରୀ ଦାସ, ଅଧ୍ୟାପିକା, ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା*

**ପ୍ରତି ୬ମାସରେ ଥରେ ଭାଙ୍ଗ ବଦଳାଇଦିଏ:** ପାଟ ଆଉ ସିଲ୍କ ଶାଢ଼ି ପାଇଁ ମୋର ରହିଛି ବିଶେଷ ଅକର୍ଷଣ। ତେବେ ପାଟକୁ ଯତ୍ନରେ ସାଇତି ରଖିବା ହିଁ ସବୁଠୁ ବଡ଼ ଚିନ୍ତା। କାରଣ ଏହି ଶାଢ଼ିକୁ ସବୁବେଳେ ପିନ୍ଧି ହୁଏନି। କେବଳ ବିଶେଷ ଅବସରରେ ପିନ୍ଧିବାକୁ ଭଲ ଲାଗେ। ଅନେକ ସମୟରେ ଏହି ସବୁ ଶାଢ଼ି ରହି ରହି ଫାଟି ଯାଏ। ଏକେରେ ଏତେ ଦାମ୍ ପୁଣି ନିଜ ପ୍ରିୟ ଶାଢ଼ି ନଷ୍ଟ ହେଇଗଲେ ଦୁଃଖ ତ ଲାଗିବ। ମୋର କେତେଟା ଶାଢ଼ି ଏମିତି ନଷ୍ଟ ହେଇଗଲା। ତେଣୁ ଏବେ ମୁଁ ବିଶେଷ ଭାବରେ ଯତ୍ନ ନେଉଛି। ପାଟ ଓ ସିଲ୍କ ଶାଢ଼ିକୁ ପ୍ରତି ୬ ମାସରେ ଥରେ ଖୋଲି ତାର ଭାଙ୍ଗ ବଦଳାଇ ପୁଣି ଥରେ ଭାଙ୍ଗି ରଖୁଛି। ପୁରୁଣା ଭାଙ୍ଗର ଚିହ୍ନକୁ ପ୍ରେସ କରି ସମାନ କରିଦିଏ। ପାଟ ଶାଢି ରଖୁଥିବା ଥାକରେ ସୁତା କପଡ଼ାରେ ଗୁଡ଼ାଇ ଗନ୍ଧ କର୍ପୁର ନିହାତି ରଖେ। ବର୍ଷକୁ ଥରେ ଭାଦ୍ରବ ମାସରେ ପାଟ ଓ ସିଲ୍କ ଶାଢ଼ିକୁ ଖରାଦିଏ। ଏହି ଶାଢ଼ିକୁ ପଲିଥିନ୍ ପ୍ୟାକେଟ୍ ଭିତରେ ରଖିଲେ ବି ଭଲ। ଯେବେ ବି ପାଟ ଶାଢ଼ି ପିନ୍ଧି କୁଆଡେ ଯାଏ ଫେରିଲା ପରେ ତାକୁ ଖେଳାଇ ଦିଏ ଏବଂ ବେଳେବେଳେ ତାକୁ ଖରାରେ ପକାଇ ଭାଙ୍ଗି ରଖେ। ଯଦି କୌଣସି କାରଣରୁ ଶାଢିରେ ଅସନା ଲାଗିଗଲା ତାହେଲେ ଡ୍ରାଏ କ୍ଲିନ୍ ପୂର୍ବରୁ ଇଜି କିମ୍ବା ସାମ୍ପୁରେ ଧୋଇଦିଏ।



*–ଇତିଶ୍ରୀ ସେନାପତି, ଗୃହିଣୀ, ଭୁବନେଶ୍ୱର*

**ବର୍ଷକୁ ଥରେ ଖରାଦିଏ:** ମାଆ କହେ ଶାଢ଼ିକୁ ବର୍ଷକୁ ଥରେ ଖରାରେ ଶୁଖାଇ ରଖିବା କଥା। ସେଥିପାଇଁ ମୁଁ ପାଟ ଶାଢ଼ିକୁ ବି ବର୍ଷାଦିନେ ଥରେ ଭଲ ଖରା ହେଉଥିବା ସମୟରେ ଖୋଲି ଶୁଖାଇ ଦିଏ। କିଛି ସମୟ ଖରାରେ ଶୁଖାଇବା ପରେ ପୁଣି ଥରେ ଭାଙ୍ଗି ରଖିଦିଏ। ଆଉ ଶାଢ଼ିକୁ ତା' ପୁରୁଣା ଭାଙ୍ଗ ଅନୁସାରେ ନ ଭାଙ୍ଗି ମୁଁ ଅନ୍ୟ ଢଙ୍ଗରେ ଭାଙ୍ଗି ରଖେ। ତେବେ ପାଟ ଶାଢି ଅଧିକ ଦିନ ଭଙ୍ଗା ହୋଇ ରହିଲେ ଚିରି ଯିବାର ଆଶଙ୍କା ଥିବାରୁ ଅତି କମରେ ବର୍ଷକୁ ଥରେ ପାଟ ଶାଢ଼ିକୁ ପିନ୍ଧିବା ପାଇଁ ମୁଁ ଚେଷ୍ଟା କରିଥାଏ।



*–ଶର୍ମିଷ୍ଠା ପ୍ରିୟଦର୍ଶିନୀ ସ୍ୱାଇଁ, ଗୃହିଣୀ, ଭୁବନେଶ୍ୱର*

**ଏବେ ଡ୍ରାଏ ୱାଶ୍ କରି ରଖୁଛି:** ମୋର ବାହାଘର ବେଳର ସବୁ ପାଟ ଶାଢ଼ି ଏବେ ବି ସେମିତି ରହିଛି। ଅବଶ୍ୟ କେତେଗୁଡ଼ିଏ ପୁରୁଣା ଡିଜାଇନ ଭଳି ଲାଗୁଛି। କିନ୍ତୁ ସବୁ ପାଟ ଶାଢ଼ିଗୁଡ଼ିକ ସୁନ୍ଦର ଦେଖାଯାଉଛି। ଆଗରୁ ଆମେ ପାଟ ଶାଢ଼ିକୁ ରିଠା ଫଳରେ ଧୋଇ ସଙ୍ଗେ ସଙ୍ଗେ ଶୁଖାଇ ଆଇରନ୍ କରି ରଖୁଥିଲୁ। ଏବେ ତ ଡ୍ରାଏ ୱାଶ୍ କରି ସହଜରେ ରଖାଯାଉଛି। କିନ୍ତୁ ଶାଢ଼ିକୁ ବେଶି ଦିନ ଗୋଟିଏ ଭାଙ୍ଗରେ ରଖିବା ଠିକ୍ ନୁହେଁ। ସେଥିପାଇଁ ମୁଁ ଶାଢ଼ିକୁ ମଝିରେ ମଝିରେ ବାହାର କରି ଅଳ୍ପ ସମୟ ଖରା ଦେଇ ପୁଣି ଭାଙ୍ଗି ରଖେ। ଯତ୍ନରେ ରଖିଲେ ପାଟ ଶାଢି ସବୁ ସେମିତି ରହିଥିବ।



*–ସୁରଭିବାଳା ମହାନ୍ତି, ଗୃହିଣୀ, ଆଶ୍ରା, ଧାମରା, ଭଦ୍ରକ*

# ଘରେ କରନ୍ତୁ କଫ୍ ଶିରପ୍



କାଶ ହେବା ସମୟରେ ବ୍ୟବହାର ହେଉଥିବା କଫ୍ ଶିରପ୍‌କୁ ଆପଣ ଘରେ ବି ତିଆରି କରିପାରିବେ। ଏଥିପାଇଁ ମୁଖ୍ୟତଃ ୪ଟି ଜିନିଷ ଆବଶ୍ୟକ ହୋଇଥାଏ। ଅଲିଭ୍ ଅଏଲ୍, ମହୁ, ଅଦା ଓ ଲେମ୍ବୁ ରସ। ଏସବୁ ସାମଗ୍ରୀ ଗଳା ନିମନ୍ତେ ଲାଭଦାୟକ। ଗଳାରେ ଖିଚ୍ ଖିଚ୍ କମ୍ କରିବା ନିମନ୍ତେ ମହୁ ଅତ୍ୟନ୍ତ ଲାଭଦାୟକ। ଗଳାଦରଜ ସମସ୍ୟାରୁ ମୁକ୍ତି ନିମନ୍ତେ ଅଦା ଉପକାରୀ। ଏଥିରେ ଆଣ୍ଟି ବାୟୋଟିକ୍ ତତ୍ତ୍ୱ ରହିଛି, ଯାହା ଇନ୍‌ଫେକ୍‌ସନ୍ ଓ ଗଳା ଦରଜ ସମସ୍ୟାରୁ ମୁକ୍ତି ଦେଇଥାଏ। ଲେମ୍ବୁରେ ସାଇଟ୍ରିକ୍ ଅମ୍ଳ ରହିଥିବାରୁ ଏହା କଫ ନାଶ କରିବାରେ ସହାୟକ ହୋଇଥାଏ।

କଫ୍ ଶିରପ୍ ତିଆରି କରିବା ନିମନ୍ତେ ଅଲିଭ୍ ଅଏଲରେ ମହୁ, ଲେମ୍ବୁ ରସ ଓ ଛେଚା ହୋଇଥିବା ଅଦାକୁ ମିଶାନ୍ତୁ। ଏସବୁକୁ ଏକାଠି କରି ସଙ୍ଗେ ସଙ୍ଗେ ଖାଇ ଦିଅନ୍ତୁ। କାଶ ହେଉଥିଲେ ଆରାମ ଲାଗିବ। ତେବେ ଅଧିକ କାଶ ହେଉଥିଲେ ଡାକ୍ତରଙ୍କ ସହ ପରାମର୍ଶ ନିଶ୍ଚୟ କରନ୍ତୁ।

## ଖାଦ୍ୟ ରୁଚି

# ପଞ୍ଜାବୀ ଡାଲ୍ ମଖାନୀ



**ଆବଶ୍ୟକ ସାମଗ୍ରୀ:** ବିରି ଡାଲି– ୧ କପ୍ (ରାତିରୁ ଭିଜା ହୋଇଥିବା), ରାଜମା– ୧ କପ୍ (ରାତିରୁ ଭିଜା ହୋଇଥିବା), ପିଆଜ– ୨ଟି (କଟା), ଟମାଟୋ– ୨ଟି, ଲଙ୍କାଗୁଣ୍ଡ– ୧ ଚାମଚ, ଧନିଆ ଗୁଣ୍ଡ– ୧ ଚାମଚ, ଅଦା ପେଷ୍ଟ– ୧ ଚାମଚ, ରସୁଣ ପେଷ୍ଟ– ୧ ଚାମଚ, ଜିରା– ୧ଚାମଚ, କ୍ରିମ୍– ୧ ଚାମଚ, କଞ୍ଚାଲଙ୍କା–୩–୪ଟି ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରଣାଳୀ:** ପ୍ରଥମେ ରାତିରୁ ଭିଜା ହୋଇଥିବା ବିରି ଡାଲି ଓ ରାଜମାକୁ ଭଲଭାବେ ଧୋଇ ପ୍ରେସର କୁକରରେ ସିଝାଇ ଦିଅନ୍ତୁ। ଏହାପରେ ଟମାଟୋକୁ ବାଟି ତା'ର ପ୍ୟୁରି କରି ରଖନ୍ତୁ। କଡେଇ ବସାଇ ସେଥିରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଅଦା ପେଷ୍ଟ, ରସୁଣ ପେଷ୍ଟ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ କଟା ପିଆଜ ଓ ଜିରା ପକାନ୍ତୁ। ପିଆଜ ଓ ମସଲା ଭଲଭାବେ କଷି ହୋଇଗଲେ ସେଥିରେ ଟମାଟୋ ପ୍ୟୁରି ପକାନ୍ତୁ। ୩–୪ ମିନିଟ୍ ପର୍ଯ୍ୟନ୍ତ କଷିବା ପରେ ସେଥିରେ କଞ୍ଚା ଲଙ୍କା, ଧନିଆ ଗୁଣ୍ଡ ଓ ଲଙ୍କାଗୁଣ୍ଡ ମିଶାନ୍ତୁ। ଏହାପରେ ସିଝା ଡାଲିରେ ମସଲା ମିଶାଇ କିଛି ସମୟ ଫୁଟାନ୍ତୁ। ଶେଷରେ ଡାଲି ଉପରେ କିଛି କ୍ରିମ୍ ମିଶାନ୍ତୁ।



# ଜାଣିରଖନ୍ତୁ

➤କମ୍ ହାଇଟ୍ ଥିଲେ ବି ଆପଣ ୱେଷ୍ଟର୍ଣ୍ଣ ଡ୍ରେସ୍ ପିନ୍ଧିପାରିବେ। ତେବେ ଯେକୌଣସି ପ୍ରକାରର ଡ୍ରେସ ପିନ୍ଧିଲେ ଆପଣ ଭର୍ଟିକାଲ୍ ଷ୍ଟ୍ରାଇପ୍ ଥିବା ଡ୍ରେସ ପିନ୍ଧନ୍ତୁ। ଏହି ପ୍ରକାରର ଜିନ୍ସ ପ୍ଲାଣ୍ଟ, ଡ୍ରେସ୍, ସ୍କର୍ଟ, ଡ୍ରେସ୍ ଆଦି ପିନ୍ଧିପାରିବେ।

➤ଗୋଡ଼କୁ ଲମ୍ବା ଦେଖାଇବାକୁ ଚାହୁଁଥିଲେ ହାଇ ୱେଷ୍ଟ ବଟମ୍ସ ପିନ୍ଧନ୍ତୁ। ଏହା ସହିତ କ୍ରପ ଟପ୍ ସହିତ ପିନ୍ଧନ୍ତୁ।

➤ସ୍ଲିଭ୍ ଲେସ୍ ଡ୍ରେସ୍ ଅଧିକ ପିନ୍ଧନ୍ତୁ। ଏହା ଆପଣଙ୍କ ହାତକୁ ଅଧିକ ଲମ୍ବା ଦେଖାଇବାରେ ସାହାଯ୍ୟ କରିବ। ସେହିପରି ଫୁଲ ହାତ ଡ୍ରେସ ବଦଳରେ ସ୍ଲିଭ୍ ହାତ ଡ୍ରେସ ବ୍ୟବହାର କରନ୍ତୁ।

➤କମ୍ ହାଇଟ୍ ଥିଲେ ଟର୍ଟେଲ ନେକ୍ ଓ ବୋଟ୍ ନେକ୍ ଡ୍ରେସ ପିନ୍ଧନ୍ତୁ ନାହିଁ। ନେକ୍ ଲାଇନ୍ ଥିବା ଡ୍ରେସ ପିନ୍ଧନ୍ତୁ।

➤କ୍ୟାପ୍ରି ପିନ୍ଧନ୍ତୁ ନାହିଁ। ସ୍ଲିମ୍ ଓ ଫିଟିଙ୍ଗ୍ ଡ୍ରେସ ପିନ୍ଧନ୍ତୁ।

➤ ଡାର୍କ କଲର୍ ଯେପରି କଳା, ଲାଲ୍, ପର୍ପଲ, ବ୍ରାଉନ୍ ଆଦି ରଙ୍ଗର ଡ୍ରେସରେ ଅଧିକ ଡେଙ୍ଗା ଓ ସ୍ଲିମ୍ ଦେଖାଯାନ୍ତି। ତେଣୁ ଏହି ରଙ୍ଗର ଡ୍ରେସ ଅଧିକ ପିନ୍ଧନ୍ତୁ।

➤ହେଭି କାମ ଥିବା ସିଲ୍କ ଏବଂ କାଞ୍ଜିବରମ୍ ଫେବ୍ରିକ୍ ପିନ୍ଧନ୍ତୁ ନାହିଁ। ଏହା ବଦଳରେ ଶିଫନ୍, ଜର୍ଜେଟ୍ କିମ୍ବା ଶିମର୍ ଭଳି ହାଲ୍‌କା ଫେବ୍ରିକ୍‌ର ଶାଢ଼ି ପିନ୍ଧନ୍ତୁ।– ସେହିପରି କୁର୍ତ୍ତା ପିନ୍ଧୁଥିଲେ ଲମ୍ବା କୁର୍ତ୍ତା ପିନ୍ଧନ୍ତୁ। ନେକ୍ ଷ୍ଟାଇଲ୍ ଚାଇନିଜ୍ କିମ୍ବା ବନ୍ଦ ବେକ ଭଳି ହୋଇଥିଲେ ଅଧିକ ଡେଙ୍ଗା ମନେହେବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ଅକ୍ଟୋବର ୬/୨୦୨୦ Dhenkanal, Tuesday, October 6/ 2020

# ଦିଲ୍ଲୀ କ୍ୟାପିଟାଲ୍ସର ଚତୁର୍ଥ ବିଜୟ



ଅର୍ଦ୍ଧଶତକ ହାସଲକାରୀ ମାର୍କୁସ୍ ଷ୍ଟୋଇନିସ୍।

**ଦୁବାଇ, ୫।୧୦**

ପୃଥ୍ୱୀ ଶ'ଙ୍କ ବିସ୍ଫୋରକ ବ୍ୟାଟିଂ, ମାର୍କୁସ ଷ୍ଟୋଇନିସଙ୍କ ଅପରାଜିତ ଅର୍ଦ୍ଧଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ୫୯ ରନରେ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୪ ଉଇକେଟ ହରାଇ ୧୯୬ ରନ କରିଥିବାବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ କରି ପାରିଥିଲା। ୫ ମ୍ୟାଚରୁ ୪ର୍ଥ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟପକ୍ଷରେ ୫ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଥିବା ଆରସିବି ତୃତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ବଡ଼ ସ୍କୋରର ପିଛା କରି ଆରସିବି ମାତ୍ର ୨୭ ରନରେ ଦୁଇ ଓପନରଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଦେବଦତ୍ତ ପଡିକାଲ ୪ ଓ ଆରୋନ ଫିଞ୍ଚ୍ ୧୩ ରନ କରି ଆଉଟ ହୋଇଥିଲେ। ପରେ ଏବି ଡି'ଭିଲର୍ସ ମାତ୍ର ୯ ରନରେ ଆଉଟ ହେବା ଦଳ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ବଡ଼ ଶଟ୍ ଖେଳିବା ଦକ୍ଷତା ରଖିଥିବା ମୋଇନ୍ ଅଲୀ କ୍ରିଜରେ ଯୋଗ ଦେଇଥିଲେ ହେଁ ମାତ୍ର ୧୧ ରନର ଯୋଗଦାନ ଦେଇ ପାରିଥିଲେ। ଫଳରେ କୋହଲିଙ୍କ ଉପରେ ଚାପ କ୍ରମଶଃ ବଢ଼ିଥିଲା। ୧୪ତମ ଓଭରରେ ବୋଲିଂ କରିଥିବା କାଗିଶୋ ରାବାଡ଼ାଙ୍କ ତୃତୀୟ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ ଦେଇ କୋହଲି ପ୍ୟାଭିଲିୟନ ଫେରିବା ସହ ଆରସିବିର ବିଜୟ ଆଶା ଶେଷ ହୋଇ ଯାଇଥିଲା। ୩୯ଟି ବଲ୍ ଖେଳିଥିବା କୋହଲି ୨ ଚୌକା ଓ ୧ ଛକା ସହାୟତାରେ ୪୩ ରନ କରିଥିଲେ। ୱାଶିଂଟନ ସୁନ୍ଦର ୧୭ ଓ ଶିବମ୍ ଦୁବେ ୧୧ ରନ କରିବାକୁ ସକ୍ଷମ ହୋଇଥିଲେ। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୪ଟି, ଏନରିଚ୍ ନର୍ଜେ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ୧ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟକ ବିରାଟ କୋହଲି। ଦିଲ୍ଲୀ ପକ୍ଷରୁ ପୃଥ୍ୱୀ ଶ' ଓ ଶିଖର ଧାୱନ ବିସ୍ଫୋରକ ଆରମ୍ଭ କରିଥିଲେ। ପୂର୍ବ ମ୍ୟାଚ ଗୁଡ଼ିକ ଭଳି ୱାଶିଂଟନ ସୁନ୍ଦର ଚମତ୍କାର ବୋଲିଂ କରିଥିଲେ ହେଁ ଅନ୍ୟ ବୋଲରଙ୍କୁ ଏ ଦୁହେଁ ଟାର୍ଗେଟ କରିଥିଲେ। ଫଳରେ ପାୱାର ପ୍ଲେ ୬ ଓଭର ବେଳକୁ ଦିଲ୍ଲୀ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ କରି ନେଇଥିଲା। ୪୦ ବଲ୍‌ରୁ ୬୮ ରନ ସଂଗ୍ରହ ହେବାପରେ ପୃଥ୍ୱୀ ଆଉଟ ହୋଇଥିଲେ। ଚଳିତ ସିଜନରେ ପ୍ରଥମଥର ପାଇଁ ଖେଳିବା ସୁଯୋଗ ପାଇଥିବା ମହମ୍ମଦ ସିରାଜ ଆରସିବିକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ୨୩ଟି ବଲ୍ ଖେଳିଥିବା ପୃଥ୍ୱୀ ୫ ଚୌକା ଓ ୨ ଛକା ସହାୟତାରେ ୪୨ ରନ ସଂଗ୍ରହ କରିଥିଲେ। ଏହାର ୩ ଓଭର ପରେ ଧାୱନ ୩୨(୨୮ ବଲ, ୩ ଚୌକା) ରନ କରି ଆଉଟ ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟାର ମାତ୍ର ୧୧(୧୩ ବଲ, ୧ ଚୌକା) ରନରେ ଆଉଟ ହେବା ଦଳକୁ ଧକ୍କା ପହଞ୍ଚାଇଥିଲେ ହେଁ ରିଷଭ ପନ୍ତ ଓ ମାର୍କୁସ ଷ୍ଟୋଇନିସ ୪ର୍ଥ ଉଇକେଟରେ ୮୯ ରନ ଯୋଗ କରି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୧୯ତମ ଓଭର ବୋଲିଂ କରିଥିବା ମହମ୍ମଦ ସିରାଜଙ୍କ ଦ୍ୱିତୀୟ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ ପନ୍ତ। ସେ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୨ ଛକା ସହାୟତାରେ ୩୭ ରନ କରିଥିଲେ। ଷ୍ଟୋଇନିସ ଦଳ ପକ୍ଷରୁ ସର୍ବାଧିକ ୫୩ ରନ କରି ଅପରାଜିତ ରହିଥିଲେ। ସେ ମାତ୍ର ୨୬ଟି ବଲ୍ ଖେଳିଥିବାବେଳେ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ଶିମରନ ହେଟମେର ୭ ବଲ୍‌ରୁ ୧୧(୧ ଛକା) ରନରେ ଅପରାଜିତ ଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ୨ଟି ଏବଂ ଇସୁରୁ ଉଡାନା ଓ ମୋଇନ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୱାଶିଂଟନ ସୁନ୍ଦର ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୨୦ ରନ ବ୍ୟୟ କରିଥିଲେ।

## ଅକ୍ଷର ପଟେଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍

## ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୯୬/୪ (ଷ୍ଟୋଇନିସ-୫୩*, ପୃଥ୍ୱୀ-୪୨, ପନ୍ତ-୩୭, ଧାୱନ-୩୨, ସିରାଜ-୨/୩୪, ଉଡାନା-୧/୪୦, ମୋଇନ-୧/୨୧)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୩୭/୯ (କୋହଲି-୪୩, ରାବାଡ଼ା-୪/୨୪, ଅକ୍ଷର-୨/୧୮, ନର୍ଜେ-୨/୨୨, ଅଶ୍ୱିନ-୧/୨୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୬୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | +୧.୨୧୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୩ | ୨ | ୬ | -୧.୩୫୫ |
| ନାଇଟ ରାଇଡର୍ସ | ୪ | ୨ | ୨ | ୪ | -୦.୧୨୧ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୩୧୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୫ | ୨ | ୩ | ୪ | -୦.୩୪୨ |
| ସନ୍‌ରାଇଜର୍ସ | ୫ | ୨ | ୩ | ୪ | -୦.୪୧୭ |
| କିଙ୍ଗ୍ସ ଇଲେଭେନ | ୫ | ୧ | ୪ | ୨ | +୦.୧୭୮ |

# ବଲ୍‌ରେ ସାଲିଭା ବ୍ୟବହାର କଲେ କୋହଲି

**ଦୁବାଇ, ୫।୧୦(ପି.ଟି.)**

ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚ ସମୟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ବିରାଟ କୋହଲି ଅସାବଧାନତା ବଶତଃ ବଲ୍‌ରେ ସାଲିଭା (ଲାଳ) ବ୍ୟବହାର କରିଛନ୍ତି। ଫଳରେ ସେ ଆଇସିସିର କୋଭିଡ-୧୯ ପ୍ରୋଟୋକଲ ଭଙ୍ଗ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ଶର୍ଟ କଭର ଅଞ୍ଚଳରେ ଫିଲ୍ଡିଂ କରୁଥିବାବେଳେ ସେ ବଲ୍‌କୁ ଅଟକାଇବାପରେ ସେଥିରେ ସାଲିଭା ଲଗାଇଥିଲେ। ପରେ ସେ ତତ୍‌କ୍ଷଣାତ୍ ଭୁଲ ବୁଝି ପାରିଥିଲେ ଏବଂ ବଲ୍‌କୁ ପୋଛି ସଫା କରିଦିଆ ଯାଇଥିଲା। ଗତସପ୍ତାହରେ ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ରବିନ ଉଥପ୍ପା କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ସାଲିଭା ବ୍ୟବହାର କରିଥିଲେ। ନିୟମ ଅନୁସାରେ କୌଣସି ଖେଳାଳି ବଲ୍‌ରେ ସାଲିଭା ବ୍ୟବହାର କଲେ ଅମ୍ପାୟର ତାହାକୁ ସଫାକରି ଖେଳ ଜାରି ରଖିବେ। ମାତ୍ର ଏହା ଜାରି ରହିଲେ ଅମ୍ପାୟର ଚେତାବନୀ ଦେଇପାରିବେ। ଏକ ଦଳକୁ ଗୋଟିଏ ଇନିଂସରେ ୨ ଥର ଚେତାବନୀ ଦିଆଯାଇପାରିବ। ଏହାପରେ ସେହି ଘଟଣା ଘଟିଲେ ଦଣ୍ଡ ସ୍ୱରୂପ ଦଳର ସ୍କୋରରୁ ୫ ରନ କାଟି ଦିଆଯିବ।

# ଫୁଟ୍‌ବଲ ପାଇଁ ପ୍ରଥମ ପଦକ୍ଷେପ

**ନୂଆଦିଲ୍ଲୀ, ୫।୧୦ (ପି.ଟି.):** ଖେଳ ଆରମ୍ଭ କରିବା ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପ୍ରଥମ ପଦକ୍ଷେପ ନିଆଯାଇଥିବା ଏହାର ସଭାପତି ପ୍ରଫୁଲ୍ଲ ପଟେଲ ପ୍ରକାଶ କରିଛନ୍ତି। ସୋମବାର ଗଭର୍ନିଂବଡିର ନୂଆ ନୀତିବାକ୍ୟ 'ଇଣ୍ଡିଆନ୍ ଫୁଟ୍‌ବଲ୍ ଫରୱାର୍ଡ ଟୁଗେଦର'ର ଉନ୍ମୋଚନ ଅବସରରେ ସେ ଏକଥା କହିଛନ୍ତି। କୋଭିଡ୍-୧୯ ଲକ୍‌ଡାଉନ୍ ଯୋଗୁ କେବଳ ଫୁଟ୍‌ବଲ ନୁହେଁ ଅନ୍ୟ ସମସ୍ତ ଖେଳ ସ୍ଥାଣୁ ପାଲଟି ଯାଇଥିଲା। ଗୋଆରେ ଡିସେମ୍ବରରେ ବ୍ୟୟବହୁଳ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଖେଳାଯିବ। ଲକ୍ ଡାଉନ୍ ଓପନ୍ ହେବା ପରେ ଦେଶରେ ପ୍ରଥମେ ଏକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଏହା ପଛରେ ଅଂଶୀଦାରମାନଙ୍କ ବିଶେଷ ଭୂମିକା ରହିଛି ବୋଲି ପୂର୍ବତନ ମନ୍ତ୍ରୀ କହିଛନ୍ତି। ତେବେ ଗେମ୍ ଆରମ୍ଭ ପାଇଁ କି କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ବିସ୍ତୃତ ଭାବେ କିଛି କହି ନ ଥିଲେ।

# ବିନା ଦର୍ଶକରେ ହେବ ତୁର୍କୀଶ ଗ୍ରାଁ ପ୍ରି

**ଇସ୍ତାନ୍‌ବୁଲ୍, ୫।୧୦:** ପ୍ରୋଭିନ୍‌ସିଆଲ ପାଣ୍ଡେମିକ୍ କମିଟିର ନିଷ୍ପତ୍ତି କ୍ରମେ ତୁର୍କୀଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ବିନା ଦର୍ଶକରେ ହେବ। ସ୍ଥାନୀୟ ଗଭର୍ନରଙ୍କ କାର୍ଯ୍ୟାଳୟ ତରଫରୁ ଏକ ବିବୃତିରେ ଏହା ପ୍ରକାଶ କରାଯାଇଛି। କେତେକ ୟୁରୋପୀୟ ଦେଶ ଭଳି ତୁର୍କୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଫଳରେ ୧୩ରେ ବିନା ଦର୍ଶକରେ ରେସ୍ ହେବ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ